01726
5/6/70

ଏକ ରହସ୍ୟ ଉପନ୍ୟାସ

# ପ୍ରେମ ନୁହେଁ ହତ୍ୟା

କରଣ କୁମାର

# ପ୍ରେମ ନୁହେଁ ହତ୍ୟା

ଲେଖକ :

କିରଣ କୁମାର

ପ୍ରକାଶକ ଓ ପରିବେଷକ :

ଡିଟେକ୍‌ଟିଭ ହାଉସ

ଉଚସାହି, କଟକ-୧

ଛାପିଛନ୍ତି :

ଚନ୍ଦ୍ରଲେଖା ପ୍ରିଣ୍ଟର୍ସ

କଟକ-୧

ପ୍ରତି ଖଣ୍ଡର ମୂଲ୍ୟ ଏକଟଙ୍କା

---

Prem nuhen Hatya (crimi novel)

by. Kiran kumar.

## ଏକ

ନୀରନ୍ଧ୍ର ଅନ୍ଧକାର ମଧ୍ୟରେ ଏକ ଅଶରୀରୀ ଗୁଞ୍ଜା ।

ରାତି ଦଶଟା । ନିଜ ସ୍କୁଟରରେ ବସିଛି ମନମୋହନ । ଆଜି ଅଫିସ କାମସାରି ଆସିବା ପାଇଁ ଡେରି ହୋଇଛି । ସହରଠାରୁ ଅଳ୍ପ ଦୂରରେ ତାଙ୍କ ଅଫିସ । ଆଉ ଅଳ୍ପ ସମୟ ପରେ ଅନ୍ଧକାର ପଛରେ ରହିଯିବ । ସହରର ଉପକଣ୍ଠର ଆଲୋକମାଳା ତାର ସାମନାରେ । ସ୍କୁଟରର ଗତି କମାଇଁ ନାହିଁ ।

ସହରର ଜନ ସମାଗମ ନିସ୍ତେଜ ହୋଇ ଆସିଲାଣି । ଜେଲ ପାରି ହୋଇ ବଡ଼ ଦାଣ୍ଡରେ ପହଞ୍ଚିବାରୁ ମନମୋହନ ତା ସ୍କୁଟରର ଗତି କମେଇ ଦେଲା । ବଡ଼ ଦାଣ୍ଡରୁ ମାର୍କେଟ ଗଳି ଦେଇ ସେ ତାର ହେର ଗୋହରୀ ସାହିସ୍ଥ ଦ୍ୱିତଳ ପ୍ରାସାଦ ସମ୍ମୁଖରେ ସ୍କୁଟରରୁ ଓହ୍ଲାଇଲା । ସେ ଆଜି କ୍ଲାନ୍ତ ।

ଏହି ପ୍ରାସାଦଟି ତା ନିଜର । ତଳ ମହଲଟିକୁ ଭଡ଼ା ଲଗାଇଛି । ଉପର ମହଲରେ ନିଜେ ରହୁଛି । ଘରେ ତାର ମା ଏକାକୀ । ସେ ନିଜେ ଅବିବାହିତ । ଉପର ମହଲାର ଆଲୁଅ ଏବେ ବି ଲିଭିନାହିଁ । ମନମୋହନ ବୁଝି ପାରିଲା ଯେ ମା ଏବେ ମଧ୍ୟ ଅପେକ୍ଷା କରି ରହିଛି । ନିଜର ଅଭ୍ୟାସାନୁସାରେ ସିଡ଼ି ଦେଇ ଉପରକୁ ଉଠିଲା । ଦୁଇ ତିନିଥର ଶିକୁଳି ଝଣ୍ ଝଣ୍ କଲା, କିନ୍ତୁ ତାର ମା ଆସି ଦୁଆର ଖୋଲିଲା ନାହିଁ । ସେ କ୍ଷଣ

ହୋଇ ପଡ଼ିଲା । କାରଣ ଦୁଆର ଖୋଲିବାରେ ଏପରି ଅବହେଳା ସେ କେବେହେଲେ ଅନୁଭବ କରି ନଥିଲା । ସେ କବାଟକୁ ଧକ୍କା ମାରିଲା, କବାଟ ଖୋଲିଗଲା ।

ସେ ଆଶ୍ଚର୍ଯ୍ୟ ହେଲା, ଦୁଆର ବନ୍ଦ ନଥିଲା କାହିଁକି ? ଘରେ ଆଲୁଅ ଜଳୁଛି ଅଥଚ ମା କବାଟ ଖୋଲିବାକୁ ଆସିଲା ନାହିଁ କାହିଁକି ? ଅଜଣା ଆଶଙ୍କାରେ ସେ 'ମା', 'ମା' ଚିତ୍କାର କଲା ; କିନ୍ତୁ କୌଣସି ଉତ୍ତର ପାଇଲା ନାହିଁ । ନିଜ ବେଡ଼ ରୁମ୍‌କୁ ଗଲା । ମାର ଅନୁପସ୍ଥିତି ତାର ମନରେ ଅଜଣା ଭୟ ସୃଷ୍ଟି କଲା । ସେ ବ୍ୟଗ୍ରତାର ସହିତ 'ଖାଇବା ଘର' ଆଡ଼କୁ ଦୌଡ଼ିଗଲା । ଆଲୁଅ ଜଳୁଥିଲା । ଦୁଆର ମୁହଁରେ ସେ ଅଟକି ଗଲା । ତାର ଅଜାଣତରେ ତାର ପାଟିରୁ ଏକ ଆର୍ତ୍ତନାଦର ଚିତ୍କାର ବାହାରି ଆସିଲା । ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ଘରର ଚଟାଣରେ ରକ୍ତର ସ୍ରୋତ । ମାର ଶରୀରରେ ଅଘାତର ଚିହ୍ନ ସେ ଦେଖି ପାରିଲା । କାରଣ ମାର ଶରୀରଟି ଉଲଗ୍ନ ଭାବରେ ତଳେ ପଡ଼ିଥିଲା । ସେ ସ୍ପଷ୍ଟ ଭାବରେ ଜାଣି ପାରିଲା ଯେ ମାର ଶରୀରଟି ସ୍ପନ୍ଦନହୀନ ।

ସେ ତାର ଅଜାଣତରେ ଚିତ୍କାର କରି ବାହାରକୁ ଦୌଡ଼ି ଆସିଲା । ତାର ଚିତ୍କାରରେ ତଳ ମହଲା ଓ ପାଖଘରର ଲୋକ ଆସି ଜମା ହୋଇଗଲେ । ପ୍ରଥମେ ମନମୋହନ କିଛି କହି ପାରିଲା ନାହିଁ । ସେ ଥକ୍କା ହୋଇ ବସି ପଡ଼ିଲା । ତାଠାରୁ କୌଣସି ଉତ୍ତର ନ ପାଇ ଜଣେ ମୁରବି ଲୋକ ଘର ଭିତରକୁ ଗଲେ । ପରେ ପରେ ସମସ୍ତେ ଜାଣି ପାରିଲେ ଯେ ମନମୋହନଙ୍କର ମାଙ୍କୁ କେହି ହତ୍ୟା କରି ଚାଲି ଯାଇଛି ।

ଘଣ୍ଟାକ ଭିତରେ ଇନସପେକ୍ଟର ଅବନୀ ଦାସ ସଦଳବଳେ ପହଞ୍ଚି ଗଲେ । ମନମୋହନ ବିଶ୍ୱାସ କରି ପାରୁ ନଥିଲା ସେ ସେ ସମସ୍ତ ଢିବସର ହାତଭଙ୍ଗା ଖଟ ଉପରେ ମାର ନଗ୍ନ ଶରୀର ଏପରି ରକ୍ତାକ୍ତ ଅଶ୍ରୁରେ ଦେଖିବ ।

ପୁଲିସ ଉପସ୍ଥିତିରେ ଜନ ଗହଳି କମି ଯାଇଥିଲେ । ପ୍ରଥମେ ଇନସପେକ୍ଟର ଅବନୀ ଦାସ ପୁଲିସ ଡାକ୍ତରଙ୍କୁ ପ୍ରାଥମିକ ରିପୋର୍ଟ ଲେଖିବା ପାଇଁ ଅନୁରୋଧ କଲେ । ଇନସ୍‌ପେକ୍ଟର ମନ ମୋହନ ବ୍ୟତୀତ ଅନ୍ୟ ଉପସ୍ଥିତ ଦର୍ଶକମାନଙ୍କୁ ଚାଲି ଯିବାପାଇଁ ଅନୁରୋଧ କଲେ । କାରଣ ହତ୍ୟାକାରୀର ପାଦ ଓ ହାତର ଚିହ୍ନ ଲିଭି ଯାଇପାରେ ଏତେ ଲୋକଙ୍କର ସମାଗମରେ । ଇନସ୍‌ପେକ୍ଟର ଅବନୀ ଦାସଙ୍କ ସନ୍ଧାନୀ ଚକ୍ଷୁ ଘୂରି ବୁଲୁଥିଲା ଘରର ଚାରି ଆଡ଼େ । ହତ୍ୟାକାରୀ ନିଜ ହତ୍ୟାର ପ୍ରମାଣ ପାଇଁ କିଛି ରଖି ନଥିଲା । ଏପରିକି ନିର୍ଜୀବ ଶରୀର ନିକଟରେ ମଧ୍ୟ କିଛି ଚିହ୍ନ ନଥିଲା । ପୁଲିସ ଡାକ୍ତର କିଛି ସମୟ ପରେ କହିଲେ ଯେ—ଶବଟିର ନଗ୍ନ ଶରୀର ଉପରେ ଅଠରଟି ସଦ୍ୟ ଦାଗ ଅଛି । ଯାହା ଜଣା ପଡୁଛି ପ୍ରଥମେ ପ୍ରଥମେ ହତ୍ୟାକାରୀ ଶରୀରଟିକୁ ଉଲଗ୍ନ କରିବା ପୂର୍ବରୁ ଆଘାତ କରିଥିଲା, ପରେ ଉଲଗ୍ନ କରିବାରେ ସଫଳ ହୋଇ ମଧ୍ୟ ଶରୀରଟିକୁ କ୍ଷତ ବିକ୍ଷତ କରି ଦିଆଯାଇଛି । କାରଣ ଶରୀରର ବିଭିନ୍ନ ଅଂଶରେ ନଖ ଚିହ୍ନ ଓ ତୀକ୍ଷ୍ଣ ଅସ୍ତ୍ରର ଚିହ୍ନ ଅଛି । ଯାହା ହେଉ ମନମୋହନ ବାବୁଙ୍କ ମା ନିଶ୍ଚୟ ହତ୍ୟାକାରୀର ଆକ୍ରମଣକୁ ନିଜ ଶକ୍ତି ମୁତାବକ ବାଧା ଦେଇଛନ୍ତି । ପୁଲିସ ଡାକ୍ତର ପୁଣି କହିଲେ ଯେ—ବୋଧ ହୁଏ ଶେଷ ଅବସ୍ଥାରେ ହତ୍ୟାକାରୀ ତଣ୍ଟି ଚିପି ମାରି ଦେବାକୁ ଚେଷ୍ଟା

କରଥିଲ । ପୁଲସ୍ ପହଞ୍ଚିବାର ଏକ ଘଣ୍ଟା ପୂର୍ବରୁ ଏଇ ହତ୍ୟା କାଣ୍ଡ ଘଟିଥିଲ ।

ରକ୍ତରେ ବୁଡ଼ି ଯାଇଥିବା ଲୁଗା ଟି ଶବର କଡ଼ରେ ପଡ଼ି ରହିଥିଲ । ଶବଟି ଉଲଗ୍ନ ଅବସ୍ଥାରେ ପଡ଼ି ରହିଥିଲ ଓ ମନ-ମୋହନ ବାବୁଙ୍କ ମା ବିଧବା ହେଲେ ମଧ୍ୟ ଯୌବନର ଶେଷାବସ୍ଥା ସ୍ପର୍ଶ କରି ନଥିଲ । ତେଣୁ ଏହି ହତ୍ୟାକାଣ୍ଡଟି ଯେପରି ରହସ୍ୟ ପୂର୍ଣ୍ଣ ସେହି ପରି ମଧ୍ୟ ବୀଭତ୍ସ ପୂର୍ଣ୍ଣଥିଲ ।

ପ୍ରଥମେ ଇନସ୍‌ପେକ୍ଟର ଅବନୀ ଦାସ ଭାବିଥିଲେ କୌଣସି ଚୋରି ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ ହୋଇଛି ; କିନ୍ତୁ ଆଶ୍ଚର୍ଯ୍ୟ କଥା ଘରଟିର କୌଣସି ମୂଲ୍ୟବାନ ବସ୍ତୁ ସ୍ଥାନାନ୍ତରିତ ହୋଇ ନାହିଁ । ଏପରିକ ଗୋଟିଏ ସୁନା ହାର ରକ୍ତରେ ବୁଡ଼ି ଶବଟିର ଡାହାଣ ପାଖରେ ପଡ଼ି ରହିଛି । ତେଣୁ ପରେ ପରେ ଇନସ୍-ପେକ୍ଟର ନିଜର ଭୁଲ ବୁଝି ପାରିଲେ । ଚୋରୀ ଉଦ୍ଦେଶ୍ୟରେ ଏହି ହତ୍ୟାକାଣ୍ଡ କେବେହେଲେ ହୋଇ ନାହିଁ ।

ପାଖ ପଡ଼ୋଶୀ ମାନଙ୍କଠାରୁ ବୁଝି ଇନସ୍‌ପେକ୍ଟର ଜାଣି ପାରିଲ ଯେ କେହି ସେପରି ଚିହ୍ନା କିମ୍ବା ଅଚିହ୍ନା ଲୋକ ମନମୋହନ ବାବୁଙ୍କ ଘରକୁ ଆସିବାର ଦେଖି ନାହାନ୍ତି । ତେଣୁ ଇନସ୍-ପେକ୍ଟର ନିରାଶ ହୋଇ ଠିକ୍ କଲେ ଯେ ପ୍ରଥମେ ସେ ଅନ୍ତତଃ ମନ ମୋହନବାବୁଙ୍କର ଜମାନ ବନ୍ଦୀ ନେବେ । କାରଣ ପ୍ରଥମତଃ ମନ ମୋହନ ବାବୁ ତାଙ୍କର ପୁଅ, ପୁଣି ସେ ପ୍ରଥମେ ଏହି ହତ୍ୟା କାଣ୍ଡକୁ ଅନ୍ୟମାନଙ୍କ ନଜରକୁ ଆଣିଛନ୍ତି ।

ପ୍ରଥମେ ଇନସ୍‌ପେକ୍ଟର ଶବଟିକୁ ପୋଷ୍ଟମାର୍ଟମ କରିବା ପାଇଁ ପଠାଇ ଦେଲେ ଓ ଆଉ ଥରେ ଘରର ଚାରିଆଡ଼େ ନଜର

ଅନୁସନ୍ଧିତ୍ସୁ ଦୃଷ୍ଟି ନିକ୍ଷେପ କଲେ । ପରେ ମନମୋହନ ବାବୁଙ୍କ ପାଖରେ ବଡ଼ାଇ ପଚାରିଲେ—

—ଆପଣ କେବେ ଅଫିସରୁ ଫେରନ୍ତି ?

—ପ୍ରତିଦିନ ସାତଟା ବେଳେ, କିନ୍ତୁ ଆଜି ଅଧିକ କାମ ଥିବାରୁ ଫେରୁ ଫେରୁ ଡେରି ହୋଇଗଲା । ଆଜି ପ୍ରାୟ ରାତି ଦଶଟା ସମୟରେ ଅଫିସ ଛାଡ଼ିଲି ।

—ଆପଣ, କିପରି ଜାଣିଲେ ଯେ ଆପଣଙ୍କ ମାଙ୍କୁ କିଏ ହତ୍ୟା କରିଛି ?

—ସବୁଦିନ ମୁଁ ଆସି ଦୁଆର ଖଟ୍ ଖଟ୍ କଲେ, ମା ଦୁଆର ଖୋଲନ୍ତି । ମା, ମୋର ଆସିବାକୁ ଅପେକ୍ଷା କରିଥାନ୍ତି, ଦୁହେଁ ସାଙ୍ଗ ହୋଇ ଭୋଜନ କରୁଁ । ଆଜି ଏହାର ବ୍ୟତିକ୍ରମ ହେଲା, ମୁଁ ଧକ୍କା ଦେବାରୁ ଦୁଆର ଆପେ ଆପେ ଖୋଲିଗଲା । ମୁଁ ବିସ୍ମୟରେ ଏଣେ ତେଣେ ମାଙ୍କୁ ଖୋଜି ଶେଷରେ ଖାଇବା ଘରେ ମାଙ୍କର ନିଷ୍ପନ୍ଦ ରକ୍ତାକ୍ତ ଶରୀର ଦେଖିବାକୁ ପାଇଲି । ପ୍ରଥମେ ନିଜକୁ ବିଶ୍ୱାସ କରି ନପାରି ବାହାରକୁ ଚାଲି ଆସିଲି । କାରଣ ମାଙ୍କର ଏ ପ୍ରକାର ଅବସ୍ଥାକୁ ଦେଖିବାର ସାହାସ ମୋର ନଥିଲା । ଇନସ୍‌ପେକ୍ଟର ଅବନୀ ଦାସଙ୍କ ଆଉ କେତେକ ପ୍ରଶ୍ନର ଉତ୍ତର ଦେଇ ମନ ମୋହନ କହିଲେ ଯେ—

"ମୋର ବାପା ଏକ ଲୁହା ଢ଼ଳେଇ କାରଖାନାର ମାଲିକ ଥିଲେ । ତାଙ୍କର ମୃତ୍ୟୁ ପରେ ସମସ୍ତ କାରଖାନାର ପରିଚାଳନା ଭାର ମୁଁ ନିଜେ ଗ୍ରହଣ କରିଛି । କାରଖାନାଟି ପୁରୀ ସହରଠାରୁ ୩୮ ମାଇଲ ଦୂର ମାଳତି ପାଟପୁର ଷ୍ଟେସନଠାରେ । ତେଣୁ ମୁଁ ପ୍ରତିଦିନ ସ୍କୁଟରରେ ଯିବା ଆସିବା କରେ । ମୁଁ ଏକମାତ୍ର

ସନ୍ତାନ । ମୋର ବିବାହ ହୋଇ ନାହିଁ । ମୋର ମା ବିବାହ ପାଇଁ ଅନେକ ପ୍ରସ୍ତାବ ପକାଇ ଥିଲେ; କିନ୍ତୁ କୌଣସି ପ୍ରସ୍ତାବକୁ ସେ କାର୍ଯ୍ୟକାରୀ କରି ନଥିଲେ । ପାଞ୍ଚବର୍ଷ ତଳେ ବାପାଙ୍କର ମୃତ୍ୟୁ ହୋଇଥିଲା । ବାପାଙ୍କର ସମସ୍ତ ନଗଦ ଟଙ୍କା ମାଙ୍କ ପାଖରେ ଅଛି । ବିଧବା ହେବା ପରେ ମା ଏକାକୀ ନିସଙ୍ଗ ଜୀବନ କଟାଉଥିଲେ । ତାଙ୍କର କେହି ଶତ୍ରୁ ବା ମିତ୍ର ନଥିଲେ । ସେ ଅତି ଧାର୍ମିକ ପ୍ରକୃତିର ଥିଲେ । ମୋ ମାଙ୍କର ବାପା ଓ ମା ଏବେ ମଧ୍ୟ ଜୀବିତ ଅଛନ୍ତି । କାରବାରର ସମସ୍ତ ଆୟ ବ୍ୟୟ ମୁଁ ମୋ ନାମରେ କରେ । ମୁଁ ପ୍ରତି ମାସରେ ମାଙ୍କୁ ଘର ଖର୍ଚ୍ଚ ପାଇଁ ୭୦୦।୮୦୦ ଟଙ୍କା ଦିଏ । ବାପାଙ୍କର ଅଶୀ ହଜାର ଟଙ୍କା ମାଙ୍କ ନାମରେ ଜମା ଅଛି । ମୁଁ କେବେହେଲେ ସେ ଟଙ୍କା ମାଗି ନାହିଁ କିମ୍ବା ମାଗିବାର ଇଚ୍ଛା ମଧ୍ୟ କରି ନାହିଁ । କାରଖାନାର ପରିଚାଳନା ପାଇଁ ମୋ ନାମରେ ପନ୍ଦର ହଜାର ଟଙ୍କା ଅଛି । ଟଙ୍କା ପାଇଁ କେବେହେଲେ ମା ଓ ମୋ ଭିତରେ ମତାନୈକ୍ୟ ଘଟି ନ ଥିଲା । ମୋର କୌଣସି କାର୍ଯ୍ୟରେ ମା କେବେହେଲେ ବାଧା ଦିଅନ୍ତି ନାହିଁ ।

ପୁଣି ମଧ୍ୟ ମନମୋହନ କହିଲା—"ମୁଁ କେବେ ମଦ ପିଏ ନାହିଁ କିମ୍ବା ଜୁଆ ଖେଳେ ନାହିଁ । ମୋର କେହି ଶତ୍ରୁ ନାହାନ୍ତି କିମ୍ବା ମୋର କୌଣସି ଝିଅ ସହ ସମ୍ପର୍କ ନାହିଁ ।"

ଇନ୍‌ସପେକ୍ଟର ଅବନୀ ଦାସଙ୍କ ମନରେ ସନ୍ଦେହର ଛାୟା । ସେ ପଚାରିଲେ—ଆପଣଙ୍କର ବୟସ କେତେ ?

ତିରିଶ ବର୍ଷ ।

ଆପଣଙ୍କର ମା'ଙ୍କର ବୟସ କେତେ ?

ଏହି ପ୍ରଶ୍ନ ପଚାରିବାର ଉଦ୍ଦେଶ୍ୟ—ଇନ୍‌ସପେକ୍ଟର ଲକ୍ଷ୍ୟ କଲେ ଯେ ମନମୋହନ ମା'ଙ୍କର ଯୌବନ ଏବେବି ଅତୁଟ ରହିଛି । ତାଙ୍କର କୌଣସି ଅଙ୍ଗରେ ବାର୍ଦ୍ଧକ୍ୟର ସ୍ପର୍ଶ ଏବେବି ହୋଇ ନାହିଁ । ତାଙ୍କର ଅନୁମାନରେ ମୃତା ମା'ଙ୍କର ବୟସ ୫୦ ଟପି ନ ଥିବ । ତେଣୁ ତାଙ୍କ ମନରେ ଏକ ଅଜଣା ସନ୍ଦେହ ଉଙ୍କି ମାରିଲା ।

ମନମୋହନ ଉତ୍ତର ଦେଲେ – ତାଙ୍କର ବୟସ ୫୦ ବର୍ଷ ।

ବଦ୍ରୂପ ଗଳାରେ ଇନ୍‌ସପେକ୍ଟର ଅବନୀ ଦାସ ପଚାରିଲେ —ଆପଣ ତେବେ ମା'ଙ୍କ ଠାରୁ କେତେ ବର୍ଷ ସାନ ?

ଅପଦସ୍ଥ ହେଲେ ମନ ମୋହନ । କାରଣ ଏହା ଥିଲା ତାଙ୍କ ବ୍ୟକ୍ତିତ୍ୱ ଓ ସମ୍ମାନ ପ୍ରତି ଏକ ଆହ୍ୱାନ । ତଥାପି ମନମୋହନ ଆହତ ସ୍ୱରରେ ଉତ୍ତର ଦେଲେ—ଏ ହେଉଛନ୍ତି ମୋର ସଉତୁଣୀ ମା । ମୋ ମା ପିଲା ଦିନରୁ ମରିଯାଇଛନ୍ତି ।

ଇନ୍‌ସପେକ୍ଟର ଅବନୀ ଦାସଙ୍କ ଭ୍ରୂଲତା ଉପରକୁ ଉଠିଲା ।

# ଦୁଇ

ମନମୋହନଙ୍କ ମଙ୍କ ମୃତ୍ୟୁର ୩।୪ ଦିନ ପରେ ଇନସ୍‌ପେକ୍ଟର ଅବନୀ ଦାସ ପଡ଼ୋଶୀମାନଙ୍କ ଠାରୁ ବୁଝି ଜାଣି ପାରିଲେ ଯେ ମନମୋହନ ବାବୁଙ୍କର ତାଙ୍କ ମା ସହ ଭଲ ପଡୁ ନ ଥିଲା । ତେଣୁ ସେ ଅଧିକାଂଶ ସମୟ ବାହାରେ ରହୁଥିଲେ । ତେଣୁ ମନମୋହନ ବାବୁଙ୍କ ଉପରେ କଡ଼ା ନଜର ରଖିଲେ । ମନମୋହନ ମା'ଙ୍କ ହତ୍ୟା ଏକ ରହସ୍ୟପୂର୍ଣ୍ଣ ହତ୍ୟାକାଣ୍ଡ କାରଣ ଆଜି ପର୍ଯ୍ୟନ୍ତ ମଧ୍ୟ ହତ୍ୟାର ଉଦ୍ଦେଶ୍ୟ ଜଣା ପଡ଼ିଲା ନାହିଁ । ହତ୍ୟକାଣ୍ଡ ଆଜି ପର୍ଯ୍ୟନ୍ତ ଅନ୍ଧାରରେ । ହତ୍ୟାକାରୀ ତାର କୌଣସି ଚିହ୍ନ ରଖି ନାହିଁ । ହତ୍ୟାକାରୀକୁ ପାଖ ପଡ଼ୋଶୀରେ କେହି ମନମୋହନଙ୍କ ଘରେ ପ୍ରବେଶ କରିବାର କିମ୍ବା ଆସିବାର ଦେଖି ନାହାନ୍ତି । ତେବେ ହତ୍ୟାକାରୀ କିଏ ? କାହିଁକି ସେ ହତ୍ୟା କଲା ? ତାର ଉଦ୍ଦେଶ୍ୟ କଣ ? —ଏହା କଣ ପ୍ରେମ ପାଇଁ ନା ଅର୍ଥ ପାଇଁ ?

ଇନ୍ସପେକ୍ଟର ଅବନୀ ଦାସଙ୍କର ପ୍ରଥମେ ମନମୋହନଙ୍କ ଉପରେ ସନ୍ଦେହ ହେଲା । କାରଣ ସେ ଭାବିଲେ —ବୋଧହୁଏ ମନମୋହନ ଟଙ୍କା ଲୋଭରେ ନିଜ ସଉଭୁଣୀ ମା'ଙ୍କୁ ହତ୍ୟା କରିଛି କିମ୍ବା ମା'ଙ୍କର କୌଣସି ପ୍ରେମିକ ଘୃଣା କରି ମା'ଙ୍କୁ ଏପରି ଘୃଣିତ ପଥରୁ ଅପସରି ଯିବା ପାଇଁ ବୁଝାଇବାରେ ଅକୃତ କାର୍ଯ୍ୟ ହୋଇ ଏ ହତ୍ୟା କରିଛି ।

ପୁଣି ଭାବୁଥିଲେ ଇନ୍‌ସପେକ୍ଟର ଯଦି ପ୍ରକୃତ ହତ୍ୟାକାରୀ ମନମୋହନ ହୋଇ ନଥାଏ; ତେବେ ପ୍ରକୃତ ହତ୍ୟା କାରୀ ଅନ୍ଧାରରେ ରହିଯିବ । ଭାବିଲେ –

ମନମୋହନ ସଉଦୁଣୀ ମା ବିଧବା । ସେ ସୁନ୍ଦରୀ । ଯୌବନ ବିଦାୟ ନେଇ ନ ଥିଲା । ଏହା ମଧ୍ୟ ସମ୍ଭବ ହୋଇ ପାରେ ଯେ ମନମୋହନଙ୍କ ଅଗୋଚରରେ ସେ କାହାକୁ ପ୍ରେମ କରି ପାରି ଥାନ୍ତି । ଅର୍ଥ ଲୋଭରେ ହେଉ କିମ୍ବା ମତାନୈକ୍ୟ ଯୋଗୁଁ ସେ ଏପରି କାଣ୍ଡ ଘଟାଇ ପାରିଥାଏ । ମୃତ ମହିଳା ଯେପରି ଉଲଗ୍ନ ଅବସ୍ଥାରେ ପଡ଼ିଥିଲେ ଯେଥିରୁ ପରିଷ୍କାର ଅନୁମାନ କରାଯାଇପାରେ ଯେ ଏହି ହତ୍ୟା କାଣ୍ଡ ମଧ୍ୟ ପ୍ରେମ ଜନିତ ହୋଇପାରେ । କିନ୍ତୁ ସାଧାରଣ ମହିଳାକୁ ମାରିବାକୁ ଥରଟିଏ ଛୁରିର ବ୍ୟବହାର ଯଥେଷ୍ଟ ; କିନ୍ତୁ ଏତେଥର ଆଘାତ କରି କ୍ଷତ ବିକ୍ଷତ କରିବାର ଉଦ୍ଦେଶ୍ୟ କଣ ? ଏହା ନିଶ୍ଚୟ ଏକ ଅସହିଷ୍ଣୁ ଲୋକର କାର୍ଯ୍ୟ । ପ୍ରଥମ କଥୋପ କଥନରେ ଅକୃତ କାର୍ଯ୍ୟ ହୋଇ ଏପରି କରିଛି ।

ଗଭୀର ଭାବରେ ଚିନ୍ତା କରି ଇନ୍‌ସପେକ୍ଟର ଅବନୀ ଦାସ ଭାବିଲେ ଶଙ୍କର ଯଦି ଅର୍ଥ ପାଇଁ ଏପରି ହତ୍ୟା କାଣ୍ଡ କରିଥାନ୍ତା, ମୃତ ମହିଳା ଉଲଗ୍ନ ଅବସ୍ଥାରେ ପଡ଼ିଥାନ୍ତା କାହିଁକି ?

ଚିନ୍ତାର ଗଭୀର କୁଣ୍ଡଳୀ ଭିତରେ ବୁଡ଼ି ରହିଲେ ଇନ୍‌ସପେକ୍ଟର । ସନ୍ଧ୍ୟା ୫ଟା ବେଳକୁ ପୋଷ୍ଟ ମର୍ଟମ ରିପୋର୍ଟ ପାଇବା ପରେ ଅବନୀ ଦାସଙ୍କର ମନର କୌତୁହଳତା ତୀବ୍ରତର ହେଲା ।

ପୋଷ୍ଟ ମର୍ଟମ ରିପୋର୍ଟରେ ଲେଖାଥିଲା ଯେ – "ମହିଳାଟିର

ମୃତ୍ୟୁ ୯ଟା ଠାରୁ ସାଢ଼େ ୯ଟା ମଧ୍ୟରେ ହୋଇ ଅଛି । ଏହି ସମୟ ମଧ୍ୟରେ ମହିଳା ଟିର ସତୀତ୍ୱ ନଷ୍ଟ କରାଯାଇ ଅଛି ।

ଏହି ରିପୋର୍ଟର ଅର୍ଥ ମହିଳାଟିକୁ ହତ୍ୟା କରିବା ପୂର୍ବରୁ ଏହା ଉପରେ ପାଶବିକ ଅତ୍ୟାଚାର କରାଯାଇ ଅଛି ।

ଇନ୍‌ସପେକ୍ଟର ଅବନୀ ଦାସ ଶେଷ ନିଷ୍ପତ୍ତି କଲେ ଯେ; ସେ ଏ ବିଷୟରେ ଅନ୍ତତଃ ଗୋଇନ୍ଦା ବିଭାଗର ଡ଼ି:ଏସ୍:ପି: ବଂଶୀଧର ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିବେ । ଅଣାତର ଗୋଇନ୍ଦା ଡି:ଏସ୍:ପି: ଇନ୍‌ସପେକ୍‌ଟର ଅବନୀ ଦାସଙ୍କୁ ବହୁତ ସାହାଯ୍ୟ କରିଛନ୍ତି, ତେଣୁ ସେ ଦୁହିଁଙ୍କର ମିଳନ ଆଲୋଚନା ନିଶ୍ଚୟ ଏହାର ସମାଧାନ କରି ପାରିବ ।

ଫାଇଲ ପଣ ଏକାଠିକରି ଇନସ୍‌ପେକ୍ଟର ଅବନୀ ଦାସ ବାହାରିଲେ ଡ଼ି:ଏସ:ପି ଷଡ଼ଙ୍ଗୀଙ୍କ ସହ ସାକ୍ଷାତ କରିବାକୁ ।

ଫୋନ ଘଣ୍ଟି ବାଜି ଉଠିଲା ।

ଇନସ୍‌ପେକ୍ଟର ଅବନୀ ଦାସ ଫୋନ ଉଠାଇଲେ । ଅନ୍ୟ ପଟରୁ ଏକ ପୁରୁଷ କଣ୍ଠର ସ୍ୱର ଶୁଣିବାକୁ ମିଳିଲା ।

—ଆପଣ ଶୀଘ୍ର ଆସନ୍ତୁ । ମୋର ନାମ ପି:ଭି: ନାରାୟଣ ରାଓ । ମୁଁ 'ଅଶୋକା ମହଲ'ରୁ କହୁଛି । ମୋ ପାଖର ପାଞ୍ଚନମ୍ବର ରୁମଟି ଆଜକୁ ଦୁଇ ଦିନ ହେବ ତାଲା ବନ୍ଦ ଅଛି । କିନ୍ତୁ ଏବେ ସେହି ରୁମରୁ ପଚ୍ଚଗନ୍ଧ ବାହାରୁଛି । ଗନ୍ଧରେ ଏଠାରେ ରହିବା

କଷ୍ଟକର ହୋଇ ପଡୁଛି । ଏହି ରୁମ୍‌ରେ ମିସ୍ ସାହୁ ଏକାକୀ ରହୁଥିଲେ । ଆପଣ ଆସନ୍ତୁ । ଆମେ ଅପେକ୍ଷା କରି ରହିଛୁ ।

କିଂ କର୍ତ୍ତବ୍ୟ ବିମୂଢ଼ ହୋଇ ଇନସ୍‌ପେକ୍‌ଟର ସଦଳବଳେ ଜିପ ଛୁଟାଇଲେ 'ଅଶୋକା ମହଲ' ଆଡ଼େ ।

ଜିପଟି 'ଅଶୋକା ମହଲ' ଆଗରେ ଛିଡ଼ା ହେଲା । ଜଣେ ପ୍ରୌଢ଼ ବ୍ୟକ୍ତି ଦୌଡ଼ି ଆସି କହିଲେ ମୋର ନାମ ପି.ଭି. ନାରାୟଣ ଭୂୟାଁ । ମୁଁ ଆପଣଙ୍କ ନିକଟକୁ ଏବେ ଫୋନ କରିଥିଲି ।

ସିଏଙ୍କ ପଛେ ପଛେ ପୋଲିସ୍ ଦଳ ଚାଲିଲେ । ପାଞ୍ଚ ନମ୍ବର ରୁମ ଆଗରେ ସମସ୍ତେ ଛିଡ଼ା ହେଲେ । ଇନସ୍‌ପେକ୍‌ଟର ଅବନୀ ଦାସ ପଚାରିଲେ—"ମିସ୍ ସାହୁ କଣ କରନ୍ତି ?

ଭୂୟାଁ ଉତ୍ତର ଦେଲେ ଯେ ସେ ହସପିଟାଲର ଷ୍ଟାଫ୍ ନର୍ସ ।

ଅବନୀ ଦାସ ପଚାରିଲେ—ଆପଣ କାହାକୁ ଏ ଦୁଇଦିନ ଭିତରେ ଆସିବାର ଦେଖିଛନ୍ତି । ଭୂୟାଁ ଉତ୍ତର ଦେଲେ—ନା କୌଣସି ଲୋକ ଯିବା ଆସିବା କରିବାର ଆମେ ଆଦୌ ଦେଖି ନାହୁଁ । ତା ଛଡ଼ା ମିସ୍ ସାହୁ ଅତ୍ୟନ୍ତ ସ୍ନେହୀ ଲୋକ । ତାଙ୍କ ପ୍ରତି ଆମର ସନ୍ଦେହ ଆଦୌ ନଥିଲା । ସେ ମଧ୍ୟ ଅଧିକାଂଶ ଦିନ ନିଜ ରୁମ୍‌ରେ ରହନ୍ତି ନାହିଁ । ତେଣୁ ତାଲା ବନ୍ଦଥିଲେ ମଧ୍ୟ ସନ୍ଦେହ କରିବାର କାରଣ ନଥିଲା । ଗନ୍ଧ ହେବାରୁ ଆମର ସନ୍ଦେହ ଘନୀଭୂତ ହେଲା ।

ଇନସ୍‌ପେକ୍‌ଟର ଦାସ ପାଞ୍ଚନମ୍ବର ରୁମ ପାଖରେ ପହଞ୍ଚିଲେ । ରୁମର ଦ୍ୱାର ବନ୍ଦଥିଲା । ବାହାରୁ ତାଲା ପଡ଼ିଥିଲା । ଆଉ କୌଣସି ଉପାୟ ନପାଇ ଇନସ୍ ପେକ୍‌ଟର ତାଲା ଭାଙ୍ଗି ଦେଲେ ।

ଦୁଆର ଖୋଲିଗଲା । ଗନ୍ଧ ଏତେ ତୀବ୍ର ହେଲା ଯେ ଉପସ୍ଥିତ ସମସ୍ତେ ନାକରେ ରୁମାଲ ଦେବାକୁ ବାଧ୍ୟ ହେଲେ । କିନ୍ତୁ ଇନସ୍‌ପେକ୍‌ଟର ଡ୍ରଇଂ ରୁମ ପାର ହୋଇ ବେଡ଼ ରୁମରେ ପହଞ୍ଚିଲେ । ବେଡ଼ ରୁମରେ ମିସ୍ ସାହୁଙ୍କ ନଗ୍ନ ଶରୀର ପଡ଼ି ରହିଥିଲା । ଦେହର ବିଭିନ୍ନ ଅଂଶରେ ଛୁରିକାଘାତର ଦାଗଥିଲା । ମାଛି ଆଘାତ ସ୍ଥାନରେ ଜମି ରହିଥିଲେ । ଲାଲ ରକ୍ତ କଳା ପଡ଼ିଥିଲା । ସବୁ ଯେପରି ବାସି ଜଣା ପଡୁଥିଲା । କିଛି ସମୟ ପାଇଁ ଇନସ୍ ପେକ୍‌ଟର ଦାସ ନୀରବ ରହିଗଲେ । ପରେ କର୍ତ୍ତବ୍ୟର ଆହ୍ୱାନରେ ଚଞ୍ଚଳ ହୋଇ ଉଠିଲେ ।

ଘରଆଡ଼କୁ ସେ ଦୃଷ୍ଟିପାତ କଲେ । ମିସ୍ ସାହୁଙ୍କ ବୟସ ବୋଧହୁଏ ତିରିଶ ବର୍ଷରୁ ଅଧିକ ହୋଇ ନଥିବ । କାରଣ ମୁଣ୍ଡର କେତେ କେଶ ବାଳ ଧଳା ହୋଇ ଆସୁଥିବା ଛଡ଼ା ବୋଧହୁଏ ଅନ୍ୟ କୌଣସି ଅଙ୍ଗରେ ବାର୍ଦ୍ଧକ୍ୟ ସ୍ପର୍ଶ କରି ନଥିଲା । ମିସ୍ ସାହୁ ନିଶ୍ଚିତ ଭାବରେ ସୁନ୍ଦରୀ ଥିଲେ । ଡ୍ରେସିଂ ଟେବୁଲ ଉପରସ୍ଥ ସମସ୍ତ ପ୍ରସାଧାନୀ ଦ୍ରବ୍ୟ ଇତସ୍ତତ ହୋଇ ପଡି ରହିଥିଲା । ଆଇନାର କାଚ ଫାଟି ଯାଇଥିଲା । ବେଡର ବିଛଣା ଘରର ତଳେ ପଡ଼ିଥିଲା । ଜଣା ପଡୁଥିଲା ଯେପରି ମିସ୍ ସାହୁ ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ବୋଧହୁଏ ହତ୍ୟାକାରୀକୁ ବାଧା ଦେଇଛନ୍ତି; କିନ୍ତୁ ସଫଳ ହୋଇ ନପାରି ଶିକାର ହୋଇଛନ୍ତି ହତ୍ୟାକାରୀର ।

ହତ୍ୟାକାରୀର ଚିହ୍ନଟ ପାଇଁ କିଛି ପ୍ରମାଣ ଖୋଜିଲେ । ତାଙ୍କର ଅଭିଜ୍ଞ ସନ୍ଧାନୀ ଚକ୍ଷୁ କିଛି ପାଇଲା ନାହିଁ । ସେ ତୁଳନା କଲେ ପୂର୍ବର ହତ୍ୟାକାଣ୍ଡକୁ । ଦୁଇ ହତ୍ୟାକାଣ୍ଡ ମଧ୍ୟରେ

ଅନେକ ସାମଞ୍ଜସ୍ୟ ଥିଲା । ଦୁହେଁ ସମବୟସ୍କା । ଦୁଇଟିଯାକ ଶବ ଉଲଙ୍ଗ ଅବସ୍ଥାରେ । ଦୁହିଁଙ୍କ ନଗ୍ନ ଶରୀର ଉପରେ ଛୁରିକାଘାତର ଦାଗ । ବୋଧହୁଏ, ଦୁଇଟି ଯାକ ହତ୍ୟାକାଣ୍ଡ ଏକା ଦିନରେ ହୋଇଛି । ଚନ୍ଦାର କୁଣ୍ଡଳୀ ଭିତରେ ବୁଡ଼ିରହି ଇନସ୍‌ପେକ୍ଟର ଦାଗ ଲକ୍ଷ୍ୟ କଲେ । କଳା ରକ୍ତ ଭିତରେ ଏକ ଚେଗାପ୍ଲାନ ବସ୍ତୁ । ଗୋଟିଏ କାଠି ସାହାଯ୍ୟରେ ଜାଣି ପାରିଲେ ସେ ଏହା ଏକ ମୂଲ୍ୟବାନ ମୁଦି । ବୁଝିନେଲେ ଯେ ଏହି ହତ୍ୟାକାଣ୍ଡ ମୂଲ୍ୟବାନ ବସ୍ତୁ ବା ଅର୍ଥ ପାଇଁ ନୁହେଁ । କାମାଗ୍ନି ପାଇଁ ନିଶ୍ଚୟ । ପୋଷ୍ଟମର୍ଟମ ପରେ ଏହା ଜଣାପଡ଼ିବ ।

ଆଉ ବିଳମ୍ବ ନକରି ଇନସ୍‌ପେକ୍ଟର ପୋଷ୍ଟମର୍ଟମ ପାଇଁ ଶବଟିକୁ ପଠାଇ ଦେଲେ ଏବଂ ବେଡ଼୍ ରୁମଟିକୁ ତାଲା ପକାଇ ବାହାରକୁ ଆସିଲେ ।

ଇନସ୍‌ପେକ୍ଟର ଫୋନ କରି ବିଶେଷଜ୍ଞଙ୍କୁ ଡକାଇଲେ । ସେ ପାଖ ପଡ଼ୋଶୀର କେତେ ଜଣ ଲୋକଙ୍କଠାରୁ ମିସ୍ ସାହୁଙ୍କ ସମ୍ପର୍କରେ ଯେଉଁ ଖବର ପାଇଲେ ତାର ସାର କଥା ଏହା ଯେ—

ମିସ୍ ସାହୁଙ୍କ ସହିତ ଦୁଇ ତିନଜଣ ଯୁବକ ଆସି ପ୍ରାୟ କଥାବାର୍ତ୍ତା କରନ୍ତି; କିନ୍ତୁ ଏବେ ଛ'ସାତ ଦିନ ହେବ ପଡ଼ୋଶୀମାନେ ଆଉ ସେମାନଙ୍କୁ ଦେଖି ନାହାନ୍ତି । ତା ଛଡ଼ା ମିସ୍ ସାହୁ ବେଳେ ବେଳେ ମଦପାନ କରନ୍ତି; କିନ୍ତୁ ନିଜକୁ ଆୟତ୍ତରେ ରଖି ଥାଆନ୍ତି । ରବିବାର ଛଡ଼ା ଅନ୍ୟ ଦିନମାନଙ୍କରେ ମିସ୍ ସାହୁଙ୍କୁ ସାକ୍ଷାତ କରିବା କଷ୍ଟକର । ହସପିଟାଲକୁ ଯିବାରେ ସେ କେବେହେଲେ

ଅବହେଳା କରନ୍ତି ନାହିଁ । ତାଙ୍କର ସମସ୍ତ ଆୟ ବୋଧହୁଏ ନ୍ୟାସନାଲ ବ୍ୟାଙ୍କରେ ଜମା ରଖନ୍ତି ।

ପୁଲିସ୍ ବିଶେଷଜ୍ଞ ଆସି ପହଞ୍ଚି ଯାଇଥିଲେ । ତାଙ୍କୁ ସଙ୍ଗରେ ନେଇ ପୁଣି ଥରେ ଘରର ଚାରିଆଡ଼ ଅନୁସନ୍ଧାନ କଲେ । ମିସ୍ ସାହୁଙ୍କ ବେଡ୍ ରୁମରୁ ତାଙ୍କର ଟ୍ରଙ୍କ ଖୋଲିବାରୁ କେତେ ଗୁଡ଼ିଏ ନଗ୍ନ ଛବି ଓ ସେକସ୍ ବହି ବାହାରିଲା ଏବଂ ନଗଦ ୪୫୦୦ଙ୍କା ମଧ୍ୟ ମିଳିଲା । ହତ୍ୟାକାରୀ ଖୁବ୍ ଚାଲାକ୍ ଥିଲା । କୌଣସି ଚିହ୍ନ ରଖି ଯାଇ ନଥିଲା ଯାହା ପ୍ରମାଣ ପାଇଁ ଅନ୍ତତଃ ସାହାଯ୍ୟ କରିବ । ସେ ଚତୁରତାର ସହିତ ସବୁ କାମ କରି ଯାଇଛି । ଇନସ୍‌ପେକ୍‌ଟର ହତାସ ହେଲେ ।

ସନ୍ଧ୍ୟା ହୋଇ ଆସିଥିଲା । ଇନସ୍‌ପେକ୍‌ଟର କ୍ଳାନ୍ତ ହୋଇ ପଡ଼ିଥିଲେ । ତେଣୁ ସଦଳବଳେ ଜିପରେ ବସିଲେ ଫେରି ଯିବା ପାଇଁ ।

ପୋଲିସ୍ କନେଷ୍ଟବଲଟିଏ ପୋଷ୍ଟମର୍ଟମ ରିପୋର୍ଟ ଧରି ପହଞ୍ଚିଲା ଜିପ ପାଖରେ ।

ଇନସ୍‌ପେକ୍‌ଟର ପଢ଼ିଲେ—

ହତ୍ୟାକାରୀ ହତ୍ୟା କରିବା ପୂର୍ବରୁ ମିସ୍ ସାହୁଙ୍କ ସହ ନିଜର କାମନା ଚରିତାର୍ଥ କରିଛି । ଗଳା ଚିପି ମାରିବାକୁ ଚେଷ୍ଟା

ମଧ୍ୟ କରିଥିଲା । ୪୮ଘଣ୍ଟା ପୂର୍ବରୁ ମିସ୍ ସାହୁଙ୍କର ମୃତ୍ୟୁ ଘଟିଥିଲା । ମିସ୍ ସାହୁ ସାହୁଙ୍କ ନଗ୍ନ ଶରୀର ଉପରେ ଅନେକ ଅସ୍ତ୍ରାଘାତ ମଧ୍ୟ ଅଛି । ଇନସ୍‌ପେକ୍‌ଟର ଆଶ୍ଚର୍ଯ୍ୟ ହେଲେ ।

ଦୁଇ ହତ୍ୟାକାଣ୍ଡରେ ଅନେକ ସାମଞ୍ଜସ୍ୟ ଥିଲା ।

●

## ● ତିନି

ମିସ୍ ସାହୁ ଓ ମନମୋହନଙ୍କ ମାଙ୍କ ହତ୍ୟାକାଣ୍ଡରେ କେବଳ ଯେ ସାମଞ୍ଜସ୍ୟ ରହିଛି ତା ନୁହେଁ ଉଭୟେ ସମ ରହସ୍ୟ ପୂର୍ଣ୍ଣ ଅଟନ୍ତି । ହତ୍ୟାକାରୀ ଏକ ଉଦ୍ଦେଶ୍ୟ ନେଇ ଏହି ଦୁଇ ହତ୍ୟାକାଣ୍ଡ କରି ଅଛି । ନଚେତ୍ ପ୍ରାୟ ଏକ ସମୟରେ ଏକ ପ୍ରକାରର ଦୁଇଟିଯାକ ହତ୍ୟାକାଣ୍ଡ ଘଟିଥାନ୍ତା କାହିଁକି ? ହତ୍ୟାକାରୀ କିଛି ପ୍ରମାଣ ରଖି ଯାଇନାହିଁ । ଅଭିଜ୍ଞ ଇନ୍‌ସପେକ୍ଟର ଅବନୀ ଦାସ ଭାବୁଥିଲେ ବହୁତ କିଛି । ସମାଧାନର ଖିଅ ବାହାର କରିବା ପରିବର୍ତ୍ତେ ସେ କେବଳ ସମାଧାନର ଅଝୁଆ ଖିଅ ଭିତରେ ବୁଡ଼ି ଯାଉଥିଲେ । ସେ ଖୋଜୁଥିଲେ ଯେପରି କାହାର ଏକ ପରାମର୍ଶ । ତାଙ୍କର ଏକମାତ୍ର ହିତାକାଙ୍କ୍ଷୀ ଓ ପରମ ବନ୍ଧୁ କ୍ରାଇମ ବ୍ରାଞ୍ଚ ଡ଼ି:ଏସ:ପି ମିଃ ଷଡ଼ଙ୍ଗୀ । ସେ ଅନେକ ଜଟିଳ ପରିସ୍ଥିତିରେ ଅବନୀ ଦାସଙ୍କର ପଥ ପ୍ରଦର୍ଶକ ହୋଇଥିଲେ । ଆଜି ମଧ୍ୟ ନିଶ୍ଚୟ ଦ୍ୱିଧା ବୋଧ କରିବେ ନାହିଁ ।

ଫୋନ ଉଠାଇଲେ ଇନସ୍‌ପେକ୍ଟର ଅବନୀ ଦାସ ।

ଅବନୀ ଦାସ ଜାଣିଥିଲେ ଯେ—ଡ଼ି: ଏସ: ପି ଷଡ଼ଙ୍ଗୀ ନିଶ୍ଚୟ ତାଙ୍କ ନିଜ କୋଠିରେ ଥିବେ । କିନ୍ତୁ ଫୋନ ଧରିଲେ ସି: ଆଇ: ଡ଼ି: ଇନସ୍‌ପେକ୍ଟର ରମେଶ ପଣ୍ଡା । ରମେଶ ପଣ୍ଡା କହିଲେ, "ମୁଁ ସି:ଆଇ:ଡ଼ି: ଇନ୍‌ସପେକ୍ଟର ପଣ୍ଡା କହୁଛି । ଆପଣ କାହାକୁ ଖୋଜୁଛନ୍ତି ?"

"ମୁଁ ଇନସ୍‌ପେକ୍‌ଟର ଅବନୀ ଦାସ କହୁଛି, ମୁଁ ଡ଼ଃଏସଃପିଃ ଷଡ଼ଙ୍ଗୀଙ୍କ ସାଙ୍ଗରେ କଥାବାର୍ତ୍ତା କରିବାକୁ ଚାହୁଁଛି।" ଅବନୀ ଦାସ କହିଲେ ।

"ଇନସ୍‌ପେକ୍‌ଟର ଦାସ, ବର୍ତ୍ତମାନ ସେ ବାହାରକୁ ଗଲେ । ଦଶ ମିନଟ୍ ପରେ ଫେରି ଆସିବେ । ମୋତେ କହନ୍ତୁ, ମୁଁ କିଛି ସାହାଯ୍ୟ କରି ପାରିବି କି ?"

—"ତୁମ ସହ ମୋର କିଛି କାମ ନାହିଁ, ବର୍ତ୍ତମାନ ମୁଁ ଏକ ବିରାଟ ସମସ୍ୟାର ସମ୍ମୁଖୀନ । ଏହାର ସମାଧାନ ପାଇଁ ମୋର ଆବଶ୍ୟକତା ଡ଼ଃ ଏସଃ ପିଃ ଷଡ଼ଙ୍ଗୀଙ୍କ ପାଖରେ ଅଛି; ତୁମ ପାଖରେ ନୁହେଁ ।"—ବ୍ୟଗ୍ରତାର ସହ ଇନସ୍‌ପେକ୍‌ଟର ଅବନୀ ଦାସ କହିଲେ ।

—"ସବୁ କାମରେ କିଛି ନା କିଛିର ଆବଶ୍ୟକତା ଅଛି । ମୁନି ଜନମାନେ କହନ୍ତି କାମର ଏକ ଅର୍ଥ ଆବଶ୍ୟକତା । ଆବଶ୍ୟକତା ନାହିଁ ତ କାମ ନାହିଁ । ତେଣୁ ଆପଣଙ୍କର କାମ ହିଁ ଆପଣଙ୍କର ଆବଶ୍ୟକତା ।"—ଥଟ୍ଟାଳିଆ ସ୍ୱରରେ କହିଲେ ଇନସ୍‌ପେକ୍‌ଟର ପଣ୍ଡା ।

"ଦର୍ଶନ ପଢ଼ିନାହିଁ ତେଣୁ ମୁଁ ଦାର୍ଶନିକ ନୁହେଁ । ମୁଁ କର୍ମଚାରୀ, କର୍ତ୍ତବ୍ୟ ମୋର ଧର୍ମ । କର୍ତ୍ତବ୍ୟ ପାଳନ ହିଁ ମୋର ଆବଶ୍ୟକତା । ମୁଁ ଚାହେଁ ଦକ୍ଷ ଅଭିଜ୍ଞ ଲୋକର ସାହାଯ୍ୟ । ଥଟ୍ଟା କରିବାର ବେଳ ନୁହେଁ । ଶୀଘ୍ର ଡ଼ଃ ଏସଃପି ଆସିଲେ ଜଣାଇବେ ନଚେତ ଆପଣଙ୍କ ବିରୁଦ୍ଧରେ ଅଭିଯୋଗ କରିବି ।"—ବିରକ୍ତ ହୋଇ କହିଲେ ଇନସ୍‌ପେକ୍‌ଟର ଦାସ ।

—"ଏ ଦୁନିଆରେ ମୋର କେହି ନାହାନ୍ତି, ଆପଣ ଯଦି ଚାହାନ୍ତି ମୋର ଚାକିରି ଚାଲିଯାଉ, ଯାଉ ମୋର କିଛି ଦୁଃଖ ନାହିଁ, ମୁଁ ବଡ଼ କ୍ଲାନ୍ତ । ଦିନ ରାତି ଜୀବନକୁ ବିପନ୍ନ କରି ମୁଁ ଆଉ କାମ କରିବାକୁ ଚାହୁଁନାହିଁ । ଶୀଘ୍ର ମୋ ବିରୁଦ୍ଧରେ ଅଭିଯୋଗ କରି ମୋତେ ଚାକିରିରୁ ବିଦାୟ ଦିଅ । ମୋର ଇଚ୍ଛା ନାହିଁ ।" ଆହତ ସ୍ୱରରେ କହିଲେ ଇନସ୍‌ପେକ୍‌ଟର ପଣ୍ଡା । କିନ୍ତୁ କହିବା ଭଙ୍ଗୀରେ ତାଙ୍କର ଥିଲା ବିଦ୍ରୂପର ଛାପ ।

—"ମୁଁ ଜାଣେ ପଣ୍ଡା, ତୁମେ ସବୁବେଳେ ବେପରୁଆ । ତେଣୁ ତୁମେ ଥଟ୍ଟା କରି ପାର, କିନ୍ତୁ ତୁମେ ବୁଝି ପାରିବ ନାହିଁ, ମୁଁ କି ଚିନ୍ତାରେ ପଡ଼ିଛି । ତୁମ ପରିହାସକୁ ଗ୍ରହଣ କରିବା ଅବସ୍ଥାରେ ମୁଁ ନାହିଁ ।

—"କି ଚିନ୍ତା ? କଣ ଏ ବୟସରେ ପ୍ରେମରେ ପଡ଼ିଗଲ କି ?"

"ନା, ନା, ଭଗବାନ ନ କରନ୍ତୁ, ମୋତେ ଆଜି ପର୍ଯ୍ୟନ୍ତ ସେ ବେମାରି ଛୁଇଁ ନାହିଁ ।"—ରାଗରେ କହିଲେ ଅବନୀ ଦାସ ।

ଦୀର୍ଘଶ୍ୱାସ ନେଇ ଅବନୀ ଦାସ କହିଲେ—"ଦେଖ ମୋ ଅଞ୍ଚଳରେ ଦୁଇଟି ଖୁନ୍ ହୋଇ ଯାଇଛି । ମୋତେ ଯେ କୌଣସି ପ୍ରକାରେ ଏହାର ସମାଧାନ କରିବାକୁ ପଡ଼ିବ ।"

"ଖୁନ୍"—ପଣ୍ଡା ଚମକି ପଡ଼ି କହିଲେ । "ଖବର କାଗଜରେ ଗୋଟିଏ ଖୁନ୍ କଥା ପଢ଼ିଥିଲି । ପୁଣି ଆଉ ଏକ ଖୁନ୍ କେବେ ହେଲା ।

"ଆଜି"—ଦାସ କହିଲେ ।

ପଣ୍ଡା କଣ କହୁଥାନ୍ତେ କିନ୍ତୁ ବାଧା ଦେଲେ ଡ଼ଃ ଏସ୍ଃ ପିଃ ଷଡ଼ଙ୍ଗୀ ।

ଫୋନ ଧରଲେ ଡ଼ଃ ଏସ୍ଃ ପିଃ ଷଡ଼ଙ୍ଗୀ ।

—"ମୁଁ ଡ଼ଃ ଏସ୍ଃ ପିଃ ଷଡ଼ଙ୍ଗୀ କହୁଛି ।"

ଚମକି ପଡ଼ିଲେ ଅବନୀ ଦାସ ।

—ଆପଣ ତ ସବୁ ଜାଣିଥିବେ । ବର୍ତ୍ତମାନ ମୁଁ ବଡ଼ ଦ୍ୱନ୍ଦ୍ୱରେ ପଡ଼ିଛି । ଆପଣ ଅନ୍ତତଃ ସାହାଯ୍ୟ ନ କଲେ ମୁଁ ···

ହସିଲେ ଷଡ଼ଙ୍ଗୀ ।

ମୁଁ ପ୍ରସ୍ତୁତ ଅଛି, ଆପଣଙ୍କୁ ତ ମୁଁ କେବେ ନିରାଶ କରିନାହିଁ । ତେବେ ଦୁଇଟିଯାକ ଖୁନ୍ ସମ୍ବନ୍ଧରେ ଅଳ୍ପ କିଛି ଶୁଣିଛି । ବିଶେଷ ଖବରରେ ଲୁହେଁ ।

ଦୁଇଟିଯାକ ହତ୍ୟାକାଣ୍ଡ ଖୁବ୍ Romantic ଓ interesting । ଦୁଇ ମହିଳା ସୁନ୍ଦରୀ, ଧନବାନ୍ ଓ ପ୍ରୌଢ଼ା । ଦୁହିଁଙ୍କର ହତ୍ୟା ପ୍ରାୟ ଏକ ସମୟରେ ହୋଇଛି । ହତ୍ୟାକାରୀ ଦୁହିଁଙ୍କୁ ନଗ୍ନ କରି ନିଜର ପାଶବିକ କାମନା ଚରିତାର୍ଥ କରି ହତ୍ୟା କରିଛି । ଉଦ୍ଦେଶ୍ୟ କଣ ? ପୁଣି ହତ୍ୟା କରିବା ପାଇଁ ବହୁ ଆଧୁନିକ ଉପାୟ ଅବଲମ୍ବନ କରିବା ପରିବର୍ତ୍ତରେ ସେ ବ୍ୟବହାର କରିଛି ଏକ ତୀକ୍ଷ୍ଣ ଅସ୍ତ୍ର । ନଗ୍ନ ଶରୀରରେ ବହୁ ଅସ୍ତ୍ରାଘାତ ମଧ୍ୟ ରଖି ଯାଇଛି । ଗଳା ଚିପି ଦୁହିଁଙ୍କୁ ହତ୍ୟା କରିବା ପାଇଁ ମଧ୍ୟ ଚେଷ୍ଟା କରିଛି । କିନ୍ତୁ ହତ୍ୟାକାରୀ ପ୍ରମାଣ ପାଇଁ କିଛି ରଖି ଯାଇନାହିଁ । ଆପଣଙ୍କୁ ଜଣାଇବା ପାଇଁ ମୁଁ ଦୁଇଟିଯାକ

ହତ୍ୟାକାଣ୍ଡର ଫଟୋ ଖବର, ଜମାନବନ୍ଦୀ ବିବରଣୀ ଓ ଘଟଣା ସ୍ଥଳର ତଦନ୍ତ ରିପୋର୍ଟ ରଖିଛୁ । ଆପଣ ଅନୁମତି ଦେଲେ ଆପଣଙ୍କ ପାଖକୁ ନେଇ ଜରିଯିବ ।

ହଠାତ୍ ଫୋନ ଲାଇନ କଟିଗଲା ।

ଡ଼ି: ଏସ୍: ପି: ଷଡ଼ଙ୍ଗୀ ଉତ୍ତର ଦେଇ ପାରିଲେ ନାହିଁ ।

ଡ଼ି:ଏସ୍:ପି: ଷଡ଼ଙ୍ଗୀ ବାରମ୍ବାର ରିଙ୍ଗ କଲେ ମଧ୍ୟ କିଛି ଉତ୍ତର ପାଇଲେ ନାହିଁ । ଡ଼ି:ଏସ୍:ପି: ଷଡ଼ଙ୍ଗୀ ବିମର୍ଷ ହୋଇ ଫୋନ ଧରି ବସି ରହିଲେ । ୬ ମିନିଟ୍ ପରେ ଫୋନ ଲାଇନ୍ ସଜୀବ ହୋଇ ଉଠିଲା ।

ଇନ୍‌ସ୍‌ପେକ୍‌ଟର ଅବନୀ ଦାସ ବ୍ୟଥିତ ଗଳାରେ କହିଲେ—

ସାର୍, ଏବେ ଖବର ପାଇଲି ବି:ଏନ:ଆର: କ୍ୱାର୍ଟରସରେ ଏକ ସୁନ୍ଦରୀ ଯୁବତୀଙ୍କୁ ହତ୍ୟା କରି ଯାଇଛି; ବର୍ତ୍ତମାନ ଯାଉଛୁ ସେଠାକୁ । ଆପଣ ଆସିଲେ ଭଲ ହୁଅନ୍ତା। ଡ଼ି:ଏସ୍:ପି: ଷଡ଼ଙ୍ଗୀ ସମ୍ମତି ପ୍ରଦାନ କଲେ ।

ଇନସ୍‌ପେକ୍‌ଟର ପଣ୍ଡା ଏହା ଶୁଣି କହିଲେ—ହତ୍ୟାକାରୀ ତ ପୌଢ଼ାମାନଙ୍କୁ ହତ୍ୟା କରୁଥିଲା, ହଠାତ୍ ସୁନ୍ଦରୀ ଯୁବତୀଙ୍କୁ କାହିଁକି ହତ୍ୟାକଲା ? ପଣ୍ଡାଙ୍କ ମନ୍ତବ୍ୟରେ ବିସ୍ମୟତାର ଚହଲିଥିଲା ।

● ଗୁରୁ

ଜିପ୍ ଛୁଟିଛି ଡ: ଏନ: ଆର: କ୍ୱାର୍ଟରର୍ସ୍ ଆଡ଼େ ।

ଡ଼: ଏସ୍: ପି: ଷଡ଼ଙ୍ଗୀ ଗମ୍ଭୀର ହୋଇ ବସିଛନ୍ତି ଜିପରେ । ଇନସ୍‌ପେକ୍ଟର ପଣ୍ଡା ଜିପ ଡ୍ରାଇଭ୍ କରୁଛନ୍ତି ।

ପଣ୍ଡା ପଚାରିଲେ—ବୁଝି ପାରୁନାହିଁ କେବଳ ସ୍ତ୍ରୀ ଲୋକ-ମାନଙ୍କୁ ହତ୍ୟା କାହିଁକି କରି ଯାଉଛି ?

ଷଡ଼ଙ୍ଗୀ କହିଲେ—ବାସ୍ତବିକ, ମୁଁ ନିଜେ ଆଶ୍ଚର୍ଯ୍ୟ ହେଉଛି, ଏପରି ଘଟୁଛି କାହିଁକି ? ଆଜି ପୁଣି ଏପରି ଘଟିଲା, ଏହାର ସମାଧାନ କିପରି ହେବ ? ମୋତେ ବି ଆଶ୍ଚର୍ଯ୍ୟ ଲାଗୁଛି । ଆଜିର ଘଟଣା ତ ପୂର୍ବ ହତ୍ୟାକାଣ୍ଡକୁ ଆହୁରି ରହସ୍ୟାବୃତ କରି ପକାଇଲା । କାରଣ ହତ୍ୟାକାରୀ ତାର ହତ୍ୟା କାଣ୍ଡର ରୂପରେଖା ଏକ ଯୁବତୀକୁ ହତ୍ୟାକରି ବଦଳାଇ ଦେଇଛି ।

ହଁ ଠିକ୍ କଥା—ଆଜି ପର୍ଯ୍ୟନ୍ତ ହତ୍ୟାକାରୀ ଏକ ବିଧବା ପ୍ରୌଢ଼ା ଓ ଅବିବାହିତ ପ୍ରୌଢ଼ାକୁ ହତ୍ୟା କରିଥିଲା । ଆଜି ପୁଣି ଏକ ବିବାହିତା ଯୁବତୀ ସ୍ତ୍ରୀକୁ ହତ୍ୟା କରିଛି ।

କଥାବାର୍ତ୍ତା ଭିତରେ ଜିପ ଆସି ପହଞ୍ଚି ଯାଇଥିଲା ଡ: ଏନ: ଆର: କ୍ୱାର୍ଟର୍ସ ପାଖରେ ।

ଆଗରୁ ଇନସ୍‌ପେକ୍ଟର ଅବନୀ ଦାସ ପହଞ୍ଚି ଯାଇଥିଲେ । ସେ ଅପେକ୍ଷା କରିଥିଲେ ଡ଼: ଏସ୍: ପି: ଷଡ଼ଙ୍ଗୀଙ୍କୁ । ସମ୍ମାନେ ଇନ୍‌ସପେକ୍ଟର ଦାସ ପାଛୋଟି ନେଲେ ଡ: ଏସ୍ ପିଙ୍କୁ କ୍ୱାର୍ଟର

ନମ୍ବର ୫କୁ । ନବବର୍ତ୍ତି ଯୁବକଟିର ସ୍ୱାମୀ ବସି କାନ୍ଦୁଥିଲେ । ପଡ଼ୋଶୀ ମାନେ ଜମା ହୋଇଥିଲେ । ସମସ୍ତଙ୍କ ମନରେ ଏକ ଆତଙ୍କର ଛାୟା ।

ଶୋକାର୍ତ୍ତ ସ୍ୱାମୀଠାରୁ ଇନସ୍‌ପେକ୍‌ଟର ପଣ୍ଡା ବୁଝି ନେଲେ ଯେ ସେମାନଙ୍କର ବିବାହର ୧ବର୍ଷ ହେଲା ହୋଇଥିଲା । ସ୍ତ୍ରୀର ନାମଥିଲା କମଳା । ସେ ନିଜେ ଟି: ଟି: ସି । ସପ୍ତାହରେ ଅନ୍ତତଃ ତିନି ଚାରିଦିନ ଟ୍ରେନରେ ଯାଆନ୍ତି । ଆଜି ଡିଉଟିରୁ ଫେରି ଘରେ ରାତି ଆଠଟାରେ ପହଞ୍ଚି ନିଜ ସ୍ତ୍ରୀକୁ ଡ୍ରଇଙ୍ଗ୍ ରୁମରେ ମରି ପଡ଼ି ଥିବାର ଦେଖିଲେ । ଚାକରାଣୀ ନଥିଲା ।

ଚାକରାଣୀ ଇନସ୍‌ପେକ୍‌ଟରଙ୍କ ପ୍ରଶ୍ନର ଉତ୍ତରରେ କହିଲା —ସେ ବଜାର ସଉଦା କରିବା ପାଇଁ ୫ଟାରୁ ଚାଲି ଯାଇଥିଲା । ଯିବା ସମୟରେ କମଳା ମା ଖୁବ୍ ଆନନ୍ଦିତ ଥିଲେ । ତାଙ୍କ ମନରେ କୌଣସି ପ୍ରକାରର ଆତଙ୍କର ଛାୟା ନଥିଲା । ବାବୁଙ୍କ ଅନୁପସ୍ଥିତରେ ସେ ଦୁଇଜଣଙ୍କ ଛଡ଼ା ଅନ୍ୟ କେହି ଘରକୁ ଆସନ୍ତି ନାହିଁ । ବଜାରରୁ ଫେରିଲା ଠିକ୍ ଆଠଟା ପନ୍ଦର ମିନଟ୍‌ରେ । ଫେରିବା ପରେ ସେ ଏ ଘଟଣା ଶୁଣିଲା ଏବଂ ଦେଖିଲା ।

ଚାକରାଣୀଟି ମଧ୍ୟ ଦୁଃଖରେ ଅଧୀର ହୋଇ ପଡ଼ିଥିଲା ।

ପଡ଼ୋଶୀମାନେ ମଧ୍ୟ କହିଲେ—ସେମାନେ ମଧ୍ୟ କେବେ ଅନ୍ୟ କୌଣସି ଅଚିହ୍ନା ଲୋକକୁ ଯିବା ଆସିବା କରିବାର ଦେଖି ନାହାନ୍ତି ।

କମଳାର ନିର୍ଜୀବ ଶରୀରଟି ଡ୍ରଇଙ୍ଗ୍ ରୁମର ଚଟାଣ ଉପରେ ପଡ଼ି ରହିଥିଲା । ନିଶ୍ଚଳ ଶରୀର ନଗ୍ନ ଥିଲା । ପାଖରେ ପିନ୍ଧାଲୁଗା

ଅଲଗା ହୋଇ ପଡିଥିଲା । ହତ୍ୟା ଛୁରୀ ଦ୍ୱାରା ହୋଇଥିଲା । ଶରୀରର ଅସ୍ତ୍ରାଘାତର ଚିହ୍ନ ମଧ୍ୟ ଥିଲା । ଅଙ୍ଗ କମରେ ବାଉ ତେରଟି ସ୍ଥାନରେ ଆଘାତର ଚିହ୍ନ ଥିଲା ।

ଡ୍ରେଇଙ୍ଗ୍ ରୁମର ବାହାରେ ରକ୍ତ ଇନ୍‌ସପେକ୍ଟର ଦାସ ଓ ଡି.ଏସ୍.ପି. ଷଡଙ୍ଗୀ ଏହା ଜାଣି ପାରିଲେ ।

ପୋଲିସ ଡାକ୍ତର କହିଲେ—ହତ୍ୟା ଏକ ଘଣ୍ଟା ତଳେ ହୋଇଛି । ହତ୍ୟା କରିବା ପୂର୍ବରୁ ହତ୍ୟାକାରୀ ନିଜର କାମନା ଚରିତାର୍ଥ କରିଛି ।

କମଳା ସ୍ୱାମୀ କହିବାନୁସାରେ କମଳାର ଚରିତ୍ରରେ କୌଣସି ପ୍ରକାର କଳଙ୍କର ଛୁଆ ନଥିଲା । ତାର କେହି ଶତ୍ରୁ ନ ଥିଲେ କି ତାର କେହି ମିତ୍ର ନ ଥିଲେ । ସ୍ୱାମୀ ତାର ଦେବତା ସ୍ୱରୂପ । ପ୍ରାରମ୍ଭିକ ଜମାନବନ୍ଦୀ ପରେ ଇନସ୍‌ପେକ୍ଟର ସମୁଦାୟ କ୍ୱାର୍ଟରଟି ଖାନତଲାସ କଲେ, କିନ୍ତୁ ହତ୍ୟାକାରୀ କୌଣସି ଚିହ୍ନ ରଖିଯାଇ ନଥିଲା । ନିରାଶ ହେଲେ ଇନ୍‌ସପେକ୍ଟର । ପୂର୍ବପରି ହତ୍ୟାକାଣ୍ଡ କୌଣସି ପ୍ରକାର ମୂଲ୍ୟବାନ ପଦାର୍ଥ ଉପରେ ନଜର ପକାଇ ନ ଥିଲା । କାରଣ ଚୋରି କରିବା ତାର ଉଦ୍ଦେଶ୍ୟ ନ ଥିଲା ।

ଏହା ଏକ ଏମିତି ହତ୍ୟାକାଣ୍ଡ ଯେ ଡି.ଏସ.ପି. ଷଡଙ୍ଗୀଙ୍କ ପରି ବିଖ୍ୟାତ ଗୋଇନ୍ଦା ମଧ୍ୟ ନିଜ ଦକ୍ଷତାରେ ଆସ୍ଥା ରଖି ପାରୁ ନଥିଲେ ।

ତନୋଟିଯାକ ହତ୍ୟାକାଣ୍ଡ ଏକ ପ୍ରକାର ।

ତନୋଟିଯାକ ନାରୀଙ୍କ ଶରୀର ନଗ୍ନ ଥିଲା ।

ଭିନୋଟିଯାକ ହତ୍ୟା ଛୁରୀ ଦ୍ୱାରା କରା ଯାଇଥିଲା ।

ଭିନୋଟିଯାକ ହତ୍ୟାର ପଛରେ ଅର୍ଥର ଲାଳସା ନ ଥିଲା ।

ଭିନୋଟିଯାକ ଶରୀରରେ ହତ୍ୟାକାରୀ ନିଜର କାମନା ଚରିତାର୍ଥ କରିଥିଲା ।

ଛିଡ଼ା ହୋଇ ଭାବୁଥିଲେ ଡ଼.ଏସ.ପି. । ମନରେ ତାଙ୍କର ବିଭିନ୍ନ ପ୍ରଶ୍ନ । ହତଭାଗିନୀ ଭିନୋଟିଯାକ ମହିଳା ହତ୍ୟାକାରୀର ନୀରବ ଶିକାର ହୋଇଛନ୍ତି । ହତ୍ୟାବେଳେ ପାଖରେ କେହି ଲୋକ କୌଣସି ପ୍ରକାର ଶବ୍ଦ ଶୁଣି ନାହାନ୍ତି । ନିହତ ମହିଳା ମାନଙ୍କର ଆକୁଳ ନିବେଦନ ମଧ୍ୟ କେହି ଶୁଣି ନାହାନ୍ତି । ଆଶ୍ଚର୍ଯ୍ୟ —ନିଗୁଟିଆ ସ୍ଥାନ ନୁହେଁ ଅଥଚ ଲୋକମାନଙ୍କ ଆଖିରେ ଧୂଳି ପକାଇ ତିନି ତିନଟା ହତ୍ୟାକାଣ୍ଡ କରି ଯାଇଛି, ଅଥଚ ହତ୍ୟାକାରୀ ଏତେ ଚାଲାକ ଯେ ତାର କୁକର୍ମର କିଛି ଚିହ୍ନ ବା ନିଶାଣ ରଖିଯାଇ ନାହିଁ । ହତ୍ୟାକାରୀକୁ କେହି ମଧ୍ୟ ଦେଖି ନାହାନ୍ତି । ଆଶ୍ଚର୍ଯ୍ୟ ଏ ଘଟଣା । କିଛି କୂଳ କିନାରା ପାଇଲେ ନାହିଁ ପ୍ରଖ୍ୟାତ ଡ଼.ଏସ.ପି. । ସେ ଚିନ୍ତା କରୁଥିଲେ ଖାଲି ।

ଇନ୍‌ସପେକ୍ଟର ଅବନୀ ଦାସ ପ୍ରାରମ୍ଭିକ ତଦନ୍ତ ପରେ ଫେରି ଆସିଲେ ଡ଼.ଏସ.ପି.ଙ୍କ ପାଖକୁ । ପାଖରେ ସେ ଛିଡ଼ା ହେଲେ ।

ନୀରବତା ଭଙ୍ଗ କରି ଡ଼.ଏସ.ପି. ଷଡ଼ଙ୍ଗୀ କହିଲେ—

—ମୋର ବିଶ୍ୱାସ ଏହି ଭିନୋଟି ଯାକ ହତ୍ୟାକାଣ୍ଡ ଜଣେ ଲୋକ କରିଛି ? ତୁମେ ବିମଳାର ଶବ ପୋଷ୍ଟମର୍ଟମ ପାଇଁ ପଠାଇଲ

ବେଳେ ଡାକ୍ତର ଯେପରି ଆଗ ବିମଳାର ନଗ୍ନ ଶରୀର ଉପରେ ହତ୍ୟାକାରୀର ଆଙ୍ଗୁଠିର ଚିହ୍ନର ପ୍ରିଣ୍ଟ ନେବାକୁ ଭୁଲିବେ ନାହିଁ ।

—"ବର୍ତ୍ତମାନ କହୁ ଦେଉଛି"—ଇନ୍ସପେକ୍ଟର ଦାସ କହିଲେ ।

—ତୁମେ କଣ ବିମଳାର ସବୁ ଘର ତଦନ୍ତ କରିନେଲଣି ।

—ହଁ; ସାର୍—ଇନ୍ସପେକ୍ଟର୍ ଦାସ ଅତି ବ୍ୟଗ୍ରତାର ସହ କହିଲେ—ହତ୍ୟାକାରୀ କିଛି ଚିହ୍ନ ରଖିଯାଇ ନାହିଁ ତଥାପି ପୁଣି ଥରେ ଇନ୍ସ ପେକ୍ଟର ପଣ୍ଡା ଅନୁସନ୍ଧାନ କରୁଛନ୍ତି ।

—ତୁମେ ଜାଣନି ଦାସ, ଇନ୍ସପେକ୍ଟର ପଣ୍ଡା ଜଣେ ଧୁରନ୍ଧର ଗୋଇନ୍ଦା । ତୁମ ଆଖି ଠାରୁ ତାଙ୍କର ଆଖି ତୀକ୍ଷ୍ଣ । ମୋର ବିଶ୍ୱାସ ସେ କିଛି ନା କିଛି ନିଶ୍ଚୟ ବାହାର କରିବେ ।

—ମୁଁ ସ୍ୱୀକାର କରୁଛି । ଜଣେ ଲୋକ ଘରକୁ ଆସି ଏଡ଼େ କାମ କରି ଦେଇଗଲା ଅଥଚ କେହି ସାଇ ପଡ଼ିଶାର ଲୋକ ଜାଣି ପାରିଲେ ନାହିଁ ।

—ତୁମେ କଣ ଭାବୁଛ ୨ୟ ଲୋକର ଅନୁପସ୍ଥିତିରେ ହତ୍ୟା କାଣ୍ଡ ହୋଇ ଯାଇଛି ? ୨ୟ ଲୋକ ନିଶ୍ଚୟ ଆସିଛି । ହତ୍ୟାକାଣ୍ଡ କରି ଯାଇଛି । ଆମକୁ ଖୋଜି ବାହାର କରିବାକୁ ପଡ଼ିବ । ଯାହା ସାଧାରଣ ଲୋକ ଚକ୍ଷୁରେ ଅଦୃଶ୍ୟ ତାହା ଆମ ଆଖିରେ ଦୃଶ୍ୟ । ତିନି ପ୍ରକାର ଲୋକ ବିନା ସନ୍ଦେହରେ ଘରେ ପ୍ରବେଶ କରି ପାରିବେ । ସେମାନେ ହେଲେ ପୋଷ୍ଟ ମ୍ୟାନ, ବିଜୁଳି ବାଲା ଓ ପାଣି ବାଲା । ଏମାନଙ୍କୁ ଅବିଶ୍ୱାସ କରିବାର କୌଣସି କାରଣ ନାହିଁ, ତେଣୁ ହତ୍ୟାକାରୀ ଏ ବେଶରେ ନ ଆସି ପାରିବ କାହିଁକି ?

ଦୁହେଁ କିଛି କ୍ଷଣ ଚୁପ ରହିଲେ ।

ମାରବତୀ ଭଙ୍ଗୀରେ ଡ଼ଃ ଏସ୍ଃ ପିଃ କହିଲେ—ବିମଳାର ସ୍ୱାମୀକୁ କେତେଗୁଡିଏ ପ୍ରଶ୍ନ ପଚାରିବାକୁ ମୁଁ ଇଚ୍ଛା କରୁଛି । ତାଙ୍କୁ ଡାକନ୍ତୁ ।

ବିମଳାର ସ୍ୱାମୀ ଛିଡ଼ା ହେଲେ ଡ଼ଃ ଏସ୍ଃ ପିଃଙ୍କର ସମ୍ମୁଖରେ ।

ବିଭିନ୍ନ ପ୍ରଶ୍ନ ପଚାରିବାରେ ଡ଼ଃ ଏସ୍ଃ ପିଃ ଜାଣି ପାରିଲେ ଯେ—ବିମଳାର କେହି ପୁରୁଷ ବନ୍ଧୁ ନାହାନ୍ତି । ଗ୍ରାମ ଜୀବନରେ ବିମଳାର କେହି ପ୍ରିୟ ଲୋକ ନଥିଲେ । ହତ୍ୟାଦିନ କେହି ବନ୍ଧୁବାନ୍ଧବ ଆସିବାର ନଥିଲା । ସେ କେବେହେଲେ ନିଜେ ବାହାରକୁ ଏକାକୀ ଯାଆନ୍ତି ନାହିଁ । ଗୃହିଣୀ ଛଡ଼ା ତାଙ୍କର ଏଠାରେ ଆଉ କେହି ବନ୍ଧୁବାନ୍ଧବ ନାହାନ୍ତି ।

ଏ ପ୍ରକାର ଉତ୍ତରରେ ଡ଼ଃ ଏସ୍ଃ ପିଃ ଯଦିଓ ସନ୍ତୁଷ୍ଟ ନଥିଲେ, ତଥାପି ନିରାଶ ନ ହୋଇ ଆଉ ଅଧିକ ପ୍ରଶ୍ନ କରିବା ପାଇଁ ଇଚ୍ଛା କଲେ ।

କିନ୍ତୁ ବାଧା ଦେଲେ ଇନସ୍‌ପେକ୍ଟର ପଣ୍ଡା ।

ସେ ହଠାତ୍ ବିମଳାର ସ୍ୱାମୀଙ୍କୁ ପଚାରିଲେ—ଆପଣଙ୍କର କେହି ବନ୍ଧୁ, ସମ୍ପର୍କୀୟ କିମ୍ବା ପଡ଼ୋଶୀ ଏପରି କିଏ ଲୋକ ଅଛି କି ଯାହାର ବାଳ କୁଞ୍ଚିତ ?"

ବିମଳାର ସ୍ୱାମୀ କିଛି ସମୟ ଚିନ୍ତା କରିବା ପରେ କହିଲେ —"ନା ସେପରି ଲୋକ ତ କେହି ନାହାନ୍ତି ?"

ଇନସ୍‌ପେକ୍ଟର ପଣ୍ଡା ତାଙ୍କୁ ସେଠାରୁ ଚାଲିଯିବା ପାଇଁ "ସଙ୍କେତ ଦେଲେ । ଚାଲିଯିବା ପରେ ଇନସ୍‌ପେକ୍ଟର ପଣ୍ଡା ଖୁବ୍ ଧୀର ଗଳାରେ କହିଲେ—ମୋତେ ହତ୍ୟାକାରୀର ଏକ ବାଳ ମିଳିଗଲା । କମଳାର ବନ୍ଦ ମୁଠା ଭିତରେ ଏହା ଥିଲା । ହତ୍ୟାକାଣ୍ଡର ରହସ୍ୟ ପ୍ରକାଶ କରିବା ପାଇଁ ଏହା ଏକ ସହାୟକ ବସ୍ତୁ ନିଶ୍ଚୟ !

ଏହା ଶୁଣି ଡ଼: ଏସ୍: ପି: ଅତ୍ୟନ୍ତ ଆନନ୍ଦିତ ହେଲେ । ହତ୍ୟାକାରୀ ଏକ ଆବଶ୍ୟକୀୟ ଚିହ୍ନ ରଖି ଯାଇଛି ।

## ● ପାଞ୍ଚ

ବାଳଟି କୁଞ୍ଚିତ ଘନକୃଷ୍ଣ ଥିଲା ।

ହତ୍ୟାକାଣ୍ଡର ରହସ୍ୟ ଉଦ୍‌ଘାଟନ ପାଇଁ ଏହା ଏକ ଅମୂଲ୍ୟ ବସ୍ତୁ ଥିଲା । ଡ଼: ଏସ୍: ପି: ଷଡ଼ଙ୍ଗୀ ଅତ୍ୟନ୍ତ ଖୁସି ହୋଇ କହିଲେ—ଏହାକୁ ଅତି ଯତ୍ନରେ ଏକ ଲଫାଫା ଭିତରେ ରଖ । ଯଦି ହତ୍ୟାକାରୀ ଧରା ପଡ଼େ, ପ୍ରକୃତ ହତ୍ୟାକାରୀ ଏହି ବାଳ ଦ୍ୱାରା ଜଣା ପଡ଼ିଯିବ, ଏହି ବାଳଟିହିଁ ହତ୍ୟାକାରୀକୁ ଫାଶୀ ଉପରେ ଚଢ଼ାଇ ପାରିବ ।

ତିନି ପୁଲିସ୍ ଅଫିସର ଥାନାର ଗୁପ୍ତ ମନ୍ତ୍ରଣା ଲପ୍ସ୍‌ରେ ବସିଥିଲେ । ମଝିରେ ଟେବୁଲ୍ । ଟେବୁଲ ଉପରେ ଆବଶ୍ୟକୀୟ ଫାଇଲ ପତ୍ର ।

କିଛି ସମୟ ନୀରବତା ପରେ ହଠାତ୍ ଡ଼: ଏସ୍: ପି ଷଡ଼ଙ୍ଗୀ କହି ପକାଇଲେ—ବିମଳାର ହତ୍ୟାକାଣ୍ଡ ମୋର ପୂର୍ବ ସିଦ୍ଧାନ୍ତକୁ ବଦଳାଇ ଦେଲା ।

ଇନସ୍‌ପେକ୍ଟର ପଣ୍ଡା କହିଲେ – କିନ୍ତୁ କୌଣସି ପ୍ରମାଣରେ ଆମେ କିପରି କହିବା ଯେ ତିନୋଟିଯାକ ହତ୍ୟାକାଣ୍ଡ ଜଣେ ଲୋକ ଦ୍ୱାରା ଘଟିଅଛି ।

ଧୀର ଅଥଚ ଗମ୍ଭୀର ଗଳାରେ ଡ଼: ଏସ୍: ପି: ଷଡ଼ଙ୍ଗୀ କହିଲେ—ତିନୋଟିଯାକ ହତ୍ୟାକାଣ୍ଡର ହତ୍ୟା ପ୍ରଣାଳୀ ଏକ । ହତ୍ୟାର ଉଦ୍ଦେଶ୍ୟ ଏକ । ଏଇଥି ପାଇଁ ତ ହତ୍ୟାକାଣ୍ଡ ଜଣେ ଲୋକ ଦ୍ୱାରା ଘଟିଅଛି ବୋଲି ଅନୁମାନ କରାଯାଉଛି ।

—ହତ୍ୟାର ଉଦ୍ଦେଶ୍ୟ ଏକ କପଟ—ପଚାରିଲେ ଇନସ୍‌ପେକ୍ଟର ପଣ୍ଡା ।

—କାମ ପିପାସା—ସୁମାଲ୍ ଅତି ସଂକ୍ଷେପରେ କହିଲେ ।

—ଆପଣଙ୍କ ବର୍ତ୍ତମାନ କହୁଥିଲେ ଆପଣଙ୍କ ପୂର୍ବ ସିଦ୍ଧାନ୍ତ ଭୃଙ୍ଗାପୁ ହତ୍ୟାକାଣ୍ଡ ପରେ ବଦଳି ଯାଇଛି ।

ହଁ ନିଶ୍ଚୟ । ପ୍ରଥମେ ମୋର ଧାରଣା ଥିଲା ହତ୍ୟାକାରୀର ମନମୋହନର ମା ମିସ୍ ସାହୁଙ୍କ ସହ ଖରାପ ସମ୍ପର୍କ ରଖିଥିଲା । କିନ୍ତୁ ଯେତେବେଳେ ବିମଳା ପରି ଏକ ଯୁବତୀ ଓ ବିବାହିତ ମହିଳାକୁ ହତ୍ୟା କରାଗଲା ମୁଁ ମୋର ଚିନ୍ତାଧାରା ବଦଳାଇ ଦେଲି ।

ଆପଣଙ୍କ ଚିନ୍ତାଧାରା କଣଥିଲା ।—ପଚାରିଲେ ଇନସ୍‌ପେକ୍ଟର ଅବନୀ ଦାସ ।

କାମ ପିପାସା ହତ୍ୟାକାରୀକୁ ପାଗଳ କରି ଦେଇଛି । ଯଦି ଶୀଘ୍ର ହତ୍ୟାକାରୀକୁ ଗିରଫ କରାଯାଏ, ତେବେ ଆଉ ଏକ ମୂଲ୍ୟବାନ ଜୀବନର ଅବସାନ ଘଟିବ ନିଶ୍ଚୟ । ଧୀର ଗଳାରେ କହିଲେ ଡ଼: ଏସ୍: ପି: ଷଡ଼ଙ୍ଗୀ ।

ହଠାତ୍ ଟେଲିଫୋନ ଘଣ୍ଟି ବାଜି ଉଠିଲା ।

ଫୋନ ଧରିଲେ ଡ଼: ଏସ୍: ପି: । ଅନ୍ୟ ଦିଗରୁ ଥରିଲା ଗଳାରେ କହୁଥିଲେ ପୁରୀର ପ୍ରସିଦ୍ଧ ବ୍ୟବସାୟୀ ରଙ୍ଗଲାଲ ସାହା ।

—ମୁଁ ବଡ଼ ବିପଦରେ ପଡ଼ିଗଲି ପୁଲିସ୍ ସାହେବ ! ଆପଣ ଶୀଘ୍ର ଆସନ୍ତୁ ।

—କଣ କିଛି ହତ୍ୟାକାଣ୍ଡ ଘଟିଗଲା କି ? ଡ଼ଃ ଏସ୍ଃ ପିଃ ଷଡ଼ଙ୍ଗୀ ପଚାରିଲେ ।

—ନା, ନା, ମୋର ଝିଅ କଲେଜରୁ ଫେରି ନାହିଁ । ମୋତେ ଟିକିଏ ସାହାଯ୍ୟ କରନ୍ତୁ । ସେ କେବେ ଏପରି କରେ ନାହିଁ । ସେ ବଡ଼ ଡରକୁଳି ଝିଅଟିଏ କିନ୍ତୁ ସେ ଠିକ୍ ସମୟରେ କଲେଜକୁ ଯାଏ ଏବଂ ଠିକ୍ ସମୟରେ କଲେଜରୁ ଫେରି ଆସେ । ବର୍ତ୍ତମାନ ରାତି ଆଠଟା । ପାଞ୍ଚଟା ସମୟରେ କଲେଜରୁ ଫେରିବା କଥା । ମୁଁ ନିଜେ ବହୁତ ଜାଗା ଖୋଜିଲିଣି, କିନ୍ତୁ ପାଉନାହିଁ ।

ଆଚ୍ଛା, ଆମେ ଆପଣଙ୍କୁ ଅପେକ୍ଷା କରିଛୁ, ଆପଣ ଶୀଘ୍ର ଝିଅଟିର ଏକ ଫଟୋ କପି ନେଇ ଆସନ୍ତୁ—ଗମ୍ଭୀର ଗଳାରେ ଡ଼ଃ ଏସ୍ଃ ପି. ଷଡ଼ଙ୍ଗୀ ଉତ୍ତର ଦେଇ ଫୋନ ରଖି ଦେଲେ ।

ଇନସ୍ପେକ୍ଟର ଅବନୀ ଦାସ କହିଲେ—ମନମୋହନଙ୍କ ମାଙ୍କ ନିର୍ଜୀବ ଶରୀର ପାଖରେ ଗୋଟିଏ ସୁନାର ହାର ପଡ଼ିଥିଲା । ମିସ୍ ସାହୁଙ୍କ ଶବ ନିକଟରେ ରକ୍ତାକ୍ତ ହୋଇ ଗୋଟିଏ ମୁଦି ପଡ଼ିଥିଲା । ଦୁଇଟିଯାକ ପୁଲିସ୍ ହେପାଜତରେ ଅଛି । ହତ୍ୟା-କାରୀକୁ ଖୋଜି ବାହାର କରିବାରେ ସେ ଦୁଇଟି ଯଦି କିଛି ସାହାଯ୍ୟ କରିପାରେ ତେବେ ତାହା ମୁଁ ଆଣି ଦେବି ।

ଡ଼.ଏସ.ପି. ଷଡ଼ଙ୍ଗୀ ଆଶ୍ଚର୍ଯ୍ୟ ହେଲେ—ଇନ୍ସପେକ୍ଟର ଅବନୀ ଦାସଙ୍କର ବୁଦ୍ଧିର ଧାର ବୋଧହୁଏ ଟିକିଏ ସ୍ଥୁଳ । ସେ କହିଲେ—"ଆଜି ପର୍ଯ୍ୟନ୍ତ ମୋତେ କହି ନାହଁ । ତେବେ ତ ଗୁପ୍ତ ହତ୍ୟାକାରୀ ପ୍ରମାଣ ପାଇଁ ଯଥେଷ୍ଟ ଉପାଦାନ ଦେଇ ଯାଇଛି ।" ଏହି ବସ୍ତୁମାନଙ୍କ ମଧ୍ୟରୁ ହତ୍ୟାକାରୀକୁ ସହଜରେ ଚିହ୍ନି ହେବ ।

ଏହି ସମୟରେ କାର୍‌ର ରହିବା ଶବ୍ଦ ଶୁଣାଗଲା । କାର୍‌ରୁ ସେଠ ରଙ୍ଗଲାଲ ସାହା ଓହ୍ଲାଇ ଅଫିସକୁ ଆସିଲେ । ଇନ୍‌ସ-ପେକ୍‌ଟର ପଣ୍ଡା ତାଙ୍କୁ ଡି.ଏସ.ପି.ଙ୍କ ନିକଟକୁ ନେଲେ । ସେଠ ଡି.ଏସ.ପି.ଙ୍କ ସମ୍ମୁଖରେ ବସିଲେ ।

ଡି.ଏସ.ପି ପଚାରିଲେ ଆପଣ କାହିଁକି ଭାବୁଛନ୍ତି ଆପଣଙ୍କ ଝିଅକୁ କିଏ ହରଣ କରି ନେଇଛି ?

ସେଠ ଜୀ କହିଲେ—ଆପଣ ଜାଣନ୍ତିନି ଆଜିକାଲିକାର ପଢୁଆ ଝିଅଙ୍କର ମତି ଗତି । ଝିଅ ଯେତେବେଳେ ଠିକ୍ ସମୟରେ ଘରକୁ ନ ଆସିଲା ମୋ ମନରେ ସନ୍ଦେହ ଜାତ ହେଉଛି । କାଳେ ଝିଅକୁ କିଏ ଶିଖାଇ ନେଇ ଯାଇଥିବ କିମ୍ବା ନିଜେ ଝିଅ ଚାଲି ଯାଇଥିବ । ଯାହାହେଉ କିନ୍ତୁ ମୋ ଝିଅ ଉପରେ ମୋର ଅଗାଧ ବିଶ୍ୱାସ ଥିଲା ; ସେ ଏପରି କରିପାରେ ନାହିଁ ବୋଲି ମୋର ଦୃଢ଼ ଧାରଣା ଏବେ ବି ଅଛି । ମୋତେ ସାହାଯ୍ୟ କରନ୍ତୁ ।

ଡି.ଏସ.ପି ଚିନ୍ତାମଗ୍ନ ହୋଇ ପଚାରିଲେ—

—ଆପଣ ଝିଅଟିର ଫଟୋ ଆଣିଛନ୍ତି ?

ହଁ କରି ସେ ଫଟୋଟିଏ ବଢ଼ାଇ ଦେଲେ ।

—ଝିଅର ନାମ ?

ଫଟୋ ପଛରେ ଲେଖାଅଛି ।

ପଢ଼ିଲେ—ଚନ୍ଦ୍ରପ୍ରଭା ସାହା ।

ଆପଣ କଣ କଲେଜକୁ ଯାଇ ପ୍ରିନସିପାଲଙ୍କୁ ଏହା ଜଣାଇ ଥିଲେ ?

ହଁ, ପ୍ରିନସ୍‌ପାଲଙ୍କ ଠାରୁ ଖବର ପାଇଲି ଯେ ସେ ଠିକ ସମୟରେ କଲେଜ ଛୁଡ଼ୁଛି । ସାଙ୍ଗସାଥିମାନେ କହୁଛନ୍ତି ସେ କଲେଜ ଛୁଡ଼ୁଛି ଠିକ ଦଶ ଘଣ୍ଟା ସମୟରେ ।

ଆଚ୍ଛା ଯାଆନ୍ତୁ ଆପଣଙ୍କୁ ଆମେ ସାକ୍ଷାତ କରିବୁ ।

ସେ ଧୀରେ ଧୀରେ ଚାଲିଗଲେ ।

ଡ଼.ଏସ.ପି. ଷଡ଼ଙ୍ଗୀ ଫଟୋଟିକୁ ଲକ୍ଷ୍ୟ କଲେ । ଚନ୍ଦ୍ରପ୍ରଭାର ବୟସ ଅଠର ବର୍ଷରୁ ବେଶୀ ହେବ ନାହିଁ । ସୁନ୍ଦରୀ ।

ଇନ୍‌ସପେକ୍‌ଟର ପଣ୍ଡା ପଚାରିଲେ ଆପଣ କଣ ଭାବୁଛନ୍ତି କେହି ଚନ୍ଦ୍ରପ୍ରଭାଙ୍କୁ ହରଣଚାଲ କରିଛି ନା କେହି ତାଙ୍କୁ ହତ୍ୟା କରିଛି ।

—ଚନ୍ଦ୍ରପ୍ରଭାର ଶବ ନ ମିଳିବା ପର୍ଯ୍ୟନ୍ତ କିଛି କହି ହେବ ନାହିଁ । ଡ଼.ଏସ.ପି ଷଡ଼ଙ୍ଗୀ କହିଲେ ।

ଡ଼.ଏସ.ପି ନିର୍ଦ୍ଦେଶ ଦେଲେ, ସହର ତମାମ ଯେତେ ଭଙ୍ଗା ଘର, ପୋଖରୀ ଗାଡ଼ିଆ ଅଛି କନେଷ୍ଟବଲ ପଠେଇ ଚନ୍ଦ୍ରପ୍ରଭାର ଶବ ଖୋଜାଅ । ମୁଁ ନିଜେ ବର୍ତ୍ତମାନ ଇନ୍‌ସପେକ୍‌ଟର ପଣ୍ଡାଙ୍କ ସହ କଲେଜକୁ ଯାଉଛି । ଇନ୍‌ସପେକ୍‌ଟର ଅବନୀ ଦାସ ସେଠଙ୍କ ଘର ଠାରୁ କଲେଜ ରାସ୍ତା କଡ଼ରେ ଯେଉଁ ସବୁ ଘର ଅଛି ତା ଉପରେ କଡ଼ା ନଜର ପକାଇଥାନ୍ତୁ । କାଳେ ରାତିରେ କିଏ ଶବ ସ୍ଥାନାନ୍ତରିତ କରିପାରେ ।

ଡ଼.ଏସ.ପି ଷଡ଼ଙ୍ଗୀ ଏବଂ ଗୋଇନ୍ଦା ଇନ୍‌ସପେକ୍‌ଟର ପଣ୍ଡା କଲେଜରେ ପହଞ୍ଚିଗଲେ । ଡ଼.ଏସ.ପି ଷଡ଼ଙ୍ଗୀଙ୍କର ଧାରଣା ଚନ୍ଦ୍ରପ୍ରଭା ହୁଏ କଲେଜ ଛୁଡ଼ି ବାହାରକୁ ନ ଯାଇଥାଏ ନିଶ୍ଚୟ

କଲେଜ ଭିତରେ ତାର ଶବ ଥିବ । ସେ ଜୀବିତ ଥିଲେ ଘରକୁ ଫେରନ୍ତାଣି । ତେଣୁ ପ୍ରିନସିପାଲଙ୍କ ସଙ୍ଗେ କଥାବାର୍ତ୍ତା କରି କଲେଜର ପ୍ରତ୍ୟେକ ରୁମ ତଦାରଖ୍ କରିବାକୁ ଲାଗିଲେ । ମନରେ ତାଙ୍କର ଉତ୍କଣ୍ଠା ଓ ବ୍ୟଗ୍ରତା ।

କଲେଜର ପ୍ରାୟ ସମସ୍ତ ଘର ଖାନତଲାସ କରୁ କରୁ ଘଣ୍ଟା ଏଗାରଟା ହୋଇଗଲା । ଶେଷରେ କଲେଜ କମ୍ପାଉଣ୍ଡର ଏକ କୋଣରେ ଥିବା ପରିତ୍ୟକ୍ତ ଘରେ ଚନ୍ଦ୍ରପ୍ରଭାର ଶବ ମିଳିଲା । ଚନ୍ଦ୍ରପ୍ରଭାର ନିର୍ଜୀବ ଶରୀର ମଧ୍ୟ ନଗ୍ନ ଥିଲା । ତାର ଶରୀରରେ ତୀକ୍ଷ୍ଣାସ୍ତ୍ରର ବହୁ ଆଘାତ ଚିହ୍ନ ଥିଲା । ଡି.ଏସ.ପି ଅନୁମାନ କଲେ ଯେ, ଚନ୍ଦ୍ରପ୍ରଭା ଉପରେ ହତ୍ୟାକାରୀ ବ୍ୟକ୍ତିର ନିଷ୍ଠୁର୍ଯ୍ୟ କରିଛି । ପୋଷ୍ଟମର୍ଟମ ପାଇଁ ଶବଟିକୁ ପଠାଇ ଦେଲେ ଡ଼ି.ଏସ.ପି । ତନ୍ନ ତନ୍ନ କରି ସେଇ ରୁମଟିକୁ ଦେଖିଲେ, କାଳେ ହତ୍ୟାକାରୀର ପଦ ଚିହ୍ନ ଥିବ ; କିନ୍ତୁ ନିରାଶ ହେଲେ । ଅଧା କାନ୍ଥ ଉପରେ ଚନ୍ଦ୍ରପ୍ରଭାର ଶାଢ଼ୀ ପଡ଼ି ରହିଥିଲା । ଭୁଲା ମେଞ୍ଚାଏ ଥିଲା ମଧ୍ୟ କାନ୍ଥ ଉପରେ ।

ଡି.ଏସ.ପି. ଭାବିଲେ ଏଥର ହତ୍ୟାକାରୀ ବୋଧହୁଏ କ୍ଲୋରୋଫର୍ମ ସାହାଯ୍ୟରେ ଅମାନିଆ ଶିକାରକୁ ଆୟତ୍ତ କରିଛି । ଶାଢ଼ୀଟାକୁ ଆଣିବା ସମୟରେ ଗୋଟିଏ ପଦାର୍ଥ ରକ୍ତାକ୍ତ ଚଟାଣ ଉପରେ ପଡିଥିଲା । ତାହା ଥିଲା ଏକ ଫାଉଣ୍ଟେନ ପେନ୍ । ଡ଼ି.ଏସ.ପି ଖୁସି ହେଲେ ଏବଂ ଭାବିଲେ ବୋଧହୁଏ ହତ୍ୟାକାରୀ ଚନ୍ଦ୍ରପ୍ରଭାଙ୍କୁ ଜୋରରେ ଉଲଗ୍ନ କରିବା ସମୟରେ ନିଜର ବ୍ୟବହୃତ ଫାଉଣ୍ଟେନ୍ ପେନଟି ସାର୍ଟ ପକେଟରୁ ଲାଗିଯାଇଛି ତାର ଅଲକ୍ଷ୍ୟରେ । ଅତି ଯତ୍ନର ସହ ତାକୁ ଉଠାଇ ନେଲେ ଡ଼ି. ଏସ୍. ପି. ।

ଚନ୍ଦ୍ରପ୍ରଭାଙ୍କ ମୃତ୍ୟୁ ଖବର ଘରଆଡ଼େ ବ୍ୟାପିଗଲା । ସମସ୍ତେ ଆଶ୍ଚର୍ଯ୍ୟ ହେଲେ, କିନ୍ତୁ ଆଶ୍ଚର୍ଯ୍ୟ ହେଲେ ନାହିଁ ପ୍ରଖ୍ୟାତ ଗୋଇନ୍ଦା ଡ଼ି·ଏସ୍·ପି ଷଡ଼ଙ୍ଗୀ ।

● ଛଅ

ଗୋଇନ୍ଦା ଡ଼ଃ ଏସ୍‌ଃପି ଆଶ୍ଚର୍ଯ୍ୟ ହେଲେ ନାହିଁ ସତ । କିନ୍ତୁ ସେ ଚିନ୍ତିତ ହେଲେ । ସେ ଭାବିଲେ କେଉଁଦିନ ଏପରି ଚାଲିବ । ଗୋଟିକ ପରେ ଗୋଟିଏ ହତ୍ୟା ଚାଲିଛି, ଅଥଚ ହତ୍ୟାକାରୀ କିଏ ଜାଣିବା ସମ୍ଭବ ହୋଇ ପାରୁନାହିଁ । ରାତିରେ ଭଲ ନିଦ ହେଲା ନାହିଁ । ତଥାପି ସେ ପ୍ରତିଜ୍ଞା କଲେ ଯେ ସେ ନିଶ୍ଚୟ ହତ୍ୟାକାରୀକୁ ଖୋଜି ବାହାର କରିବେ ।

ବିଛଣାରୁ ଉଠି ସେ ଫୋନ କଲେ ।

ଇନସ୍‌ପେକ୍ଟର ଅବନୀ ଦାସ ଫୋନ ଧରିଲେ ।

—ଇନସ୍‌ପେକ୍‌ଟର ଦାସ, ଶୀଘ୍ର ତୁମେ ୧ମ, ୨ୟ ଓ ୩ୟ ହତ୍ୟାକାଣ୍ଡର ରିପୋର୍ଟ, ମିଳିଥିବା ଦ୍ରବ୍ୟ ଓ ଫଟୋ ସବୁ ଧରି ମୋର ଗବେଷଣାଗାରକୁ ଆସ ।

ପୁଣି ସେ ଫୋନ କଲେ ।

ଫୋନ ଧରିଲେ ଇନସ୍‌ପେକ୍‌ଟର ପଣ୍ଡା ।

— ହ୍ୟାଲୋ ପଣ୍ଡା, ଶୀଘ୍ର ଆସ ଆଜି ଶେଷ ନିଷ୍ପତ୍ତି କରିବା । ମୁଁ ମୋ ଗବେଷଣାଗାରରେ ଅପେକ୍ଷା କରିଛି ।

ଡ଼.ଏସ୍‌ଃପି ଷଡ଼ଙ୍ଗୀ ଗବେଷଣାଗାରରେ ଅପେକ୍ଷା କରି-ଥିଲେ । ଠିକ୍ ସମୟରେ ଇନସ୍‌ପେକ୍‌ଟର ଦାସ ଆସି ପହଞ୍ଚିଲେ ।

ଗୋଟିଏ ବଡ଼ ଟେବୁଲ ଉପରେ ସଜାଡ଼ି ରଖିଲେ ସବୁ ହତ୍ୟାକାଣ୍ଡ ଗୁଡ଼ିକର ତଦନ୍ତ ରିପୋର୍ଟ । ହତ୍ୟାକାଣ୍ଡ ସମ୍ପର୍କୀୟ ଅନେକ ଫଟୋ । ଗୋଟିଏ ହାର, ଗୋଟିଏ ମୁଦି ଓ ଲଫାପାରେ ଥିବା ବାଳଟିଏ, ଗୋଟିଏ ଫାଉଣ୍ଟେନ ପେନ୍ । ଆଉ କେତେ ଗୁଡ଼ିଏ ଫିଙ୍ଗର ପ୍ରିଣ୍ଟ କାଗଜ ।

ଡି.ଏସ୍.ପି ଷଡ଼ଙ୍ଗୀ ଥରେ ସମସ୍ତ ବସ୍ତୁ ଉପରେ ଆଖି ବୁଲାଇ ଆଣିଲେ । ସେ ଚିନ୍ତାମଗ୍ନ । ଦୁଇ ଇନସ୍‌ପେକ୍‌ଟର ଚିନ୍ତାମଗ୍ନ ଡି.ଏସ୍.ପି ଙ୍କ ଆଡ଼କୁ ଅନାଇ ରହିଥିଲେ ।

ନୀରବତା ଭଙ୍ଗ କରି ଡି.ଏସ୍.ପି କହିଲେ ଏହି ହାରଟି ଓ ମୁଦିଟିକୁ ତନ୍ନ ତନ୍ନ କରି ପରୀକ୍ଷା କର । ଯଦି ହାର ଓ ମୁଦିରେ ଦୋକାନଦାରର ଷ୍ଟାମ୍ପ ସଙ୍କେତ ଥାଏ ତେବେ ଆମେ ସହଜରେ ଏହି ଦୁଇଟିର ମାଲିକ ସମ୍ବନ୍ଧରେ ଜାଣି ପାରିବା । ଯଦି ହତ୍ୟାକାରୀ ପ୍ରଲୋଭନ ପାଇଁ ଏହି ଦୁଇବସ୍ତୁ ଆଣିଥାଏ ତେବେ ନିଶ୍ଚୟ ହତ୍ୟାକାରୀ ସମ୍ବନ୍ଧରେ ଆମେ ବହୁତ କିଛି ଜାଣି ପାରିବା । ଯଦି ଏହି ଦୁଇବସ୍ତୁ ଦୁଇ ମୃତା ମହିଳାଙ୍କର ହୋଇଥାଏ ତେବେ ଆମକୁ ପୁଣି ଅନ୍ୟ ପନ୍ଥା ଅବଲମ୍ବନ କରିବାକୁ ପଡ଼ିବ ।

ଇନସ୍‌ପେକ୍‌ଟର ପଣ୍ଡା ହାରଟିକୁ ଓ ମୁଦିଟିକୁ ତନ୍ନ ତନ୍ନ କରି ଦେଖିଲେ । ମୁଦି ଓ ହାରଟିର ପେଟ ପଟେ ଦୁଇଟି ଚିହ୍ନ ରହିଥିଲା । ହାରଟିର ପେଟ ପଟରେ ବା ଭିତର ପଟରେ J. A. B. ଲେଖାଥିଲା ଓ ମୁଦିର ପେଟ ପଟେ ତିନୋଟି ସରଳ ରେଖାଥିଲା ।

ଡ଼ ଏସ୍ ପି ଏହା ଜାଣିବା ପରେ କହିଲେ ଯେ ପଣ୍ଡା ତୁମ ଉପରେ ଏ ଦାୟିତ୍ୱ ଦିଆଗଲା । ଆଜ ସନ୍ଧ୍ୟାସୁଦ୍ଧା ତୁମେ ପୁରୀର ଯେତେ ଅଳଙ୍କାର ଦୋକାନ ଅଛି ଏହି ଚନ୍ଦ୍ର କାହାର ବୁଝିନିଅ ଏବଂ ଏହି ଅଳଙ୍କାରର ପ୍ରକୃତ ମାଲିକ କିଏ ଅର୍ଥାତ କାହା ନାମରେ ଶ୍ରିପିନ୍ଟ କଟାଯାଇଛି ଖୁବ ଚତୁରତାର ସହିତ ବୁଝିନିଅ ।

ଇନସ୍‌ପେକ୍ଟର ପଣ୍ଡା ସମ୍ମତି ଜଣାଇଲେ ।

ଡ଼ ଏସ୍ ପି ଷଡ଼ଙ୍ଗୀ ବାଳ ସମ୍ପର୍କରେ କହିଲେ ଏହି ବାଳଟି ନିଶ୍ଚୟ ପୁରୁଷର । ଏ ବାଳଟିକୁ ଗବେଷଣା କରି ମୁଁ ହତ୍ୟାକାରୀର ବୟସ ଓ ଚେହେରା ସମ୍ପର୍କରେ ଜାଣି ପାରିବି । ଫାଉଣ୍ଟେନ ପେନ୍‌ଟିର ଉପରେ ଥିବା ଫିଙ୍ଗର ପ୍ରିଣ୍ଟରୁ ଜଣାପଡ଼ୁଛି । ଏହା ନିଶ୍ଚୟ ପୁରୁଷର ବ୍ୟବହୃତ ଫାଉଣ୍ଟେନ ପେନ୍ । କଥା ହେଉଛି ଆମର ସନ୍ଦେହର ପରିସର ଭିତରକୁ କେହି ଆସିଲେ ସିନା ସେ ପ୍ରକୃତରେ ହତ୍ୟାକାରୀ କି ନା ଜାଣିହେବ ? ତେଣୁ ସନ୍ଦେହର ପରିସର ଭିତରକୁ ଆଣିବାକୁ ହେଲେ ଆମକୁ କେତେଗୁଡ଼ିଏ ଉପାୟ ଅବଲମ୍ବନ କରିବାକୁ ପଡ଼ିବ ।

ଇନସ୍‌ପେକ୍ଟର ବହୁ ଆଗ୍ରହ ସହକାରେ ଚାହିଁ ରହିଥିଲେ ଡ଼: ଏସ୍ ପି ଷଡ଼ଙ୍ଗୀଙ୍କ ଆଡ଼କୁ ।

ଆଜିର ଖବର କାଗଜରେ ପ୍ରକାଶ କରି ଦିଆଯାଉ ଯେ ପୋଲିସ୍ ହତ୍ୟାକାଣ୍ଡ ସମ୍ବନ୍ଧରେ ବହୁତ ଖବର ପାଇ ଗଲେଣି । ଶବମାନଙ୍କ ନିକଟରୁ ମିଳିଥିବା ହାର, ମୁଦି, ବାଳ ଓ ଫାଉଣ୍ଟେନ ପେନ । ଅଉ ଯାହା ହେଉ ପଛେ ହତ୍ୟାକାରୀର ବାଳ କୁଞ୍ଚିତ ।

ତେଣୁ ପୋଲିସ୍‌ର ସନ୍ଦେହ ଭିତରେ ଥିବା ଏହିପରି କେତେକ ବ୍ୟକ୍ତି ଉପରେ ପୋଲିସର କଡ଼ା ନଜର ଅଛି । ଅଳ୍ପ ଦିନ ପରେ ରହସ୍ୟ ପ୍ରକାଶ ପାଇବ ।

ଖବର କାଗଜରେ ପ୍ରକାଶ ପାଇବା ସଙ୍ଗେ ସଙ୍ଗେ ସହରର ପ୍ରତ୍ୟେକ ସୁନା ଦୋକାନ, ସେଲୁନ ଉପରେ ଓ ବୁଲି ଭଣ୍ଡାରୀ-ମାନଙ୍କ ଉପରେ ନଜର ରଖିବା ପାଇଁ ପୋଲିସ୍ ନିଯୁକ୍ତି କରି ପ୍ରତିଦିନ ରିପୋର୍ଟ ସଂଗ୍ରହ କରି । ପୋଲିସମାନେ ନିଶ୍ଚୟ ସାଧା ପୋଷାକରେ ରହିବେ, ଆଉ ଅଧିକ କିଛି ନ କହି ଶୀଘ୍ର ତାଙ୍କର ଆଦେଶକୁ କାର୍ଯ୍ୟକରୀ କରାଇବା ପାଇଁ ଇଙ୍ଗିତ ଦେଲେ ।

ନିଜେ ଡ଼ଃ ଏସ୍ଃ ପି ଷଡ଼ଙ୍ଗୀ ବାଳ ସମ୍ବନ୍ଧରେ ଅଧିକ ଜ୍ଞାତ ହେବା ପାଇଁ ଗବେଷଣାଗାର ଭିତରକୁ ଗଲେ । ଇନସ୍-ପେକ୍‌ଟର ଦୁହେଁ ସ୍ଥାନ ତ୍ୟାଗ କଲେ ।

ଇନ୍‌ସପେକ୍‌ଟର ପଣ୍ଡା ମନେ ମନେ ପ୍ରଂଶସା କରୁଥିଲେ ଡ଼ଃଏସଃପି ଙ୍କ ଚିନ୍ତା ଶକ୍ତିକୁ । ହତ୍ୟାକାରୀ ଯେତେବେଳେ ଜାଣିବ ଯେ ପୋଲିସ ତା ସମ୍ବନ୍ଧରେ ବହୁତ କିଛି ଜାଣି ପାରିଲାଣି, ସେତେବେଳେ ତାର ମନର ବଳ ନିଶ୍ଚୟ ଭାଙ୍ଗି ଯିବ । ସେ ନିଜକୁ ବଞ୍ଚାଇବାକୁ ଚେଷ୍ଟା କରି ଆପେ ଆପେ ଧରା ପଡ଼ିଯିବ ।

ଇନ୍‌ସପେକ୍‌ଟର ପଣ୍ଡା ସ୍କୁଟର ଛୁଟାଇଲେ ବଡ଼ ବଜାର ଆଡ଼େ ।

ଇନ୍‌ସପେକ୍‌ଟର ଅବନୀ ଦାସ ଖବର ପ୍ରକାଶ କରାଇବା ପାଇଁ ସମ୍ବାଦଦାତାମାନଙ୍କ ପାଖକୁ ଗଲେ ।

●

# ● ସାତ

ତା ପରଦିନ ଖବର କାଗଜଗୁଡ଼ିକରେ ଏହି ରୋମାଞ୍ଚକାରୀ ଘଟଣାର ବିବରଣୀ ପ୍ରକାଶ ପାଇବାରୁ ଚାରିଆଡ଼େ ଚାଞ୍ଚଲ୍ୟ ଖେଳିଗଲା । ସହରର ଯେଉଁଠି ଟିକିଏ ଜନସମାଗମ ହେଲା । ସେଠାରେ ଏହି ଘଟଣା ସମ୍ପର୍କରେ କଥାବାର୍ତ୍ତା ଚାଲିଲା ।

କୁଞ୍ଚୁକୁଞ୍ଚିଆ ବାଳ ମୁଣ୍ଡରେ ଥିବା ଲୋକ ଉପରେ ଅନ୍ୟ-ମାନଙ୍କର ନଜର ପଡ଼ିଲା । ଘଟଣାର ଗୁରୁତ୍ୱ ରାତିରେ ଘର ଛାଡ଼ି ବାହାରକୁ ଯିବାକୁ କାହାକୁ ଅନୁମତି ଦେଲା ନାହିଁ । ସମସ୍ତ ସ୍ଥାନରେ ପୋଲିସର ସତର୍କ ଦୃଷ୍ଟି ଥିଲା ।

ସନ୍ଧ୍ୟାବେଳକୁ ପୋଲିସ ଆଇ.ଜି.ଙ୍କ ସଭାପତିତ୍ୱରେ ଏକ ଆଲୋଚନା ସଭା ବସିଲା । ଏଥିରେ ଯୋଗଦେଲେ ବହୁ ଗୋଇନ୍ଦା ପୁଲିସ ଓ ସାଧାରଣ ଶାସନ ବିଭାଗ ପୋଲିସ ଅଫିସର । ଆଇ: ଜି ସମସ୍ତ ବିବରଣୀ ଗୋଇନ୍ଦା ଡି:ଏସ:ପି ଷଡ଼ଙ୍ଗୀଙ୍କ ଠାରୁ ଶୁଣିଲେ । ହତ୍ୟାକାରୀକୁ ଧରିବା ପାଇଁ ତାଙ୍କର ପରିକଳ୍ପନା ସମ୍ବନ୍ଧରେ ସେ ଆଇ:ଜି ଙ୍କୁ ଆଶ୍ୱାସ ଦେଲେ । —ହତ୍ୟାକାଣ୍ଡ ସ୍ଥଳରୁ ମିଳିଥିବା ବସ୍ତୁଗୁଡିକ ଉପରେ ସେ ନିର୍ଭର କରି ଏବଂ କୁକୁର ସାହାଯ୍ୟରେ ସେ ଅଳ୍ପ ଦିନ ଭିତରେ ପ୍ରକୃତ ହତ୍ୟାକାରୀକୁ ଧରାଇ ଦେବେ ବୋଲି ଦୃଢ଼ ଭାବରେ କହିବାରୁ ଆଇ.ଜି ସମସ୍ତ ପୋଲିସ ବାହିନୀ ତାଙ୍କୁ ସାହାଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଲେ । ଡି:ଏସ:ପି ଷଡ଼ଙ୍ଗୀଙ୍କର ଦକ୍ଷତା ଉପରେ ସମସ୍ତଙ୍କର ବିଶ୍ୱାସ ଥିଲା ।

ଆଇ:ଜି ଙ୍କ ସଭାରୁ ସିଧା ଡ଼:ଏସ:ପି ଷଡ଼ଙ୍ଗୀ ବସାକୁ ଫେରିଲେ । ଅପେକ୍ଷା କରି ବସିଥିଲେ ଇନ୍‌ସପେକ୍‌ଟର ପଣ୍ଡା ।

ପ୍ରଖ୍ୟାତ ଡ଼.ଏସ.ପି ଷଡ଼ଙ୍ଗୀ ଏକ ସାଧାରଣ ପୋଲିସ ଅଫିସର ନଥିଲେ । ଦୀର୍ଘ ପନ୍ଦର ବର୍ଷର ଚାକିରୀ ଜୀବନ ମଧ୍ୟରେ ସେ ବହୁ ଜଟିଳ ଘଟଣାର ସମ୍ମୁଖୀନ ହୋଇଛନ୍ତି; କିନ୍ତୁ କୌଣସି କାର୍ଯ୍ୟରେ ସେ ଅକୃତ କାର୍ଯ୍ୟ ହୋଇ ନାହାନ୍ତି । ତାଙ୍କର ସୁନାମ ସାରା ଓଡ଼ିଶାରେ ଅଛି । ଏପରିକି ଓଡିଶା ବାହାରେ ତାଙ୍କର ସମ୍ମାନ ମଧ୍ୟ କିଛି କମ୍ ନୁହେଁ । ସମୟେ ସମୟେ ସେ ବାହାର ପ୍ରଦେଶମାନଙ୍କୁ ଜଟିଳ ଘଟଣାର ସାଧାନ ପାଇ ଯାଆନ୍ତି । କିନ୍ତୁ ଏହି ଏକ କ୍ଷୁଦ୍ର ସହରରେ ଏପରି ଏକ ଘଟଣା ତାଙ୍କୁ ବିବ୍ରତ କରି ପକାଇଲାଣି । ସେ ଏହାର ଆଶୁ ସମାଧାନ ଚାହାନ୍ତି । ଏହି କାର୍ଯ୍ୟରେ ତାଙ୍କର ପ୍ରଧାନ ସହକର୍ମୀ ଇନ୍‌ସପେକ୍‌ଟର ପଣ୍ଡା ।

ଇନ୍‌ସପେକ୍‌ଟର ପଣ୍ଡାଙ୍କୁ ସଙ୍ଗରେ ନେଇ ସେ ଗବେଷଣାଗାରକୁ ଗଲେ । ହାର ଓ ମୁଦିରେ ଥିବା Stampରୁ ସେ ଯାହା ଅନୁସନ୍ଧାନ କରି ଜାଣିଲେ ସେଥିରେ ସେ ଦୁଇଟି ତାଙ୍କର ସମାଧାନ ଦିଗରେ କୌଣସି ସାହାଯ୍ୟ କରି ପାରିବ ନାହିଁ । କାରଣ ଏହା ମନମୋହନଙ୍କ ମା ଓ ମିସ୍ ସାହୁଙ୍କ ନିଜର । ବର୍ତ୍ତମାନ ଏକମାତ୍ର ବାଳଟି ପ୍ରଧାନ ସହାୟକ ହେବ । ବାଳଟିକୁ ବିଜ୍ଞାନାଗାରରେ ତନ୍ନ ତନ୍ନ କରି ପରୀକ୍ଷା କରାଯାଇଛି । ବାଳଟି ଯେ ପୁରୁଷର ଏଥିରେ କୌଣସି ସନ୍ଦେହ ନାହିଁ । ଏହି ବାଳଟିରୁ ଲୋକଟିର ଚେହେରା ଓ ବୟସ ମଧ୍ୟ ଜଣା ପଡ଼ୁଯାଉଛି । କିନ୍ତୁ ଲୋକଟିକୁ ପାଇବେ କିପରି ? ଏକ ରହସ୍ୟାବୃତ ପ୍ରଶ୍ନବାଚକ ନେଇ ବସି ରହିଲେ ଡ଼.ଏସ:ପି ଷଡ଼ଙ୍ଗୀ ।

ଇନ୍‌ସପେକ୍ଟରର ପଣ୍ଡା ଡି:ଏସ.ପି.ଙ୍କ ଚିନ୍ତାଧାରାକୁ ବାଧା ଦେଇ କହିଲେ—ଖବର କାଗଜରେ ବାଳ ରହସ୍ୟ ପ୍ରକାଶ ପାଇବା ପରେ ଯଦି ପ୍ରକୃତ ଲୋକ ନଣ୍ଡା ହୋଇ ଯିବେ, ତେବେ ଆମର ସବୁ ଯୋଜନା ବିଫଳ ହୋଇ ପଡ଼ିବ ।

ଡି:ଏସ:ପି ହସିଲେ ଏବଂ କହିଲେ—ସେଇଥିପାଇଁ ତ ସହରର ସବୁ ସେଲୁନ ଓ ଭଣ୍ଡାରୀଙ୍କ ଆଡ଼ା ସ୍ଥଳରେ ସାଦା ପୋଷାକରେ କନେଷ୍ଟବଳ ନିଯୁକ୍ତ କରାଯାଇଛି । ଦୁଇଦିନ ମଧ୍ୟରେ ରିପୋର୍ଟ ମିଳିଯିବ । ଯଦି ପ୍ରକୃତ ଲୋକ ନଣ୍ଡା ହେବାକୁ ଆସେ ତା ହେଲେ ଆମ ଯୋଜନା ନିଶ୍ଚୟ ସଫଳ ହେବ ।

ପ୍ରମାଣକୁ ଦୃଢ଼ୀଭୂତ କରାଇବା ପାଇଁ ରଖିଛୁ ହତ୍ୟାକାରୀର ଫାଉଣ୍ଟେନ ପେନ । ଏହି ପେନର ମାଲିକ ନିଶ୍ଚୟ ବିଦେଶ ଭ୍ରମଣକାରୀ । କାରଣ କଲମଟି ମୂଲ୍ୟବାନ ଓ ଭାରତରେ ଦୁଷ୍ପ୍ରାପ୍ୟ । କଲମଟି ଉପରେ ଥିବା ଫିଙ୍ଗର ପ୍ରିଣ୍ଟ ରଖିଛୁ । ତେଣୁ ଥରେ ଜାଲେ ପଡ଼ିଲେ ଆଉ ଲୋକଟି ଜାଲ ଭିତରୁ ଖସିବା ମୁସ୍କିଲ !

କିନ୍ତୁ ମୋର ଗୋଟିଏ ଭୟ ଲୋକଟି ଯଦି ନଣ୍ଡା ହେବାକୁ ସେଲୁନ ବା ଭଣ୍ଡାରୀ ପାଖକୁ ନ ଆସେ·······?

ଫୋନ କଲ ଆସି ପହଞ୍ଚିଲା·······।

ଫୋନ କରୁଥିଲେ ଇନ୍‌ସପେକ୍ଟର ଅବନୀ ଦାସ ।

ଆଜି ଏକ ହତ୍ୟାକାଣ୍ଡ—ସମୁଦ୍ର କୂଳରେ ଏକ ବ୍ୟବସାୟୀଙ୍କ ପ୍ରାସାଦରେ । କାଲ ବିଳମ୍ବ ନକରି ଛୁଟନ୍ତା ହେଲେ ଦୁହେଁ । ସମୟ ସେତେବେଳକୁ ୧୦ଟା । ଇନ୍‌ସପେକ୍ଟର ପଣ୍ଡାଙ୍କୁ ତାଲିମପ୍ରାପ୍ତ

କୁକୁର ନେଇ ଯିବାକୁ ଆଦେଶ ଦେଇ ନିଜେ ଜିପ୍ ଛୁଟାଇଲେ ସମୁଦ୍ର କୂଳସ୍ଥ ସ୍ୱର୍ଗଧାମ ଆଡ଼କୁ············

ଡ଼. ଏସ୍. ପି. ଷଡ଼ଙ୍ଗୀ ସ୍ୱର୍ଗଧାମସ୍ଥ 'ନୀଳାଚଳ ଭବନ' କୋଠିରେ ପହଞ୍ଚିଲେ । ସଙ୍ଗରେ ଥିଲେ ସହକର୍ମୀ ଦଳ ଓ ଶିକ୍ଷାପ୍ରାପ୍ତ କୁକୁରଟିଏ ।

ପୋଲିସ ଦଳ ପହଞ୍ଚିବା ପୂର୍ବରୁ ବହୁ ଲୋକ ସେଠାରେ ଜମା ହୋଇ ଯାଇଥିଲେ । ହତ୍ୟା କରା ଯାଇଥିବା ମହିଳା ପୁରୀର ଜଣେ ବିଖ୍ୟାତ ବ୍ୟବସାୟୀଙ୍କ ସ୍ତ୍ରୀ । ଷଡ଼ଙ୍ଗୀ ସମସ୍ତ ଲୋକଙ୍କୁ ଗୋଟିଏ ପଟକୁ ଆଡ଼େଇ ହୋଇ ଯିବାକୁ ନିର୍ଦ୍ଦେଶ ଦେଲେ ଏବଂ ନିଜେ ଯାଇ ମୃତା ସ୍ତ୍ରୀ ଲୋକଟିକୁ ଦେଖିଲେ । ତାଙ୍କ ଆଶାର ବିପରୀତ ଏହି ଘଟଣାଟି ଥିଲା । ସେହି ସ୍ତ୍ରୀ ଲୋକଟିର ବୟସ ଅନ୍ତତଃ କମରେ ୬୦ ବର୍ଷ ପାଖାପାଖି ହେବ ନିଶ୍ଚୟ । କିନ୍ତୁ ମୃତା ସ୍ତ୍ରୀ ଲୋକଟିକୁ ଦେଖି ଡ଼. ଏସ୍. ପି ଷଡ଼ଙ୍ଗୀ ଅନୁମାନ କରି ନେଲେ କି ଏହି ଘଟଣାଟି ନିଶ୍ଚୟ ସେହି ଏକା ବ୍ୟକ୍ତି ଦ୍ୱାରା ଘଟିଅଛି । କିନ୍ତୁ ପ୍ରଶ୍ନ ଉଠୁଛି ଜଣେ ବୁଢ଼ୀ ସ୍ତ୍ରୀ ଲୋକଟିକୁ ହତ୍ୟାକାରୀ ହତ୍ୟା କଲା କାହିଁକି ? ପୂର୍ବ ପ୍ରଣାଳୀ ଅନୁସୃତ ଏହି ହତ୍ୟାକାଣ୍ଡ ଡ଼.ଏସ୍.ପି ଷଡ଼ଙ୍ଗୀଙ୍କୁ ବିବ୍ରତ କରି ପକାଇଥିଲା ।

ଡ଼.ଏସ.ପି ପ୍ରଥମେ ମୃତା ମହିଳାଙ୍କ ସ୍ୱାମୀଙ୍କୁ ସାକ୍ଷାତ କଲେ । କ୍ରନ୍ଦନରତ ସ୍ୱାମୀ ପୁରୀର ବିଖ୍ୟାତ ଲୁଗା ବ୍ୟବସାୟୀ ଧୀରେ ଧୀରେ ପୁଲିସ ସାହେବଙ୍କ ନିକଟକୁ ଆସିଲେ । ଷଡ଼ଙ୍ଗୀଙ୍କ ପ୍ରଶ୍ନର ଉତ୍ତର ଦେଇ ବ୍ୟବସାୟୀ ବୃଦ୍ଧ କହିଲେ—ମୁଁ ଏଠାରେ ଜଣେ ବ୍ୟବସାୟୀ । ମୁଁ ଦୋକାନରୁ ଫେରି ଦେଖିଲି ଯେ ମୋର ସ୍ତ୍ରୀ ସୁଧାର ନିର୍ଜୀବ ଶରୀର ମୋର ବୈଠକ ଖାନାରେ ପଡ଼

ରହୁଛି । ମୋର ଚାକର ଚାକରାଣୀ ଜାଣି ନଥିଲେ ଯେ ତାଙ୍କର ମାଙ୍କୁ କେହି ହତ୍ୟାକରି ଚାଲି ଯାଇଛି । ମୁଁ ବିବ୍ରତ ହୋଇ ଚିତ୍କାର କଲି । ମୋର ଚିତ୍କାର ଶୁଣି ମୋର ସମସ୍ତ ଚାକର ଚାକରାଣୀ ଆସି ଜମା ହେଲେ । ସେମାନଙ୍କଠାରୁ ଜାଣି ପାରିଲି ଯେ ସୁଧା ଦେବୀ ରାତି ୯ଟାବେଳେ ପାକଶାଳାକୁ ରୋଷେଇ ଶେଷ ହେଲାଣି କି ନାହିଁ ଦେଖିବାକୁ ଉପର ମହଲାରୁ ତଳକୁ ଆସିଥିଲେ । ମୁଁ ରାତି ଦଶଟାରେ ଦୋକାନରୁ ଫେରି ସୁଧା ଦେବୀଙ୍କ ମୃତ ଶରୀରକୁ ଦେଖିଲି, ତେଣୁ ହତ୍ୟାକାଣ୍ଡ ନିଶ୍ଚୟ ରାତି ୯ ଘଣ୍ଟାଠାରୁ ୧୦ ଘଣ୍ଟା ମଧ୍ୟରେ ହୋଇଅଛି ; କିନ୍ତୁ ଚାକରମାନେ କହନ୍ତି ଯେ କୌଣସି ଅପରିଚିତ ଲୋକକୁ ସେ କୋଠି ଭିତରକୁ ଆସିବା ଦେଖି ନାହାନ୍ତି ।

ସୁଧାଦେବୀଙ୍କ ହତ୍ୟାକାଣ୍ଡ ଶ୍ୱାସରୁଦ୍ଧ ଦ୍ୱାରା ହୋଇଥିଲା । ତାଙ୍କର ନଗ୍ନ ଶରୀର ଉପରେ ଏକ ସତର୍କ ଦୃଷ୍ଟି ନିକ୍ଷେପ କରି ସାରିବା ପରେ ଡ଼: ଏସ୍: ପି: ଷଡ଼ଙ୍ଗୀ ପଚାରିଲେ—ଆପଣଙ୍କର କେହି ଶତ୍ରୁ ଅଛନ୍ତି କି ?

—ନାହିଁ ତ । ମୋର କେହି ଶତ୍ରୁ ନାହାନ୍ତି କି ମୋର କାହା ସହ ଝଗଡ଼ା ମଧ୍ୟ ନାହିଁ ।

—ଆପଣଙ୍କର କେତୋଟି ସନ୍ତାନ ?" ଦୀର୍ଘସ୍ୱ ପ୍ରଶ୍ନ ପଚାରିଲେ ଡ଼: ଏସ୍: ପି: ।

—ମୋର ସନ୍ତାନ ନାହିଁ ।

—ତେବେ ଆପଣଙ୍କ ସମସ୍ତ ସମ୍ପତ୍ତିର ଉତ୍ତରାଧିକାରୀ କଏ ହେବ ?

—ମୋର ଭଣଜା ମହୀନ୍ଦ୍ର କୁମାର । ମୁଁ ପିଲା ଦିନରୁ ତାକୁ ପାଳିଛି ।

—ମହୀନ୍ଦ୍ର, ବର୍ତ୍ତମାନ କେଉଁଠି ?

—ସେ ଦିନ ତମାମ ଦୋକାନରେ ରହି ବ୍ୟବସାୟର ଦେଖା ଶୁଣା କରେ ।

ବର୍ତ୍ତମାନ ମଧ୍ୟ ସେ ଦୋକନରେ ଅଛି ।

ସେଠଙ୍କ ସହ ଡ଼: ଏସ୍: ପି: ଷଡ଼ଙ୍ଗୀ କଥାବାର୍ତ୍ତା କରୁଥିବା ସମୟରେ ଇନସ୍‌ପେକ୍‌ଟର ପଣ୍ଡା ସୁଧାଦେବୀଙ୍କ ନିର୍ଜୀବ ଶରୀରକୁ ଦେଖିଥିଲେ । ସେ ଅନୁମାନ କରିନେଲେ ଯେ ହତ୍ୟାକାରୀ ନିଜ କାମନା ଚରିତାର୍ଥ ଏହି ବୟସ୍କା ରମଣୀଙ୍କ ସହ କରିଛି । ଘରର ଜିନଷପତ୍ରର ଅବସ୍ଥାରୁ ଜଣାପଡ଼ୁଛି ଯେ ହତ୍ୟାକାରୀ ସହ ପ୍ରଥମେ ସୁଧାଦେବୀ ଝଗଡ଼ା କରିଛନ୍ତି; କିନ୍ତୁ ଅସହାୟ ବୃଦ୍ଧା ଶେଷରେ ଶୀକାର ହୋଇଛନ୍ତି ହତ୍ୟାକାରୀର ।

ବର୍ତ୍ତମାନ ପ୍ରଶ୍ନ ସ୍ୱତଃ ମନରେ ଆସେ ସୁଧାଦେବୀ ଜଣେ ଅପରିଚିତ ବ୍ୟକ୍ତିଙ୍କୁ ନିଜ ଘରକୁ ପ୍ରବେଶ କରିବାର ଅନୁମତି ଦେଲେ କାହିଁକି ?

ହୋଇପାରେ ସୁଧାଦେବୀଙ୍କର ତାଙ୍କ ସହିତ ପରିଚୟ ଥାଇପାରେ ।

ଡ଼:ଏସ:ପି ଷଡ଼ଙ୍ଗୀ ମନେ ମନେ ଭାବୁଥିଲେ—କେତେ ଜଣ । ହତ୍ୟାକାରୀର ପ୍ରତ୍ୟେକ ମହିଳାଙ୍କ ସହ ପରିଚୟ ଥିଲା ?

ବୟସ୍କା ରମଣୀର ଚରିତ୍ର ସନ୍ଦେହ କରିବାର କୌଣସି କାରଣ ନ ଥିଲା । ତେଣୁ ଆଉ ଅଯଥା କାଳାତିପାତ ନ କରି ତଦନ୍ତର ରୂପରେଖ ବଦଳାଇବା ପାଇଁ ସେ ଟ୍ରେନିଂପ୍ରାପ୍ତ କୁକୁରକୁ ବ୍ୟବହାର କରିବା ସ୍ଥିର କଲେ ।

ଏହି ଗୋଇନ୍ଦା କୁକୁରମାନଙ୍କର ଏକ ଗୁଣ ଯେ ମରିବାର ଦୁଇ ତିନି ଘଣ୍ଟା ଭିତରେ ଯଦି ଏହି କୁକୁରକୁ ସେହି ସ୍ଥାନଟିକୁ ଶୁଙ୍ଘାଇ ଦିଆଯିବ ତେବେ କୁକୁରଟି ହତ୍ୟାକାରୀର ଗତିପଥକୁ ଆବିଷ୍କାର କରି ପାରିବ । ହତ୍ୟାକାରୀ ଛୁଇଁ ଯାଇଥିବା ଯେକୌଣସି ପଦାର୍ଥ ଶୁଂଘାଇ ଦେଲେ ସେ ୨୦୦ ଲୋକଙ୍କ ଭିତରୁ ହତ୍ୟାକାରୀକୁ ଖୋଜି ବାହାର କରିଦେବ ।

ଯାହାହେଉ ଆଉ ବିଳମ୍ବ ନ କରି ଡି.ଏସ.ପି ଷଡ଼ଙ୍ଗୀ ହୁଇସିଲ୍ ବଜାଇଲେ ଏବଂ ସଙ୍କେତ ଦେଲେ । ସଙ୍କେତ ପାଇବା ମାତ୍ରେ ଘରର ସମସ୍ତ ବସ୍ତୁକୁ କୁକୁରଟି ଶୁଂଘିବାକୁ ଲାଗିଲା ଏବଂ ପରେ ପରେ ଘରେ ଥିବା ସମସ୍ତ ବ୍ୟକ୍ତିଙ୍କୁ ଶୁଂଘି ପକାଇଲା ଓ ତାହା କଲାପରି କିଛି ସମୟ ଛିଡ଼ା ହେଲା । ପରେ ପରେ ସେ କୋଠି ଭିତରୁ ବାହାରକୁ ଆସି ଦୌଡ଼ିବାକୁ ଲାଗିଲା । ଇନ୍‌ସ-ପେକ୍ଟର ପଣ୍ଡା ଓ ଟ୍ରେନିଂ ହାବିଲଦାର କୁକୁରଟିର ଅନୁଧାବନ କଲେ ।

ଡି.ଏସ.ପି ଷଡ଼ଙ୍ଗୀ ଶବ ନିକଟକୁ ଆସିଲେ । ପୁଣି ଥରେ ଅତି ସାବଧାନତା ସହ ଦେଖିବାକୁ ଲାଗିଲେ ।

ଶବ ଉପରେ ବହୁ ଅସ୍ତ୍ରାଘାତ ଥିଲା । ଶରୀରରେ ଅନେକ ସୁନା ଗହଣା ଥିଲା । ଶବଟିର ମୁଖ ମଣ୍ଡଳରୁ ଜଣା ପଡୁଥିଲା ପ୍ରଥ

ସୁଧାଦେବୀ ମରିବା ପୂର୍ବରୁ ଆତଙ୍କିତ ଓ ଉତ୍ପୀଡ଼ିତ ହୋଇ ପଡ଼ିଥିଲେ । ନଗ୍ନ ଶରୀର ଉପରେ କମ୍ବଳ ଶବର ଚତୁଃପାର୍ଶ୍ୱରେ ହତ୍ୟାକାରୀର କୌଣସି ଚିହ୍ନ ନ ଥିଲା । ଡ଼:ଏସ:ପି ଆଶ୍ଚର୍ଯ୍ୟ ହେଲେ କାରଣ ପରିସ୍ଥିତିରୁ ଜଣାପଡୁଥିଲା ଯେ ଯେପରିକି ୨ୟ ବ୍ୟକ୍ତିର ଉପସ୍ଥିତି ସେଠାରେ ନ ଥିଲା ।

ଡ଼: ଏସ୍: ପି: ଷଡ଼ଙ୍ଗୀ ନିରାଶ ହେଲେ । ସେ ଅନ୍ତତଃ ୨୦ମିନିଟ୍ ପର୍ଯ୍ୟନ୍ତ ଶବ ପାଖରେ ଛିଡ଼ା ହୋଇ ଭାବିବାକୁ ଲାଗିଲେ । ପରେ ପୋଷ୍ଟମର୍ଟମ ପାଇଁ ପଠାଇ ଦେବାକୁ ଆଦେଶ ଦେଇ କୋଠରି ବାହାର ବାରଣ୍ଡାକୁ ଆସିଲେ, ହଠାତ୍ ସେ ଜଣେ ଯୁବକଙ୍କୁ କୋଠି ଭିତରକୁ ପ୍ରବେଶ କରିବାର ଦେଖିଲେ । ତାଙ୍କର ସ୍କୁଟରଟି ବୋଧହୁଏ ବାହାରେ ଥିଲା । ସେହି ଯୁବକ ଉପରେ ଏକ ସତର୍କ ଦୃଷ୍ଟିପାତ କରି ଡ଼: ଏସ୍: ପି ଷଡ଼ଙ୍ଗୀ ଚମକିତ ହୋଇ ପଡ଼ିଲେ, କାରଣ ସେହି ଯୁବକଙ୍କର ବାଳ କୁଞ୍ଚିତ ଥିଲା ।

ସିଧା ଯୁବକଟି ସୁଧା ଦେବୀଙ୍କ ନିର୍ଜୀବ ଶରୀର ପଡ଼ି ରହିଥିବା ଘର ଭିତରକୁ ପଶି ଯାଉଥିଲେ । ସେଠ୍ ଚିତ୍କାର କରି ଉଠିଲେ, ମମୀନ୍ଦ୍ର ତୁମ ମାଇଁ ସବୁଦିନ ପାଇଁ ଛାଡ଼ି ଚାଲିଗଲେ । ଯୁବକଟି ଛିଡ଼ା ହୋଇ କାନ୍ଦିବାକୁ ଆରମ୍ଭ କଲେ; କିନ୍ତୁ ଡ଼:ଏସ୍:ପି ସେହି ଯୁବକର କୁଞ୍ଚୁ କୁଞ୍ଚିଆ ବାଳକୁ ଅନାଇ ରହିଥିଲେ । ସେ ନ ଯାଣିଲା ପରି ଯୁବକର ନିକଟକୁ ଆସିଲେ ।

## ● ନଅ

ଡ଼: ଏସ୍: ପି ଷଡ଼ଙ୍ଗୀଙ୍କ ମତରେ କୁଞ୍ଚିତ ବାଳ ହିଁ ଏହି ହତ୍ୟା-କାଣ୍ଡର ସମାଧାନ ପାଇଁ ଏକମାତ୍ର ସୂତ୍ର ।

ଯାହାହେଉ ମଣୀନ୍ଦ୍ରର ବାଳ କେବଳ କୁଞ୍ଚିତ ଥିଲା । ଏହା କମଳା ଦେବୀଙ୍କ ହାତ ମୁଠାରୁ ବାହାରିଥିବା କୁଞ୍ଚିତ କହିଁସ ବାଳ ସହ ବହୁ ସାଦୃଶ୍ୟ ଥିଲା ।

ଡ଼: ଏସ୍: ପି ଭାବିଲେ – ମଣୀନ୍ଦ୍ର ତେବେ କଣ ଅପରାଧୀ ? ପୁଣି ଭାବିଲେ—ଯଦି ମଣୀନ୍ଦ୍ର ଅପରାଧୀ ହୋଇଥାନ୍ତା ଏତେ ନିର୍ଭୀକ ଭାବରେ ସେ ଚଳପ୍ରଚଳ କରି ପାରି ନ ଥାନ୍ତା । ସେ କୌଣସି ସିଦ୍ଧାନ୍ତ କରି ପାରିଲେ ନାହିଁ । ସେ ନିଜକୁ ଏତେ ଭାବପ୍ରବଣତା ହେବାର ଦେଖି ଲଜ୍ଜିତ ହେଲେ । ଭାବପ୍ରବଣତା ହେବା ପୋଲିସ କର୍ମଚାରୀର ଏକ ଅବୁଣ୍ଡାତ୍ମକ କାର୍ଯ୍ୟ ।

ଏକାକୀ ଗୋଟିଏ ରୁମରେ ବସି ମଣୀନ୍ଦ୍ର କାନ୍ଦୁଥିଲା ତଳକୁ ମୁହଁ ପୋତି । ଡ଼. ଏସ୍. ପି ନିକଟକୁ ଗଲେ ଏବଂ ପଚାରିଲେ—ଆପଣ କଣ ଦିନ ତମାମ ଦୋକାନରେ ଥିଲେ ?"

—ହଁ, 'ଦିନ ଦଶଟାଠାରୁ ରାତି ଆଠଟା ପର୍ଯ୍ୟନ୍ତ ମୁଁ ଦୋକାନରେ ରହେ ।" ନମ୍ର କଣ୍ଠରେ କହିଲେ ମଣୀନ୍ଦ୍ର ।

ଆଠଟା ବାଜିବା ପରେ ଆପଣ କୁଆଡେ ଯାଆନ୍ତି ?— ଡି. ଏସ୍: ପି ପୁଣି ପଚାରିଲେ ।

— କୁଆଡ଼େ ନୁହେଁ ? ସିଧା ଘରକୁ ଆସେ ।— ଉତ୍ତର ଦେଲେ ମମାନ୍ଦ୍ର ।

—ଆପଣ ତ ନିଶ୍ଚୟ ଜାଣିଥିବେ ଯେ ସହରରେ ପ୍ରାୟ ଛଅଟି ହତ୍ୟାକାଣ୍ଡ ଏହା ଭିତରେ ଘଟିଗଲାଣି ।

—ହିଁ, ଆଜି ମଧ୍ୟ ଖବର କାଗଜରୁ ପଢ଼ିଛି ଯେ ପୋଲିସ କୁଞ୍ଚିତ ବାଳଥିବା ଲୋକମାନଙ୍କ ଉପରେ ସନ୍ଦେହ ଦୃଷ୍ଟି ପକାଇଛନ୍ତି । ଆପଣ ଯଦି ମୋ ଉପରେ ସନ୍ଦେହ କରୁଛନ୍ତି, ତେବେ ମୋ ମୁଣ୍ଡର ବାଳ ନେଇ ହତ୍ୟାକାରୀର ପାଇଥିବା କୁଞ୍ଚିତ ବାଳ ସହ ତୁଳନା କରିପାରନ୍ତି ।

—ହିଁ, ଠିକ୍ କଥା । ଏହା ହିଁ ଉଚିତ ହେବ । ଆପଣଙ୍କ ମୁଣ୍ଡର ଏକ ବାଳ ମୋତେ ଦିଅନ୍ତୁ ।

ଡ଼ି:ଏସ୍:ପି:ଙ୍କ ଠାରୁ ଏପରି ମନ୍ତବ୍ୟ ଶୁଣି ସଙ୍ଗେ ସଙ୍ଗେ ମମାନ୍ଦ୍ର ନିଜ ମୁଣ୍ଡରୁ ଏକ ବାଳ ଟାଣିଆଣି ଡ଼ି:ଏସ:ପି:ଙ୍କ ହାତକୁ ବଢ଼ାଇ ଦେଲେ । ଡ଼ି:ଏସ.ପି ସେଇ ବାଳଟି ଗୋଟିଏ କାଗଜରେ ଗୁଡ଼ାଇ ନିଜ ପକେଟ୍‌ରେ ରଖିଲେ । ଏହା ପରେ ଗୋଇନ୍ଦା ଡ଼ି:ଏସ:ପି ଷଡ଼ଙ୍ଗୀ ମମାନ୍ଦ୍ରଙ୍କୁ ଆଉ କୌଣସି ପ୍ରଶ୍ନ ପଚାରିଲେ ନାହିଁ ।

ଫୋନ କଲ ପାଇ ରିସିଭର ଧରିଲେ ମମାନ୍ଦ୍ର ।

କିନ୍ତୁ ଫୋନ କଲ ଥିଲା ଡ଼.ଏସ୍.ପି ଙ୍କର । ଫୋନ କରୁଥିଲେ ଇନସ୍‌ପେକ୍ଟର ପଣ୍ଡା ଡ଼.ଏସ୍.ପି.ଙ୍କ କୋଠିରୁ । ଫୋନ ରିସିଭର ଧରିଲେ ଡ଼ି:ଏସ୍:ପି: ।

—ଆପଣ ଶୀଘ୍ର ଆସନ୍ତୁ । ବହୁତ କିଛି ଖବର ଅଛି ।
ଦୁଇଜଣ ପୋଲିସ କନେଷ୍ଟବଳ ଜଗିବା ପାଇଁ ରହି ଦେଇ ଡ଼: ଏସ୍: ପି ପଣ୍ଡା 'ନୀଳାଚଳ ଭବନ' ତ୍ୟାଗକଲେ । ରାତି ସେତେବେଳକୁ ଗୋଟାଏ ।

ମନରେ ଉଦ୍‌ବେଗ । ଜିପର ଗତି ଚଞ୍ଚଳ ରାତିର ଜନଶୂନ୍ୟ ରାସ୍ତାରେ । ପୋଷ୍ଟ ଅଫିସ ପାରହେବା ପରେ ପରେ ରାସ୍ତାର ବାମ ପାର୍ଶ୍ବରେ ଜିପ ଆଲୋକରେ ଡ଼ି. ଏସ୍. ପି ଦେଖିଲେ ପେଲଟ କ୍ୟାପ ପରିହିତ ଏକ ଦୀର୍ଘକାୟ ବ୍ୟକ୍ତି । ବୋଧହୁଏ ରାସ୍ତା ପାରି ହେବାକୁ ଇଚ୍ଛା କରୁଥିଲେ; କିନ୍ତୁ ଜିପର ଆଲୋକ ଓ ଗତି ଅଟକାଇ ଦେଲା । ସେ ଛିଡ଼ା ହୋଇ ପଡ଼ିଲେ । ଜିପ ମଧ୍ୟ ତାଙ୍କର ସାମନାରେ ଅଟକିଗଲା । ଦୁହେଁ ଚମକି ପଡ଼ିଲେ

ନମସ୍ତେ ମିଷ୍ଟର ଶତପଥୀ, ଆପଣ ଏତେ ରାତିରେ

—ଲ୍ୟବୋରେଟୋରୀରୁ ଫେରୁଛି ।

—ଆପଣ କଣ ସବୁଦିନ ଫେରନ୍ତି ଏତେ ରାତିରେ ?

—ନା ନା ବେଳେ ବେଳେ । ଆପଣ ଏତେ ରାତିରେ ?

—ଏହା ତ ଆମର କର୍ତ୍ତବ୍ୟ ?

ମିଷ୍ଟର ଶତପଥୀ ଆଉ କଣ ପଚାରିବାକୁ ଚାହୁଁଥିଲେ; କିନ୍ତୁ ଚୁପ ରହିଲେ ।

—Good night ମିଃ ଶତପଥୀ । ଜିପ ପୁଣି ଚଞ୍ଚଳ ହୋଇ ଉଠିଲା । ଜିପ ପ୍ରବେଶ କଲା ଡ଼. ଏସ୍. ପିଙ୍କ କୋଠିରେ । ଅପେକ୍ଷା କରି ରହିଥିଲେ ଇନସ୍‌ପେକ୍ଟର ପଣ୍ଡା ।

ଇନସ୍‌ପେକ୍‌ଟର ସନ୍ଧାନ ଆରମ୍ଭ କଲେ—

କୁକୁରଟି ସଡ଼କ ଉପରେ ଦୌଡ଼ିବାକୁ ଆରମ୍ଭ କଲା । ସେମାନେ ତା ପଛେ ପଛେ ମଧ୍ୟ ଷ୍ଟ୍ରିଟରେ ଛୁଟାଇଲେ । କୁକୁରଟି କାହାକୁ ଅପେକ୍ଷା ନକରି ଧାଇଁଥାଏ । କଲେଜ ପାଖରେ ସେ କିଛି ସମୟ ଛିଡ଼ା ହେଲା । ତା ପରେ କଲେଜ ହତା ଭିତରକୁ ଗଲା, ପୁଣି ଫେରି ଆସିଲା । ଏପରି ଦୁଇଥର ଯିବା ଆସିବା କରିବା ପରେ ପୁଣି ଆପଣଙ୍କ କୋଠି ଆଡ଼କୁ ଧାଇଁଲା । ଆମେ ବି ପଛେ ପଛେ ଆସିଲୁ । କୋଠିର ଚାରି ପଟରେ ଦୁଇଥର ବୁଲିବା ପରେ ଆପଣଙ୍କ ବେଡ଼ ରୁମର ଝରକା ପାଖକୁ ଦୁଇଥର କୁଦା ମାରିବାକୁ ଚେଷ୍ଟା କଲା ଏବଂ ଖାଲି ଭୁକିବାକୁ ଲାଗିଲା । ଏହିପରି ପନ୍ଦରମିନିଟ୍ କରିବା ପରେ ଚୁପ ହୋଇ ସେହିଠାରେ ପଡ଼ି ରହିଲା । ଏବେ ବି ସେହିଠାରେ ପଡ଼ି ରହିଛି । ଆପଣ ଆସନ୍ତୁ ଦେଖିବେ ।

ଡ଼: ଏସ୍: ପିଙ୍କ ପରିବାର ଶୋଇ ପଡ଼ିଥିଲେ । ଚାରିଆଡ଼ ଶୂନଶାନ ଥିଲା । କେବଳ ଅଫିସ ରୁମଟି ଖୋଲାଥିଲା ।

ଡ଼: ଏସ୍: ପି: କହିଲେ ଏଥିରୁ ଜଣାପଡ଼ୁଛି ହତ୍ୟାକାରୀ ନିଶ୍ଚୟ କଲେଜ ହତା ଭିତରେ ପଶିବା ପାଇଁ ଚେଷ୍ଟା କରିଛି, କିନ୍ତୁ ଆଉ କଣ ଭାବି ନଯାଇ ମୋ କୋଠି ଆଡ଼କୁ ଆସିଛି । ମୋ କୋଠିର ହତା ଭିତରେ ପ୍ରବେଶ କରି ଘର ଭିତରକୁ ପ୍ରବେଶ କରିବା ପାଇଁ କୋଠି ଚାରିପଟେ ବୁଲି ବାଟ ଖୋଜିଛି । ଆଉ କୌଣସି ବାଟ ନ ପାଇ ମୋ ବେଡ୍ ରୁମର ଝରକା ପାଖରେ ଛିଡ଼ା ହୋଇ ଭାବିଛି । ଆଉ କୌଣସି ଉପାୟ ନ ପାଇ

ବୋଧହୁଏ ସେଠରୁ ଚାଲିଯାଇଛି । କିନ୍ତୁ ଏପରି ସ୍ଥଳରେ କୁକୁରଟିର ଆଘ୍ରାଣ ଶକ୍ତି ମୋଟେ ୨।୩ ଘଣ୍ଟା ରହେ । କୁକୁରଟିର ଆଘ୍ରାଣ ଶକ୍ତି ବର୍ତ୍ତମାନ ଆଉ ନାହିଁ । ତେଣୁ ସେ ନିରୁପାୟ ।

ତର ତର ହୋଇ ଡି.ଏସ୍.ପି କୁକୁର ନିକଟକୁ ଗଲେ, ପୁଣି ଭାବିଲେ ତାଙ୍କର ସ୍ତ୍ରୀ ରମା ଦେବୀ ଝରକା ଖୋଲି ଶୁଅନ୍ତି । ଝରକା ବନ୍ଦ ଅଛି କାହିଁକି ? ମନରେ ତାଙ୍କର ଉତ୍କଣ୍ଠା । ସେ ଦୌଡ଼ି ଆସି କବାଟରେ ଧକ୍କା ଦେଲେ । ଚାକରାଣୀ କବାଟ ଖୋଲିଲା । ଦୌଡ଼ି ଗଲେ ନିଜ ଶୋଇବା ଘରକୁ । ଖଟ ଉପରେ ପଡ଼ି ରହିଛି ରମାଦେବୀଙ୍କ ଅଚେତ୍ ଶରୀର । ସେ ଚମକି ପଡ଼ିଲେ । ଧର୍ଯ୍ୟ ଧରି ନିକଟକୁ ଯାଇ ଦେଖିଲେ ସେ ରମାଦେବୀଙ୍କ ଶରୀର ନିର୍ଜୀବ ନୁହେଁ ଅଚେତ । ତାଙ୍କର ପାଟି ଚିତ୍କାରରେ ଦୌଡ଼ି ଆସିଲେ ଇନସ୍ପେକ୍ଟର ପଣ୍ଡା ଓ ଉଠି ପଡ଼ିଲେ ଘରର ଅନ୍ୟମାନେ ।

ସମବେତ ଚେଷ୍ଟାରେ ଚେତା ଫେରି ଆସିଲା ରମାଦେବୀଙ୍କର । ରମାଦେବୀ ସଙ୍କେତ ଦେଲେ ପାଣି ପାଇଁ । ଘଇଟିକୁ ନିରୀକ୍ଷଣ କଲେ ଇନସ୍ପେକ୍ଟର ପଣ୍ଡା । ଖଟ ଉପରେ ପଡ଼ି ରହିଛି ଏକ ଲଫାପା । ରୁମାଲ ଦ୍ୱାରା ଉଠାଇ ଆଣିଲେ ଲଫାପଟିକୁ । ମନରେ ତାଙ୍କର କୌତୁହଳ । ଲଫାପାଟିକୁ ଖୋଲିଲେ ଓ ଏକ ରହସ୍ୟପୂର୍ଣ୍ଣ ପତ୍ର ପାଠ କଲେ ।

ପ୍ରିୟ ମହାଶୟ,

ଆପଣ ମୋତେ ଖୋଜୁଛନ୍ତି, କିନ୍ତୁ ପାଇବେ ନାହିଁ । ଆପଣଙ୍କର ଏତେ କଷ୍ଟ, ଆଶା ନିଷ୍ଫଳ ହେବ । ମୁଁ 'ମାଳାଟଙ୍କ

ଭବନ'ଠାରୁ ସିଧା ଆପଣଙ୍କ କୋଠିକୁ ଆସିଲି । ଦୈବାଣଙ୍କୁ ବଳଧେ ମୁଁ ବଳୀୟାନ । ଭାବିଲି, ଆପଣଙ୍କ ସୁନ୍ଦରୀ ସ୍ତ୍ରୀଙ୍କୁ ଚିରଦିନ ପାଇଁ ଶେଷ କରି ଦେବି, କିନ୍ତୁ ପ୍ରଥମ ଚେଷ୍ଟାରେ ମୁଁ ଦୟା କଲି । ମୋର ମନରେ କେଜାଣି କାହିଁକି ଆପଣଙ୍କ ସ୍ତ୍ରୀ ପ୍ରତି ସ୍ନେହ ଆସିଗଲା, ଅବଶ୍ୟ ତାର ପ୍ରଧାନ କାରଣ ମୋର ଭଉଣୀ ଚେହେରା ସହିତ ସାମଞ୍ଜସ୍ୟ ଥିଲା ଆପଣଙ୍କ ସ୍ତ୍ରୀଙ୍କ ମୁହଁରେ, ତେଣୁ ମୁଁ ଚାଲିଯାଉଛି । ତଥାପି ଆପଣଙ୍କୁ ମୁଁ ସାବଧାନ କରାଇ ଦେଉଛି ଯେ ମୋତେ ଗିରଫ କରିବା ପାଇଁ ଚେଷ୍ଟା କରନ୍ତୁ ନାହିଁ । ଆପଣ ନିଜେ ବିପଦରେ ପଡ଼ି ପାରନ୍ତି ।

ମୁଁ ଅପରାଧୀ ନୁହେଁ । ମୁଁ ଡାକୁ ନୁହେଁ । ମୁଁ ମାନବ ସମାଜକୁ ଏକ ସନ୍ଦେଶ ଦେବାକୁ ଚାହେଁ । ମୁଁ ସେକସ୍ ଉପରେ ରିସର୍ଚ୍ଚ କରୁଛି । ଆଉ ୨୩ଟିକୁ ହତ୍ୟା କରି ମୁଁ ଚୁପ୍ ହୋଇଯିବି । ଏଠାରୁ ମଧ୍ୟ ଚାଲିଯିବି । ଆପଣ ବିରାମ ନେବେ । ମୋର କାର୍ଯ୍ୟ ମଧ୍ୟ ସଫଳ ହେବ । ହିମାଳୟ ପର୍ବତ ଆରୋହଣ କରି ଜୟଯୁକ୍ତ ହେବାକୁ କେତେ ନିରୀହ ପ୍ରାଣ ନଷ୍ଟ ହୋଇଛି, ସେଥିପାଇଁ ଆପଣଙ୍କର ପୋଲିସ ବାହିନୀ କଣ କାହାକୁ ହତ୍ୟା ଦୋଷରେ ଗିରଫ କରୁଛନ୍ତି ? ସେହିପରି ମୁଁ ଏକ ନୂତନ ତଥ୍ୟ ଆବିଷ୍କାର କରିବି ମୋ ପାଇଁ ନୁହେଁ ଏହି ଜଗତବାସୀଙ୍କ ପାଇଁ । ତେଣୁ ମୋତେ ଗିରଫ କରିବାର ଯଥାର୍ଥ ନାହିଁ । ଶେଷ ଥର ପାଇଁ ପୁଣି ଥରେ ସାବଧାନ କରାଇ ଦେଉଛି ଆଉ ସାହସ କରନ୍ତୁ ନାହିଁ ।

ଆପଣଙ୍କର

ଜଣେ ......

ଏହି ପତ୍ରର ତଳେ ନାମ ଲେଖା ନ ଥିଲା । ପତ୍ରଟିର ସମସ୍ତ କଥା ଜାଣିବା ପାଇଁ ପରେ ମଧ୍ୟ ଆଶ୍ଚର୍ଯ୍ୟ ହେଲେ ନାହିଁ । କାରଣ

ଏହା ଏକ ମାମୁଲି ଘଟଣା । ଘଟଣାଟିକୁ ନବପଦରେ ରଖିବା ପାଇଁ ସେ ନିର୍ଦ୍ଦେଶ ଦେଲେ ।

ଇତିମଧ୍ୟରେ ରମାଦେବୀ ଅନ୍ତତଃ ପ୍ରଶ୍ନର ଉତ୍ତର ଦେବା ପାଇଁ ସମର୍ଥ ହୋଇ ପାରିଲେଣି । ରମାଦେବୀଙ୍କ ପାଖରେ ବସିଲେ ଡ଼:ଏସ୍:ପି: ଷଡ଼ଙ୍ଗୀ । ରମାଦେବୀ ନରମ ଗଳାରେ କହିଲେ— ମୁଁ ଦେଖିଛି, ସେ ମଣିଷ ନୁହେଁ, ସେ ଭୂତ ନିଶ୍ଚୟ । ଡ଼:ଏସ୍:ପି: ଷଡ଼ଙ୍ଗୀ କହିଲେ—"ତୁମେ ଖୁବ୍ ଡରି ଯାଇଛ, ରମା !"

ରମାଦେବୀ ଜୋର ଦେଇ କହିଲେ—"ନା; ନା, ମୁଁ ମିଛ କହୁ ନାହିଁ । ମୁଁ କେବଳ ଏକ କଙ୍କାଳ ଦେଖିଲି ଓ କଥା କହିବା'ର ଶୁଣିଛି ।"

ଡ଼: ଏସ୍: ପି: ଷଡ଼ଙ୍ଗୀ କହିଲେ—"ତୁମେ ମୋତେ ସମସ୍ତ ଘଟଣା ମୂଳରୁ ଶେଷ ପର୍ଯ୍ୟନ୍ତ କୁହ । ମୁଁ କହିଦେବି ତାହା ପ୍ରକୃତରେ ଭୂତ ନା ମଣିଷ ।"

ରମାଦେବୀ ଦୀର୍ଘ ନିଶ୍ୱାସ ନେଇ କହିଲେ—"କହୁଛି ଶୁଣନ୍ତୁ—"

—ମୁଁ ବେଡ୍ ରୁମରେ ଥିଲି । ଝରକା ଖୋଲିଥିଲି । ଖଟ ଉପରେ ମୁଁ ପଢ଼ି ରହିଥିଲି । ହଠାତ୍ ଝଲକାଏ ପବନ ପଶିଆସିଲା ଝରକା ଦେଇ । ମୁଁ ଝରକା ଆଡ଼େ ଅନାଇ ଦେଲି । ଦେଖିଲି, ଝରକା ପାଖରେ କଏ ଗୋଟିଏ ଛିଡ଼ା ହୋଇ ସେପଟରୁ ଛିଣ ଫୁଙ୍କୁଛି । ମୋତେ ଖାଲି ତା'ର ବେକଠାରୁ ତଳକୁ ଦେଖା ଯାଉଥିଲା । ମୁହଁକୁ ଅନାଇବାର ସାହସ ମୋର ନ ଥିଲା । କିନ୍ତୁ ସେଇ ପବନରେ କଣ ଥିଲା କେଜାଣି ମୋର ଶରୀର ସେଇ ପବନ

ସ୍ପର୍ଶରେ ଅବଶ ହୋଇ ଆସୁଥିଲା । ମୁଁ କେବଳ ସାହସ କରି ଝରକାଟି ବନ୍ଦ କରିଦେଲି । ତା ପରେ ମୋର ଜ୍ଞାନ ଆସ୍ତେ ଆସ୍ତେ ଲୋପ ପାଇବାକୁ ବସିଲା । ମୁଁ ଜାଣିପାରୁଥିଲେ ମଧ୍ୟ ମୋ ଦେହରେ ବଳ ଆସୁ.ନ ଥିଲା । ମୁଁ ଖଟଉପରେ ପଡ଼ି ରହିଲି । ତା'ପରେ ମୁଁ କିଛି ଜାଣି ନାହିଁ ।

ଡ଼:ଏସ:ପି ବସି ଭାବୁଥିଲେ । ଦିନକୁ ଦିନ ଘଟଣା ଜଟିଳ ହେବାକୁ ଯାଉଛି । ହତ୍ୟାକାରୀ ନିଶ୍ଚିତ ଭାବରେ ଏକ ସୁଚିନ୍ତିତ ଯୋଜନା ନେଇ କାର୍ଯ୍ୟ କରୁଛି । ଏ ସବୁ କାର୍ଯ୍ୟ କୌଣସି ସାଧାରଣ ଲୋକ କାର୍ଯ୍ୟ ନୁହେଁ । ହତ୍ୟାକାରୀ ନିଶ୍ଚୟ ଏକ ଶିକ୍ଷିତ ବ୍ୟକ୍ତି ।

ଡ଼:ଏସ:ପି ପଚାରିଲେ – ସେ କି ପ୍ରକାର ଲୁଗା ପିନ୍ଧିଥିଲା ?

ରମାଦେବୀ ଉତ୍ତର ଦେଲେ—ବୋଧହୁଏ ପ୍ୟାଣ୍ଟ ସାର୍ଟ ।

ଡ଼.ଏସ.ପି ୨ୟ ପ୍ରଶ୍ନ ପଚାରିଲେ ସେ ଦେଖିବାକୁ କିପରି ?

ରମାଦେବୀ କହିଲେ—ଡେଙ୍ଗା ନିଶ୍ଚୟ, ସ୍ୱାସ୍ଥ୍ୟବାନ ଯୁବକ ।

ଡ଼:ଏସ:ପି ପୁଣି ପଚାରିଲେ—ପଦେ ହେଲେ କଥାବାର୍ତ୍ତା ସେ କରି ନାହାନ୍ତି ?

ରମାଦେବୀ ଉତ୍ତର ଦେଲେ—ନାଁ ।

ଡ଼:ଏସ୍:ପି ଶେଷ ପ୍ରଶ୍ନ ପଚାରିଲେ—ବର୍ତ୍ତମାନ କଣ ତୁମେ ଭାବୁଛ ସେ ଭୂତ ?

ରମାଦେବୀ କହିଲେ—ମୋର ସେ ଧାରଣା ଦୂର ହୋଇ ନାହିଁ; କାରଣ ମୋ ମତରେ ସାଧାରଣ ଲୋକର ସେ କାର୍ଯ୍ୟ ନୁହେଁ ।

ଡ଼:ଏସ:ପି ହସି କରି କହିଲେ—ତୁମେ ତାହେଲେ କହିବାକୁ ଚାହଁ ଯେ ଭୂତ ପ୍ୟାଣ୍ଟ ପିନ୍ଧେ ?

ରମାଦେବୀ କେବଳ ବୋକାପରି ଡ଼:ଏସ:ପି ଷଡ଼ଙ୍ଗୀଙ୍କୁ ଚାହିଁ ରହିଲେ ।

ଡ଼:ଏସ.ପି ବିଶ୍ରାମ ନେବାକୁ ଅଫିସ ରୁମକୁ ଆସିଲେ ।

ଭାବିଲେ—କୁକୁର କଲେଜଠାରେ ଛିଡ଼ା ହେଲା କାହିଁକି ? ତେବେ କଣ କଲେଜ ସହିତ ହତ୍ୟାକାରୀର ସମ୍ପର୍କ ଅଛି । ସନ୍ଦେହ ଥରେ ଉଙ୍କି ମାରିଲେ, ସମ୍ପର୍କୀୟ ସମସ୍ତ ବସ୍ତୁ ଉପରେ ସନ୍ଦେହ ଜାତ ହୁଏ । କଲେଜରେ ହତ୍ୟା କରାଯାଇଥିଲା । ଅଥଚ କଲେଜ ଭିତରକୁ କେହି ଅପରିଚିତ ବ୍ୟକ୍ତି ସେଦିନ ଆସିବାର ବା ଯିବାର ଚୌକିଦାର କମ୍ବା ଆଉ କେହି ଦେଖି ନାହାନ୍ତି । ତେବେ କଣ କଲେଜ ଭିତରେ ହତ୍ୟାକାରୀ ଅଛି । ମିଷ୍ଟର ମହାପାତ୍ର ସେତେ ରାତିରେ ଫେରୁଥିଲେ କାହିଁକି ? ମିଷ୍ଟର ମହାପାତ୍ର ଅବଶ୍ୟ ଜଣେ ବିଦେଶରେ ଟ୍ରେନିଂ ପ୍ରାପ୍ତ ଉଚ୍ଚ ଶିକ୍ଷିତ ଅଧ୍ୟାପକ । ପୁଣି ତାଙ୍କର ନିଜର ରିସର୍ଚ୍ଚ ପାଇଁ ଲାବରେଟାରୀ ଅଛି । ରିସର୍ଚ୍ଚ କଣ କରନ୍ତି ? ଭାରିକ୍ଳାନ୍ତ ମସ୍ତିଷ୍କକୁ ଡ଼.ଏସ.ପି ଆରାମ ଚେୟାର ଉପରେ ରଖିଲେ । ଫାଉଣ୍ଟେନ ପେନ୍ଟି ଜଣେ ବିଦେଶରେ କିଛି ଦିନ ରହିଥିବା ଲୋକର ନିଶ୍ଚୟ, କାରଣ ଏଭଳି ଫାଉଣ୍ଟେନ ପେନ ଓଡ଼ିଶାରେ ବା ଭାରତରେ ମିଳେ ନାହିଁ । ହୁଏତ କେହି ବିଦେଶୀ ଫାଉଣ୍ଟେନ ପେନଟିକୁ କାହାକୁ ଉପହାର ଦେଇଛି କିମ୍ବା କେହି ବ୍ୟକ୍ତି ବିଦେଶକୁ ଭ୍ରମଣ ବା ଶିକ୍ଷା ଉଦ୍ଦେଶ୍ୟରେ ଯାଇଥିଲେ ନିଜେ ନିଜ ବ୍ୟବହାର ପାଇଁ ଆଣିଛନ୍ତି । ଯଦି ଏହି ସ୍ଲେଟ ସହର କଥା

ଧରାଯାଏ ତେବେ, ଏଠାରେ ତିନିଜଣ ବିଦେଶରେ ଶିକ୍ଷାପ୍ରାପ୍ତ ଅଫିସର ଅଛନ୍ତି । ସେମାନେ ହେଲେ—ମିଷ୍ଟର ମହାପାତ୍ର କଲେଜର ଫିଜିକସ୍ ଅଧ୍ୟାପକ । ୨ୟ ଜଣକ ଡାକ୍ତର ବି. ମହାନ୍ତି, ଜିଲ୍ଲା ମେଡ଼ିକାଲ ଅଫିସର । ୩ୟ ଜଣକ ହେଲେ ସେ ନିଜେ । ସେ କଣ ସନ୍ଦେହ କରିବେ ମିଷ୍ଟର ମହାପାତ୍ରଙ୍କୁ କମ୍ବା ଡାକ୍ତର ବି. ମହାନ୍ତିଙ୍କୁ । କାହିଁକି ବା ନ କରିବେ । ଆଇନ ଆଖିରେ ସମସ୍ତେ ସମାନ । ପୋଲିସ ଏହି ଦୁଇ ଜଣଙ୍କ ଗତିବିଧି ଉପରେ ନଜର ରଖିବା ଉଚିତ । ସନ୍ଦେହ ନ କରିବା ଅନ୍ୟାୟ । ଏମିତି ବହୁତ କିଛି ଭାବୁ ଭାବୁ କ୍ଲାନ୍ତ ଶରୀର ତାଙ୍କର ଆରାମ ଚେୟାରରେ ଆଶ୍ରୟ ନେଲା ।

ରାତି ପାହି ଆସୁଥିଲା ।

ଡ଼: ଏସ୍: ପି: ଷଡ଼ଙ୍ଗୀ ଜିଲ୍ଲା ପୋଲିସ ସାହେବଙ୍କ ସହ ପରାମର୍ଶ କରି ହତ୍ୟାକାରୀକୁ ଧରିବା ପାଇଁ ଏକ ଯୋଜନା କଲେ।

ସାରା ସହରରେ ଘୋଷଣା କରାଇ ଦିଆଗଲା ଯେ (୧) ରାତି ୯ଟା ପରେ କେହି ଦୋକାନ ଖୋଲି ପାରିବେ ନାହିଁ।

(୨) ୧୦ଟା ପରେ କେହି ରାସ୍ତାରେ ଯିବା ଆସିବା କରି ପାରିବେ ନାହିଁ।

(୩) ୧୦ଟା ପରେ କେହି ସ୍ତ୍ରୀ ଲୋକ ବା ପୁରୁଷ ଲୋକ ଘରୁ ବାହାରକୁ ଆସି ପାରିବେ ନାହିଁ।

(୪) ଯଦି କୌଣସିଠାରେ କେହି ଅପରିଚିତ ଲୋକ ଦୁଆର ଖୋଲିବାକୁ ବାଧ କରେ ତେବେ ସଙ୍ଗେ ସଙ୍ଗେ ପୋଲିସରେ ଖବର ଦିଅନ୍ତୁ।

ଲୋକଙ୍କ ମନରେ ତ ଆତଙ୍କ ଥିଲା। ପୋଲିସ ତରଫରୁ ଏପରି ଘୋଷଣା ଯୋଗୁଁ ବିନା ପ୍ରତିବାଦରେ ଏହା ସଙ୍ଗେ ସଙ୍ଗେ କାର୍ଯ୍ୟକାରୀ ହୋଇଗଲା। ପୋଲିସ ପ୍ରତ୍ୟେକ ଛକ ଗଳି ଓ ସହରର ଦ୍ୱାର ପଥମାନଙ୍କରେ ରହି ସମସ୍ତଙ୍କ ଗତିବିଧି ନିରୀକ୍ଷଣ କଲେ। ସହରକୁ ଆସୁଥିବା ଓ ସହରରୁ ଯାଉଥିବା ବ୍ୟକ୍ତିମାନଙ୍କ ଉପରେ ପୋଲିସର କଡ଼ା ନଜର ପଡ଼ିଲା। ପ୍ରଥମ ୩।୪ ଦିନରେ ଦେଖାଗଲା ଯେ ନୂତନ ହତ୍ୟାକାଣ୍ଡ ଆଉ ହେଉ ନାହିଁ, କାରଣ ନିଶ୍ଚିତ କରାଗଲା ଯେ ପୋଲିସର ସତର୍କତା ଯୋଗୁଁ ବୋଧହୁଏ ହତ୍ୟାକାରୀ ଧରାପଡ଼ିବା ଭୟରେ ଆଉ ବାହାରକୁ ଆସୁନାହିଁ କିମ୍ବା ପୋଲିସ ଭୟରେ ସହର ଛାଡ଼ି ଚାଲି ଯାଇଛି। ଯାହା ହେଉ ଏହି ଘୋଷଣା ଦ୍ୱାରା ଏତିକି ଉପକାର ହେଲା ଯେ ଅନ୍ତତଃ ହତ୍ୟାକାଣ୍ଡ ବନ୍ଦ ହୋଇଗଲା। ଡ଼: ଏସ୍: ପି: ଷଡ଼ଙ୍ଗୀଙ୍କ ଧାରଣା ଯେ ହତ୍ୟାକାରୀ ସହର ଛାଡ଼ି ଯାଇନାହିଁ କି ଯାଇ ପାରିବ ନାହିଁ।

ଯେ ହେତୁ ବହୁ ପରିମାଣରେ ପୋଲିସ ସହରରେ ରହିଛନ୍ତି । ସନ୍ଦେହ ଭୁକ୍ତ ଲୋକଙ୍କୁ ଥାନାକୁ ଡକାଇ ଆଣି ଇନସପେକ୍ଟର ଅବନୀ ଦାସ ଡି: ଏସ୍: ପି: ଷଡ଼ଙ୍ଗୀଙ୍କ ସମ୍ମୁଖରେ ଜେରା କଲେ । ସହରର ମାନ୍ୟଗଣ୍ୟ ବହୁ ଲୋକଙ୍କ ପୁତ୍ରମାନେ ମଧ୍ୟ ଧରା ହୋଇ ଥାନାକୁ ଆସିଥିଲେ । ସେମାନଙ୍କଠାରୁ ପ୍ରାଥମିକ ରିପୋର୍ଟ ନେବା ପରେ ସେମାନଙ୍କୁ ଛାଡ଼ିଦିଆ ଯାଇଥିଲା ; କିନ୍ତୁ ପୋଲିସର ନଜର ସେମାନଙ୍କ ଉପରେ ଥିଲା । ଏହି ଯୁବକମାନଙ୍କ ଉପରେ ପୋଲିସ ସନ୍ଦେହ ଥିଲା, କାରଣ ସାଦା ପୋଷାକ ପରିହିତ ପୋଲିସ ଏମାନଙ୍କ ବିରୁଦ୍ଧରେ ରିପୋର୍ଟ କରୁଥିଲେ । ଏମାନେ ଦେଖିବାକୁ ହୃଷ୍ଟପୁଷ୍ଟ ଥିଲେ । ବାଳ ତାଙ୍କର କୁଞ୍ଚିତ ଥିଲା । ମଦ ଦୋକାନ ଓ ସେଲୁନ ନିକଟରେ ଏମାନେ ବୁଲୁଥିବାରୁ ଏମାନଙ୍କ ଉପରେ ପୋଲିସର ସନ୍ଦେହ ଆସିଥିଲା ।

ଡି. ଏସ୍. ପି. ଷଡ଼ଙ୍ଗୀଙ୍କ ପରାମର୍ଶରେ ସହରର ପ୍ରତ୍ୟେକ ସନ୍ଦେହ ଭୁକ୍ତ ଲୋକମାନଙ୍କର ଘର ଖାନ ତଲ୍ଲାସ ହେଲା ଏବଂ ସେମାନଙ୍କର ଗତିବିଧି ଉପରେ ପୋଲିସ ନଜର ରଖିଲା ; କିନ୍ତୁ ଡି. ଏସ୍. ପି. ଷଡ଼ଙ୍ଗୀ, ଅଧ୍ୟାପକ ମିଷ୍ଟର ମହାପାତ୍ର ଏବଂ ଜିଲ୍ଲା ଅଫିସର ଡକ୍ଟର ବି: ମହାନ୍ତିଙ୍କ ଉପରେ ନଜର ସନ୍ଦେହ ଥିଲେ ମଧ୍ୟ, ସେ ନିଜେ ଅଧିକ ପ୍ରମାଣ ସଂଗ୍ରହ ନ କରି କାହାକୁ ଗିରଫ କରିବା ଉଚିତ ମନେ କରି ନଥିଲେ ।

## ଏଗାର

ବଡ଼ ଡାକ୍ତରଖାନାକୁ ଦୁଇଦିନ ହେଲା କଟକରୁ ଜଣେ ଷ୍ଟାଫ ନର୍ସ ଆସିଛନ୍ତି । ସେ ନୂତନ ନିଯୁକ୍ତି ପାଇଥିଲେ । ଏଇ

ଦୁଇଦିନ ଭିତରେ ସେ ବୋଧହୁଏ ସମସ୍ତ ରୋଗୀମାନଙ୍କୁ ଆପଣାର କରି ସାରିଲେଣି । ନିଜର କର୍ତ୍ତବ୍ୟ ନିଷ୍ଠା ଯୋଗୁ ଡାକ୍ତର ଠାରୁ ଆରମ୍ଭ କରି ବେହେରା ପର୍ଯ୍ୟନ୍ତ ସମସ୍ତଙ୍କର ପ୍ରିୟପାତ୍ର । ରୋଗୀ ସେବାରେ ଯେପରି ଧୁରନ୍ଧର । ଅପରେସନ ଥିଏଟରରେ ମଧ୍ୟ ସେହିପରି ତୁର୍ଣ୍ଣୀ । ନାମଟି ମିସ୍ ଅପର୍ଣ୍ଣା ପେଦ୍ଦନୀ । ଜାତିରେ ଖ୍ରୀଷ୍ଟିୟାନ । ଡକ୍ଟର ବି: ମହାନ୍ତି ଏହି ଦୁଇଦିନ ଭିତରେ ତାଙ୍କର କର୍ତ୍ତବ୍ୟ ନିଷ୍ଠାରେ ଏତେ ସନ୍ତୁଷ୍ଟ ଯେ ପ୍ରତ୍ୟେକ ସମୟରେ ତାଙ୍କର ସାହାଯ୍ୟ ନେବାକୁ ଭୁଲନ୍ତି ନାହିଁ । ସମସ୍ତ ୱାର୍ଡ଼ର ଦାୟିତ୍ୱ ତାଙ୍କର ଉପରେ ନ୍ୟସ୍ତ ।

ମିସ୍ ଅପର୍ଣ୍ଣା ପେଦ୍ଦନୀ ମଧ୍ୟ ସବୁବେଳେ ରହନ୍ତି ଡକ୍ଟର ବି: ମହାନ୍ତିଙ୍କ ସାନିଧ୍ୟ । ଯେତେ ସମୟ ଡକ୍ଟର ବି: ମହାନ୍ତି ଡାକ୍ତର ଖାନାରେ ରହନ୍ତି ସେହିପରି ତାଙ୍କର ପଛରେ ଡାକ୍ତରଖାନା ସାରା ବୁଲନ୍ତି । ଅଫିସରେ ଡକ୍ଟର ବି: ମହାନ୍ତିଙ୍କ ପାଖରେ ତାଙ୍କର ପ୍ରାଇଭେଟ୍ ସେକ୍ରେଟାରୀ ପରି କାମ କରନ୍ତି । ଡକ୍ଟର ବି: ମହାନ୍ତି ବୟସାନୁରେ ପ୍ରୌଢ଼; କିନ୍ତୁ ଦେଖିବାକୁ ପ୍ରୌଢ଼ ନୁହନ୍ତି । ସୁନ୍ଦର ଚେହେରା । ଚାଲିଚଳନରେ ପାଶ୍ଚାତ୍ୟ ଜଗତର ପ୍ରଭାବ ଯଥେଷ୍ଟ । ଡାକ୍ତରଖାନାର କେତେକ ତଳିଆ କର୍ମଚାରୀଙ୍କୁ ଏହା ଭଲ ଲାଗେ ନଥିଲେ ମଧ୍ୟ, ସେମାନେ ମୁହଁ ଖୋଲି କିଛି କହି ପାରନ୍ତି ନାହିଁ । ଡାକ୍ତରଖାନାର ସୁପରିଚାଳନା ପାଇଁ ଡକ୍ଟର ବି: ମହାନ୍ତିଙ୍କ ସମ୍ମୁଖରେ ସମସ୍ତେ ନୀରବ ରହନ୍ତି । ତା ଛଡ଼ା ମିସ୍ ଅପର୍ଣ୍ଣାଙ୍କ କର୍ତ୍ତବ୍ୟ ନିଷ୍ଠା ମଧ୍ୟ କାହାରିକୁ ଶଙ୍କୁ କରାଇ ପାରେ ନାହିଁ ।

ଏଇମିତି ମାସେ ବିତିଗଲା । ସାରା ସହରରେ ନର୍ସ ଅପର୍ଣ୍ଣା ପରିଚିତ ହୋଇ ଗଲେଣି ।

ଦିନେ ରାତି ୧୦ଟା ବେଳକୁ ମିସ୍ ଅପର୍ଣ୍ଣା ନିଜ କ୍ୱାର୍ଟର

0|174

ଫେରୁଥିଲେ । ଦିନ ସାରାର କର୍ମକ୍ଲାନ୍ତ ଶରୀର ବିଶ୍ରାମ ନେବାକୁ ଚାହେଁ । ନିଜ କ୍ୱାର୍ଟରର ଗେଟ ଖୋଲିବାକୁ ଯାଉଥିଲେ ତାଙ୍କ କାନ୍ଧରେ କାହାର ସ୍ପର୍ଶ ଅନୁଭବ କଲେ । ସେ ଚମକି ଉଠିଲେ । ପଛକୁ ବୁଲିପଡ଼ି ଚାହିଁଲେ ।

'—ଆପଣ !'

ହଁ, ମିସ୍ ଅପର୍ଣ୍ଣା । ଗୋଟାଏ ଜରୁରୀ ଅପରେସନ୍ ପାଇଁ ତୁମର ସାହାଯ୍ୟ ଦରକାର । ତୁମକୁ ଡାକ୍ତରଖାନାରେ ନ ପାଇ ନିଜେ ଚାଲିଆସିଲି, କ୍ଷମା କରିବେ ।

ନା, ନା, ଚାଲନ୍ତୁ ।

ଗେଟ ପୁଣି ଦେଲେ ।

ଆଗ ସିଟ୍‌ରେ ଦୁହେଁ ବସିଲେ । ଡ୍ରାଇଭିଂ କରୁଥିଲେ ନିଜେ ଡାକ୍ତର ବି. ମହାନ୍ତି । ମଝିରେ ମଝିରେ ଡାକ୍ତର ଚାହୁଁଥିଲେ ନର୍ସଙ୍କୁ । ଆଖିରେ ତାଙ୍କର କାମୁକତାର ସଂକେତ ପ୍ରକାଶ ପାଉଥିଲା । ମିସ୍ ଅପର୍ଣ୍ଣା ମଧ୍ୟ କିଛି କମ ନ ଥିଲେ । ସେ ମଧ୍ୟ ଦୁରୁଖା ଖେଳୁଆଡ଼ ଥିଲେ । ଗାଡି ସମୁଦ୍ର କୂଳ ଦେଇ ପହଞ୍ଚିଲା 'ସିଭ୍ୟୁ' ହୋଟେଲ ସମ୍ମୁଖରେ । ଆଗରୁ ହୋଟେଲର ମ୍ୟାନେଜର ଛିଡ଼ା ହୋଇଥିଲେ । ମ୍ୟାନେଜର ଦୁଇଜଣଙ୍କୁ ବସାଇଲେ ଡ୍ରଇଂ ରୁମରେ । ରୋଗୀର ପେଟ ଅପରେସନ । ବେହେରା ସମସ୍ତ ଯନ୍ତ୍ରପାତିକୁ ସଜାଡୁଥିଲା ।

ମିସ୍ ଅପର୍ଣ୍ଣା ଡ୍ରଇଂ ରୁମରେ ଡାକ୍ତରଙ୍କୁ ଧଳା ଗାଉନ ପିନ୍ଧାଇ ଦେଉଥିଲେ । କେଜାଣି କିମିତି ଅସାବଧାନତା ବଶତଃ ବୋଧହୁଏ ଡାକ୍ତର ମହାନ୍ତିଙ୍କ ମୁଣ୍ଡର 'ଫଲସ ହେୟାର' (Whig) ଖସି ପଡ଼ିଲା । ଡାକ୍ତର ମହାନ୍ତିଙ୍କ ଚନ୍ଦା ମୁଣ୍ଡ ବିଜୁଳି ଆଲୋକରେ ଚକ୍ ଚକ୍ କରୁଥିଲା । ମିସ୍ ଅପର୍ଣ୍ଣା ବିସ୍ମିତ ହେଲେ ସ୍ୱଳ୍ପ ଦୁଷ୍ଟାମୀ

ହସଟାଏ ହସିଲେ । ନିଜ ଦୁର୍ବଳତା ଧରା ପଡ଼ି ଯାଇଥିବାରୁ ଡକ୍ଟର ମହାନ୍ତି ଲଜ୍ଜିତ ହେବା ସଙ୍ଗେ ସଙ୍ଗେ କହିଲେ—

Excuse me, ଅପର୍ଣ୍ଣା । ମୁଁ ବିଲାତରେ ଥିବାବେଳୁ ଏହାକୁ ବ୍ୟବହାର କରୁଛି । କାରଣ ଖୁବ୍ ଅଳ୍ପ ବୟସରେ ମୋର ମୁଣ୍ଡ ଚନ୍ଦା ହୋଇ ଯାଇଥିଲା । ମୁଁ ଚନ୍ଦା ହେବାକୁ ପସନ୍ଦ କରୁ ନ ଥିଲି ।

ମିସ୍ ଅପର୍ଣ୍ଣା ଅଶ୍ଚର୍ଯ୍ୟ ହେଲେ । କୁଞ୍ଚିତ ବାଳଯୁକ୍ତ ଫଲସ ହେୟାର ଲଗାଇ ଡକ୍ଟର ଖୁବ୍ ସୁନ୍ଦର ଦେଖା ଯାଉଥିଲେ । କୁଞ୍ଚିତ ବାଳ, ସୁଶ୍ରୀ ଚେହେରା, ଆଉ ବିଦେଶ ଯୋଗ୍ୟତା ହେତୁ ସେ ଗୋଇନ୍ଦା ପୋଲିସର ନଜରରେ ଅଛନ୍ତି ।

ମିସ୍ ଅପର୍ଣ୍ଣା ସେହି 'ଫଲସ୍ ହେୟାର' କଭରଟିକୁ ହାତରେ ଧରି ଡକ୍ଟରଙ୍କୁ ବଢ଼ାଇ ଦେଲେ । ସେହି ହେୟାର କଭରରୁ ଗୋଟିଏ କୁଞ୍ଚିତ ବାଳ ମିସ୍ ଅପର୍ଣ୍ଣା ଦେବୀ ହାତରେ ରହିଯାଇଥିଲା ।

ଅପରେଶନ ଶେଷ ହେଲା । ଡକ୍ଟର ଆଣି ମିସ୍ ଅପର୍ଣ୍ଣାଙ୍କୁ ତାଙ୍କ କ୍ୱାର୍ଟରରେ ଛାଡ଼ି ଦେଇଗଲେ । ଡକ୍ଟର ବି. ମହାନ୍ତିଙ୍କ ମୁହଁରେ ଅବସାଦର ଛାୟା ଥିଲା ।

ସେତେବେଳକୁ ରାତି ଦୁଇଟା ବାଜି ଯାଇଥିଲା । ମଟରରେ ରେଡ୍‌କ୍ରସ ଚିହ୍ନ ଯୋଗୁଁ ପୋଲିସ ବାଧା ଦେଇ ନଥିଲେ ।

× × ×

ଯେଉଁଦିନ ମିସ ଅପର୍ଣ୍ଣା ନୂଆ ହୋଇ ହାସପାତାଲରେ ଯୋଗଦେଲେ, ସେହିଦିନ କଲେଜରେ ନୂଆ ହୋଇ ଜଣେ ଲାବୋରେଟୋରି ଆସିଷ୍ଟାଣ୍ଟ ଫିଜିକସ ବିଭାଗରେ ଯୋଗଦେଲେ । ତାଙ୍କର ନାମ ଥିଲା ମିସ୍ ସ୍ୱର୍ଣ୍ଣ ସାହୁ । ସେ B. Sc ପାଶ କରିଥିଲେ ।

ସେ ଶିକ୍ଷା ବିଭାଗରୁ ନିଯୁକ୍ତି ପତ୍ର ପାଇ ପ୍ରିନ୍‌ସିପାଲଙ୍କ ସହ ସାକ୍ଷାତ କରିଥିଲେ । ପ୍ରିନ୍‌ସିପାଲ ସଙ୍ଗେ ସଙ୍ଗେ ଫିଜିକସ୍ ଡ଼ିପାର୍ଟମେଣ୍ଟର ହେଡ଼ ମିଷ୍ଟର ମହାପାତ୍ରଙ୍କୁ ଡକାଇ ମିସ୍ ସାହୁଙ୍କ ସହ ପରିଚୟ କରାଇ ଦେଇଥିଲେ । ମିଷ୍ଟର ମହାପାତ୍ର ମିସ୍ ସାହୁଙ୍କୁ ନେଇ ଫିଜିକସ ଡ଼ିପାର୍ଟମେଣ୍ଟର ଲାବୋରେଟାରି ବୁଲାଇ ଦେଖାଇଥିଲେ ।

ମିଷ୍ଟର ମହାପାତ୍ରଙ୍କ ଚାଲିଚଳନରେ ଭାରତୀୟତାର ଅଭାବ ଥିଲା ନିଶ୍ଚୟ । ତାଙ୍କର ସୁଶ୍ରୀ ଚେହେରା ପାଇଁ ବିଶେଷ ଭାବରେ ପାଶ୍ଚାତ୍ୟ ପୋଷାକର ବ୍ୟବହାର ଖୁବ୍ ଖାପ ଖାଉଥିଲା । ମିସ୍ ସାହୁ କ୍ୱାର୍ଟର ପାଇଲା ପର୍ଯ୍ୟନ୍ତ ପୁରୀରେ ଥିବା ନିଜ ମାମୁଁଙ୍କ ଘରେ ରହିବା ପାଇଁ ସ୍ଥିର କରିଥିଲେ । ମିସ୍ ସାହୁଙ୍କ କାର୍ଯ୍ୟ ଦକ୍ଷତାରେ ମିଷ୍ଟର ମହାପାତ୍ର ଖୁସିହୋଇ ତାଙ୍କୁ ନିଜ ଲାବୋରେଟାରିରେ ଅଫିସ କାର୍ଯ୍ୟ ପରେ ସାହାଯ୍ୟ କରିବା ପାଇଁ ଅନୁରୋଧ କଲେ । ମିସ ସାହୁ ରାଜି ହେଲେ ।

ଫିଜିକସ ଅଧ୍ୟାପକ ଭାବରେ ତାଙ୍କର ନାମ ଓଡ଼ିଶାରେ ଥିଲା । ପାଞ୍ଚବର୍ଷ ଅଧ୍ୟାପନା କରିବା ପରେ ସେ ବିଲାତରେ ତିନି ବର୍ଷ କାଳ ଅଧ୍ୟୟନ କରି ଡକ୍‌ଟର ଉପାଧି ପାଇ ଭାରତକୁ ଫେରି ଆସିଥିଲେ । ଓଡ଼ିଶାକୁ ଆସିବା ପୂର୍ବରୁ ସେ ଆସାମର କୌଣସି କଲେଜରେ ଛଅ ବର୍ଷ କାଳ ଅଧ୍ୟାପକ ଥିଲେ । ଆସାମରୁ ଫେରି ଏବେ ଓଡ଼ିଶାରେ ପ୍ରାୟ ତିନି ଚାରି ବର୍ଷ ହେବ ପୁରୀ କଲେଜରେ ଅଛନ୍ତି । ଗବେଷଣା କରିବା, ପ୍ରବନ୍ଧ ଲେଖିବା ତାଙ୍କର ଏକ କର୍ତ୍ତବ୍ୟ ବୋଲି ସେ ମନେ କରନ୍ତି । ନିଜର ରୁଚି ଅନୁସାରେ ସେ ଅନ୍ୟାନ୍ୟ ବହୁ ବିଷୟରେ ମଧ୍ୟ ରିସର୍ଚ୍ଚ କରି ପ୍ରଶଂସା ପାଇଛନ୍ତି । ନିଜର ସୁବିଧା ପାଇଁ ସେ ନିଜର ଗୋଟିଏ ଲାବୋରେଟାରି ମଧ୍ୟ ରଖିଛନ୍ତି ।

ମିସ୍ ସ୍ୱର୍ଣ୍ଣ ସାହୁ ପୁଣାରେ ଅନ୍ତତଃ ଦୁଇମାସ ରହିଗଲେଣି । ପୁଣା ସହରର ବାତାବରଣ ପ୍ରାୟ ଶାନ୍ତ ଅଛି । ପୋଲିସର ସତର୍କତା ଯୋଗୁଁ ଆଉ ହତ୍ୟାକାଣ୍ଡ ଘଟିନାହିଁ । ତଥାପି ପୋଲିସ ହତ୍ୟାକାରୀକୁ ଧରିବା ପାଇ ସଫଳ ହୋଇ ନ ଥିଲେ ମଧ୍ୟ ଚେଷ୍ଟା କରୁଛି । ପୁଣା ସହରର ଲୋକମାନଙ୍କର ଜୀବନ ଯାତ୍ରାରେ କଟକଣାକୁ କୋହଳ କରିଦିଆ ଗଲାଣି । ପ୍ରାୟ ସେତେବେଳର ଲୋମହର୍ଷଣ ହତ୍ୟାକାଣ୍ଡକୁ ଲୋକମାନେ ଭୁଲିଗଲେଣି ।

ମିସ ସାହୁ ମିଷ୍ଟର ମହାପାଙ୍କୁ ରିସର୍ଚ୍ଚ କାର୍ଯ୍ୟରେ ସହଯୋଗ କରୁଛନ୍ତି । ତାଙ୍କ ଲାବୋରେଟାରୀରେ ମିସ୍ ସାହୁଙ୍କ ଅବାଧ ପ୍ରବେଶ । ମିଷ୍ଟର ମହାପାତ୍ର ମଧ୍ୟ ମିସ୍ ସାହୁଙ୍କ ଉପରେ ଅଗାଧ ବିଶ୍ୱାସ ରଖିଛନ୍ତି । ତାଙ୍କର ନିର୍ଦ୍ଦେଶାନୁସାରେ ମିସ୍ ସାହୁ ମଧ୍ୟ କାର୍ଯ୍ୟ କରିଯାଉଛନ୍ତି ।

ସନ୍ଧ୍ୟା ହୋଇ ଆସିଲାଣି । ମିଷ୍ଟର ମହାପାତ୍ର ବୋଧହୁଏ ସାନ୍ଧ୍ୟ ଭ୍ରମଣରେ ବାହାରକୁ ଯାଇଛନ୍ତି । ପିଅନ ଦୁଇଜଣ ଚାଲି ଗଲେଣି । ଏକାକୀ ମିସ୍ ସାହୁ ବସି ରିପୋର୍ଟ ଲେଖୁଛନ୍ତି । ହଠାତ୍ ଫେଲଟ୍ କ୍ୟାପ ଓ ଓଭର କୋର୍ଟ ପରିହିତ ଜଣେ ଲୋକ ଘର ଭିତରକୁ ପଶିଆସିଲେ । ମିସ୍ ସାହୁ ଚମକି ପଡ଼ୁଥିଲେ; କିନ୍ତୁ ହସ୍ତର ସଙ୍କେତରେ ହସିଦେଲେ । ଓଭରକୋଟ ପିନ୍ଧିଥିବା ଲୋକଟି ହାତ ବଢ଼ାଇବାରୁ ମିସ୍ ସାହୁ ଡ୍ର ଭିତରୁ ସୁଳାଏ କାଗଜ ବାହାର କରି ବଢ଼ାଇ ଦେଲେ । ସେହି ଲୋକଟି ସେତକ ନେଇ ନିଜ କୋଟ ପକେଟରେ ରଖିଲେ । ଲୋକଟି ଲାବୋରେଟାରୀ ଭିତରକୁ ଗଲା । ମିସ୍ ସାହୁ କିଛି କହିଲେ ନାହିଁ । ସେ ନିଜ କାର୍ଯ୍ୟ ପୁଣି ଆରମ୍ଭ କଲେ । ସେ ଏପରି କାର୍ଯ୍ୟରେ ଅଭ୍ୟସ୍ତ ଥିଲେ ।

ଠିକ୍ ଆଠଟା ବାଜିଲା । ମିସ୍ ସାହୁ ଯିବାକୁ ଠିକ୍ କଲେ । କିନ୍ତୁ ଚେୟାରରୁ ଉଠିବା ପୂର୍ବରୁ ଏକ ବଳିଷ୍ଠ ହସ୍ତ ତାଙ୍କ ପାଟିକୁ ଚାପି ଦେଇ ତାଙ୍କ ଶରୀରକୁ ଟାଣିବାକୁ ଲାଗିଲା । ସେ ନିରୁପାୟ । ଚିତ୍କାର କରିବାର ସାହସ ବି ତାଙ୍କର ନ ଥିଲା । ଦେହ ତାଙ୍କର ଅବଶ ହୋଇ ଆସୁଥିଲା । ଆକ୍ରମଣକାରୀ ମିସ୍ ସ୍ୱର୍ଣ୍ଣ ସାହୁଙ୍କ ସହ ବୋଧହୁଏ ନିଜର ଯୌନପିପାସା ପୂର୍ଣ୍ଣ କରିବାକୁ ଇଚ୍ଛା କରୁଥିଲା । ସେଇଥିପାଇଁ ତାଙ୍କର ଅବଶ ଶରୀରଟାକୁ କାନ୍ଧରେ ପକାଇ ବେଡ୍ ରୁମକୁ ନେଉ ଯାଉଥିଲା । ଆକ୍ରମଣକାରୀ ଚାହୁଁ ଥିଲା ଏକାନ୍ତରେ ଉପଭୋଗ କରିବ ମିସ୍ ସାହୁଙ୍କ ସୁନ୍ଦର ଶରୀରକୁ । କିନ୍ତୁ ଆକ୍ରମଣକାରୀର ସମସ୍ତ ଆଶା ବିଫଳ ହେଲା । ପଥ ଓଗାଳିଲା ଏକ ବଳିଷ୍ଠ ଶରୀର । ଏ ପ୍ରକାର ଅତର୍କିତ ଆକ୍ରମଣ ପାଇଁ ପ୍ରସ୍ତୁତ ନ ଥିଲା ଆକ୍ରମଣକାରୀ । ତେଣୁ ସେ ମିସ୍ ସାହୁଙ୍କ ଶରୀରକୁ ତଳେ ଥୋଇଦେଇ ନିଜକୁ ରକ୍ଷା କରିବାକୁ ଇଚ୍ଛାକଲେ । ବଳିଷ୍ଠ ଯୁବକଟି ଆଉ କୌଣସି ଉପାୟ ନ ପାଇ ଆକ୍ରମଣକାରୀର ବାମ ହାତକୁ ଲକ୍ଷ୍ୟ କଲା । ଲକ୍ଷ୍ୟଭ୍ରଷ୍ଟ ହୋଇ ନ ଥିଲା ତାର ଗୁଳି । ଚିତ୍କାର କରି ତଳେ ପଡିଗଲା ଆକ୍ରମଣକାରୀ । ମିସ୍ ସାହୁଙ୍କ ଅଚେତ ଶରୀର ଧରି ବାହାରକୁ ଚାଲି ଆସିଲା ଯୁବକଟି । ବାହାରେ ଅପେକ୍ଷା କରିଥିଲେ ଅନେକ ଲୋକ । ସମସ୍ତେ ଦୌଡି ଆସି ସାହାଯ୍ୟ କଲେ । ସେମାନଙ୍କ ହାତରେ ମିସ୍ ସାହୁଙ୍କ ଅଚେତ ଶରୀରଟି ଚିକିତ୍ସା ପାଇଁ ପଠାଇ ଦେଇ ଫେରିଆସିଲେ ଗବେଷଣାଗାରକୁ ।

ଗବେଷଣାଗାରର ଚଟାଣରେ ପଡ଼ିରହିଥିଲା ଆକ୍ରମଣକାରୀର ଆହତ ଶରୀର । ବୋଧହୁଏ ଭୀଷଣ ବ୍ୟଥା ହେଉଥିଲା । ଉଠିବାକୁ ଇଚ୍ଛା ଥିଲେ ମଧ୍ୟ ଉଠି ପାରୁ ନଥିଲେ, କିନ୍ତୁ ସମ

ନିରୀକ୍ଷଣ କରି ସେ ଚାନ୍ଦ ଚିପି ଚିପି ଗବେଷଣାଗାରର ଅଫିସ ଘର ଭିତରକୁ ଗଲେ । ସେ ଏଥର ଟର୍ଚ୍ଚ ଆଲୁଅରେ ର୍ୟାକର ସମସ୍ତ ଫାଇଲକୁ ଘାଣ୍ଟି ପକାଇଲେ । ଘଣ୍ଟାଏ ବିତିଗଲା । ସେମିତି ଅନ୍ୱେଷଣକାରୀ ଚଟାଣରେ ବସିରହିଥିଲେ । ଧୀରେ ଧୀରେ ଯୁବକଟି ଗବେଷଣାଗାର ତ୍ୟାଗ କରି ବାହାରକୁ ଆସିଲେ ।

ମିସ୍ ସ୍ୱର୍ଣ୍ଣ ସାହୁଙ୍କ ଘରଠାରେ ପହଞ୍ଚି ଦେଖିଲେ ଯେ ମିସ୍ ସାହୁଙ୍କ ଚେତା ଫେରି ଆସିଛି । ମିସ୍ ସାହୁଙ୍କ ନଜର ପଡ଼ିଲା ଯୁବକଙ୍କ ଉପରେ । ଦୁହେଁ ହସିଲେ ।

●

## ● ବାର

ଦୁଇମାସ ଦଶଦିନ ଏହା ଭିତରେ ଚାଲି ଗଲାଣି । ପୋଲିସ ଅନେକ ତଥ୍ୟ ସଂଗ୍ରହ କରି ସାରିଲେଣି । ପୋଲିସର ସତର୍କତା ଯୋଗୁଁ ଆଉ କୌଣସି ହତ୍ୟାକାଣ୍ଡ ଘଟିନାହିଁ । ପୋଲିସ୍ ଅନେକ ଯୁବକଙ୍କୁ ଗିରଫଦାର କରି ବହୁ ପ୍ରଶ୍ନ ପଚାରିଛି ଓ ସନ୍ତୋଷଜନକ ଉତ୍ତର ପାଇ ଛାଡ଼ି ଦେଇଛି । ସେହି ଯୁବକମାନଙ୍କ ମଧ୍ୟରେ ଅଛନ୍ତି । ଅନେକ ଏହି ସହରର ଖ୍ୟାତନାମା ଲୋକଙ୍କର ସମ୍ପର୍କୀୟ । ପୋଲିସ୍ ମଧ୍ୟ ନିଷ୍ଠାପର ଭାବରେ ହତ୍ୟାକାରୀକୁ ଧରିବା ପାଇଁ କାମ କରି ଚାଲିଛି । ସେ ତ୍ରୁଟି କରିନାହିଁ । ସନ୍ଦେହର ସୀମା ଭିତରକୁ ଯିଏ ଆସିଛି ସେ ଧନୀ ହେଉ କିମ୍ବା ସମ୍ଭ୍ରାନ୍ତ ଶ୍ରେଣୀର ହେଉ ତାକୁ ସନ୍ଦେହ ଦୂର ନ ହେବାଯାଏ ନଜର ବନ୍ଦୀରେ ରଖିଛି । ତଥାପି ହତ୍ୟାକାରୀ ସମ୍ବନ୍ଧରେ କିଛି ସମାଧାନ କରି ପାରିନାହିଁ ।

× × ×

ଜିଲା ପୋଲିସ୍ ଅଫିସରେ ହତ୍ୟାକାଣ୍ଡ ସମ୍ବନ୍ଧରେ ଆଲୋଚନା କରିବା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଡାକିଛନ୍ତି ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ । ଅବଶ୍ୟ ଡ଼: ଏସ୍: ପି: ଷଡ଼ଙ୍ଗୀଙ୍କ ଅନୁରୋଧ କ୍ରମେ ଏହା ହୋଇଛି । ଉପସ୍ଥିତ ଅଛନ୍ତି ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି । ଜିଲାପାଳ ଓ ବହୁ ସାମ୍ବାଦିକ ମଧ୍ୟ । ବାହାରୁ ଆଇ: ଜି: ଓ ଡ଼ି: ଆଇ: ଜି: ମଧ୍ୟ ଉପସ୍ଥିତ ଅଛନ୍ତି । ପୋଲିସ୍ ସୁପରିନଟେଣ୍ଡେଣ୍ଟଙ୍କ ଅନୁରୋଧ କ୍ରମେ ଡ଼. ଏସ୍. ପି. ଷଡ଼ଙ୍ଗୀ ଉଠି ହତ୍ୟାକାଣ୍ଡ ସମ୍ପର୍କରେ ବିଶଦ୍ ବିବରଣୀ ଦେବାକୁ ଠିଆ ହେଲେ । ଆଗରେ ତାଙ୍କର ଟେବୁଲ ଉପରେ ଅନେକ ଫାଇଲ । ସାହାଯ୍ୟ କରିବାକୁ ଠିଆ ହୋଇଥିଲେ ଇନସ୍ପେକ୍ଟର ପଣ୍ଡା । ଡ଼. ଏସ୍. ପି. ଷଡ଼ଙ୍ଗୀ ଆରମ୍ଭ କଲେ –

ମନମୋହନ ମାଙ୍କୁ ହତ୍ୟା କଲା ପରେ ମୋର ସନ୍ଦେହ ହେଉଥିଲା, ମନମୋହନ ହିଁ ହତ୍ୟାକାରୀ । କାରଣ ମନମୋହନ ଥିଲେ ସଉଭୁଣୀର ପୁଅ । ଅର୍ଥ ଥିଲା ପ୍ରଚୁର । ବାପ ମା ନାମରେ ପ୍ରଚୁର ଟଙ୍କା ରଖି ଯାଇଥିବାରୁ ପୁଅ ମା ଠାରୁ ନିଶ୍ଚୟ ଟଙ୍କା ଲୁହିଁଥିଲା । ତାଛଡ଼ା ପଡ଼ୋଶୀମାନଙ୍କଠାରୁ ଖବର ନେବାରେ ଜଣା ପଡ଼ିଲା ଯେ ମା ପୁଅ ମଧ୍ୟରେ ମନୋମାଳିନ୍ୟ ଥିଲା । ଘରେ ଏକମାତ୍ର ଯୁବକ ମନମୋହନ ଓ ସଉଭୁଣୀ ମା । ପ୍ରୌଢ଼ା ନହେଲେ ମଧ୍ୟ ଯୁବତୀ ସଉଭୁଣୀ ମା । କାମ ପିପାସା ମଣିଷକୁ ଅନ୍ଧ କରି ପକାଏ ତେଣୁ ମନମୋହନଙ୍କ ପକ୍ଷରେ ଏହା ସମ୍ଭବ ବା ନ ହୋଇଥିବ କାହିଁକି ?

ତା ପରେ ଯେତେବେଳେ ମିସ୍ ସାହୁଙ୍କୁ ହତ୍ୟାକରା ଯାଇଥିବା ପୋଲିସ୍ ଜାଣି ପାରିଲା ପୁଣି ଦୁଇ ହତ୍ୟାକାଣ୍ଡରେ

ସାମଞ୍ଜସ୍ୟ ଥିଲା ଓ ପୁଣି ମିସ୍ ସାହୁ ଓ ମନମୋହନଙ୍କ ମାଙ୍କ ସହ କୌଣସି ସମ୍ପର୍କ ନଥିଲା, ତେଣୁ ମନମୋହନଙ୍କୁ ପୋଲିସ୍ ସନ୍ଦେହର ଜାଲ ଭିତରେ ଆଉ ରଖିବାକୁ ଚାହିଁଲା ନାହିଁ । ତୃତୀୟ ବ୍ୟକ୍ତିର ସନ୍ଧାନରେ ପୋଲିସ୍ ସଜାଗ ହୋଇ ଉଠିଲା । ହତ୍ୟାକାଣ୍ଡ ଦୁଇଟିର ସାମଞ୍ଜସ୍ୟତା ଆମକୁ ବିବ୍ରତ କରି ପକାଇ ଥିଲା, ଯେହେତୁ ଏହା ହତ୍ୟାକାରୀର ଏକ ସୁଚିନ୍ତିତ ଯୋଜନା ଥିଲା ଓ ହତ୍ୟାକାରୀ ନିଜକୁ ଧରା ପକାଇବା ପାଇଁ କିଛି ଚିହ୍ନ ରଖିଯାଇ ନଥିଲା । କିନ୍ତୁ ବିମଳା ଦେବୀଙ୍କ ହତ୍ୟାକାଣ୍ଡ ପରେ ପୋଲିସ୍ ଯେତିକି ହତ୍ୟାକାରୀକୁ ଧରିବା ପାଇଁ ଆଶାବାଦୀ ହେଲା ସେତିକି ପରିମାଣରେ ମଧ୍ୟ ହତାଶ ହେଲା । କାରଣ ବିମଳା ଦେବୀଙ୍କ ହାତ ମୁଠାରୁ ମିଳିଥିବା ବାଳ ହତ୍ୟାକାରୀକୁ ଧରିବାରେ ବହୁତ ସାହାଯ୍ୟ କରିବ ବୋଲି ମୋର ଦୃଢ଼ବୋଧ ହୋଇଥିଲା । କିନ୍ତୁ ହତ୍ୟାକାରୀ ଗୋଟିଏ ପରେ ଗୋଟିଏ ହତ୍ୟା କରି ଏବଂ ଯୌନ ପିପାସା ମଧ୍ୟ ନିବାରଣ କରୁଛି । ପୋଲିସ୍ ଆଖିରେ ଧୂଳି ଦେଇ ନିଜର ସାଫଲ୍ୟତା ହାସଲ କରି ପାରୁଥିବାରୁ ପୋଲିସ୍ ନିରାଶ ହେଉଥିଲା । ପୋଲିସକୁ ସନ୍ଦେହର ଘେର ଭିତରେ ରଖି ହତ୍ୟାକାରୀ ଆଗେଇ ଯାଇଥିଲା ।

ତା ପରେ କଲେଜ ହତା ଭିତରେ କଲେଜ ଛାତ୍ରୀ ଚନ୍ଦ୍ରପ୍ରଭା ସାହୁଙ୍କ ଶବ ମିଳିଲା ଓ ଫାଉଣ୍ଟେନ ପେନଟିଏ ମିଳିଲା । ଏହି ହତ୍ୟାକାଣ୍ଡ ପୂର୍ବ ପରି ସଂଘଟିତ ହୋଇଥିଲା । ପୋଲିସ୍ ସମସ୍ତ ସତର୍କ ଦୃଷ୍ଟିକୁ ଅତିକ୍ରମ କରି ହତ୍ୟାକାରୀ ନିଜ କାର୍ଯ୍ୟରେ ଆଗେଇ ଯାଇଥିବାରୁ ପୋଲିସ ସାଧାରଣଙ୍କ ଚକ୍ଷୁରେ ନିନ୍ଦିତ ହେଲା । ମୁଁ କିନ୍ତୁ ଆଶାବାଦୀ ଥିଲି । ମୁଁ ବାଳ ଓ କଲମଟି ଯେ ହତ୍ୟାକାରୀର ନିଶ୍ଚୟ ଏଥିରେ ସନ୍ଦେହ କରି ନଥିଲି । ବାଳଟିକୁ

ମୋର ଗବେଷଣାଗାରରେ ପରୀକ୍ଷା କରି ଜାଣି ପାରିଲି ଯେ ଏହା ଏକ ହୃଷ୍ଟ ପୁଷ୍ଟ ଓ ବଳିଷ୍ଠ ଲୋକର ନିଶ୍ଚୟ । ତେଣୁ ହତ୍ୟାକାରୀ ରୂପ ସମ୍ବନ୍ଧରେ ମୋର ସନ୍ଦେହ ରହିଲା ନାହିଁ । କେବଳ ହତ୍ୟାକାରୀକୁ ଖୋଜି ବାହାର କରିବାକୁହିଁ ପଡ଼ିବ । କଲମଟି ମଧ୍ୟ ଅଧିକ ସହାୟକ ହେଲା । କଲମଟି ଉପରେ ଥିବା ବ୍ୟବହୃତ ହାତର ପ୍ରିଣ୍ଟକୁନେଇ ପରୀକ୍ଷା କରି ଦେଖିଲି ଯେ ଏହା ମଧ୍ୟ ଏକ ବଳିଷ୍ଠ ଲୋକର । ତା ଛଡ଼ା କଲମଟି ଅତି ମୂଲ୍ୟବାନ ଥିଲା ଓ ଏହା ଭାରତରେ ମିଳିବା କଷ୍ଟକର । ତେଣୁ ଭାବି ନେଲି ଯେଉଁ ଲୋକଟିର କଲମ ସେ ନିଶ୍ଚୟ ବିଦେଶ ଯାଇଥିବ କିମ୍ବା କଳା ବଜାରରୁ ଏହି କଲମଟି କିଣିଥିବ । ଏହି ସହରରେ ତିନିଜଣ ବିଦେଶରେ ଶିକ୍ଷା ପାଇଥିବା ଲୋକ ଅଛନ୍ତି—ଅଧ୍ୟାପକ ମହାପାତ୍ର, ଡାକ୍ତର ବି· ମହାନ୍ତି ଓ ମୁଁ ନିଜେ । ଏହା ବି ହୋଇ ପାରେ କୌଣସି ଧନୀ ବ୍ୟକ୍ତି ପାଉଣ୍ଟେନ୍ ପେନ ବି କିଣି ପାରିଥାନ୍ତି । ମୋଟ ଉପରେ ହତ୍ୟାକାରୀ ସମ୍ବନ୍ଧରେ ମୋର ଏକ ସ୍ଥୂଳ ଧାରଣା ଆସିଲା ।

ତା ପରେ ସୁଧା ଦେବୀଙ୍କୁ ହତ୍ୟା କରାଗଲା, କିନ୍ତୁ ହତ୍ୟାର ପ୍ରଣାଳୀ ସମାନ ଥିବାରୁ ଏବଂ ହତ୍ୟାକାରୀ ମଧ୍ୟ ସୁଧା ଦେବୀଙ୍କ ପରି ବୃଦ୍ଧାଙ୍କୁ ସମ୍ଭୋଗ କରିଥିବାରୁ ହତ୍ୟାକାରୀ ପ୍ରତି ମୋର ଘୃଣାଭାବ ଆସିଥିଲା । ମୁଁ ମଧ୍ୟ ବିସ୍ମିତ ହୋଇଥିଲି ହତ୍ୟାକାରୀର ଆଚରଣରେ । କୁକୁରକୁ ବ୍ୟବହାର କରି ଅନ୍ତତଃ ହତ୍ୟାକାରୀର ଠିକଣା ଜାଣିବାକୁ ସ୍ଥିର କଲି । ମୁଁ ଜାଣିଥିଲି ହତ୍ୟାକାରୀ ଜଣେ । ସେହିଠାରେ ମୋର ଭେଟ ହେଲା ମହେନ୍ଦ୍ର କୁମାରଙ୍କ ସହ । ମୋର କଳ୍ପିତ ହତ୍ୟାକାରୀର ରୂପ ମହେନ୍ଦ୍ର ସହ ମିଳି ଯାଉଥିଲା, କିନ୍ତୁ ତାର ବାଳକୁ ଗବେଷଣାଗାରରେ ପରୀକ୍ଷା କରି ଜାଣିଲି

ଯେ ମହେନ୍ଦ୍ରର ବାଳ ଓ ହତ୍ୟାକାରୀର ବାଳ ଏକା ନୁହେଁ । ତେଣୁ ମହେନ୍ଦ୍ରକୁ ଆଉ ସନ୍ଦେହ କରିବାର କାରଣ ରହିଲା ନାହିଁ । ପୋଲିସ୍‌ର ସତର୍କ ଦୃଷ୍ଟିରେ ହତ୍ୟାକାଣ୍ଡ ବନ୍ଦ ହୋଇ ଯାଇଥିଲା । ତଥାପି ମୋର ସନ୍ଦେହର ସୀମାର ଭିତରେ ରହିଗଲେ ଦୁଇଜଣ । ଏହି ସନ୍ଦେହକୁ ଦୂରୀଭୂତ କଲା ମୋର କୁକୁର । ମୋର କୁକୁର ମୋତେ ଜଣାଇ ଦେଲା ଯେ ହତ୍ୟାକାରୀ କଲେଜ ଓ ମୋ ବସା ଭିତରେ ରହୁଛି । ମିଷ୍ଟର ମହାପାତ୍ର ଓ ଡକ୍ଟର ବି: ମହାନ୍ତିଙ୍କ ସମ୍ବନ୍ଧରେ ଅଧିକ ଜାଣିବା ପାଇଁ ମୁଁ ଗୋଟିଏ ସୁଚିନ୍ତିତ ଯୋଜନା କଲି ।

ମିସ୍ ଅପର୍ଣ୍ଣା ଦେବୀ ଓ ମିସ୍ ସୁଲକ୍ଷଣା ସାହୁ ଗୋଇନ୍ଦା ବିଭାଗରେ କାମ କରନ୍ତି । ମିସ୍ ଅପର୍ଣ୍ଣା ଦେବୀଙ୍କୁ ନର୍ସ ଭାବରେ ନିଯୁକ୍ତ ପଦ କରାଇ ଦେଲି । ସେ ଡକ୍ଟର ବି: ମହାନ୍ତିଙ୍କ ପାଖେ ପାଖେ ରହି ତାଙ୍କର ମୁଣ୍ଡର ବାଳ ଓ ହାତ ଆଙ୍ଗୁଠିର ଛାପ ଆଣି ପାରିଲେ । ମୁଁ ପରୀକ୍ଷାଗାରରେ ପରୀକ୍ଷା କଲି ତାଙ୍କୁ ନିଶ୍ଚିନ୍ତ ହେଲି । ବର୍ତ୍ତମାନ ରହିଗଲେ ଏକମାତ୍ର ମିଷ୍ଟର ମହାପାତ୍ର ।

ମିସ୍ ସୁଲକ୍ଷଣା ସାହୁ ନିଯୁକ୍ତି ପାଇଲେ ଲାବୋରେଟାରୀ ଆସିଷ୍ଟାଣ୍ଟ ରୂପେ । ସେ ନିଜର ଦକ୍ଷତା ବଳରେ ମିଷ୍ଟର ମହାପାତ୍ରଙ୍କର ବିଶ୍ବାସ ଭାଜନ ହେଲେ । ମିଷ୍ଟର ମହାପାତ୍ରଙ୍କର ନିଜ ଲାବୋରେଟାରୀରେ ମଧ୍ୟ ମହାପାତ୍ରଙ୍କୁ ସାହାଯ୍ୟ କଲେ । ଏହି ସୁଯୋଗରେ ମହାପାତ୍ରଙ୍କର ସବୁ ଗବେଷଣା ରେକର୍ଡ ଓ ଡାଏରୀ ପଢ଼ିବାର ସୁଯୋଗ ପାଇଲେ । ତାଙ୍କର ହାତ ଆଙ୍ଗୁଠିର ଛାପ ଆଣି ପାରିଲେ । ମୁଁ ମୋ ଗବେଷଣାଗାରରେ ପରୀକ୍ଷା କରି ଜାଣି ପାରିଲି ଯେ କଲମରେ ଥିବା ହାତ ଆଙ୍ଗୁଠିର ଛାପ ସହ ମିଷ୍ଟର ମହାପାତ୍ରଙ୍କର ହାତ ଆଙ୍ଗୁଠିର ଛାପ ମିଶି

ଯାଉଛି । ତେଣୁ ମୁଁ ନିଃସନ୍ଦେହରେ ଜାଣି ପାରିଲି ଯେ ମିଷ୍ଟର ମହାପାତ୍ର ଏହି ସବୁ ହତ୍ୟାକାଣ୍ଡ ସହ ନିଶ୍ଚୟ ଜଡ଼ିତ । ତାଙ୍କର ଡାଏରୀର ବିବରଣୀ ଆହୁରି ଚମକପ୍ରଦ । ତାର କିଛି ଅଂଶ ମୁଁ ପଢ଼ୁଛି ।

"ମୁଁ ଆସାମରେ ଅଧ୍ୟାପକ ଥିବା ସମୟରେ ମୋର ଗୋଟିଏ ଗୁରୁକର ଥିଲା । ତାର ସାହାଯ୍ୟରେ ମୁଁ କୁହୁକ ବିଦ୍ୟା, ହଠାତ୍ ଅନ୍ୟକୁ ଅଚେତ କରିନେବା ମନ୍ତ୍ର ତାଠାରୁ ଶିଖିଥିଲି ! ଜଣେ ଅଧ୍ୟାପକ ହିସାବରେ ମୋର ଏ ସବୁରେ ବିଶ୍ୱାସ ନଥିଲା, ତଥାପି ଯେତେବେଳେ ନିଜ ଆଖିରେ ଦେଖିଲି ଏହି ମନ୍ତ୍ରଶକ୍ତି ଉପରେ ମୋର ବିଶ୍ୱାସ ଆସିଲା । ସେହି ଗୁରୁକରଟି ମୋତେ ଏପରି ମନ୍ତ୍ର ସବୁ ଶିଖାଇ ଦେଲା ଯେ ମୁଁ ସେହି ମନ୍ତ୍ର ବଳରେ ମୋ ନିଜକୁ ଅନ୍ୟଠାରୁ ଲୁଚାଇ ରଖି ପାରୁଥିଲି । ଅର୍ଥାତ ମୋତେ ଅନ୍ୟମାନେ ଦେଖିପାରୁ ନଥିଲେ ।

× × ×

ମୁଁ ବଡ଼ ଗବେଷଣା ପ୍ରିୟ । ସେକ୍ସୋଲୋଜୀ ଉପରେ ଗବେଷଣା କରିବା ପାଇଁ ମୋର ଇଚ୍ଛା ହେଲା । ନାରୀର ବିଭିନ୍ନ ବୟସରେ ତାକୁ ଉପଭୋଗ କରିବା ଓ ତାର ନିର୍ଜୀବ ଶରୀର ଉପରେ ସମ୍ଭୋଗ ବାସନାକୁ ଚରିତାର୍ଥ କରିବାର ଅଭିଜ୍ଞତା ହାସଲ କରିବାକୁ ମୋର ଇଚ୍ଛା ହେଲା । ଏହି କାର୍ଯ୍ୟ ହାସଲ ପାଇଁ ମୁଁ ଦୃଢ଼ ପ୍ରତିଜ୍ଞ ହେଲି । ଯେଉଁ ଦିନଠାରୁ ଏ ପ୍ରକାର ମନୋବୃତ୍ତି ମୋର ହେଲା ମୁଁ ମୋର ନିଜତ୍ୱ ହରାଇଲି ।

× × ×

ଏହା ପରେ ଡାଏରୀରେ ସବୁ ହତ୍ୟାକାଣ୍ଡର ଠିକଣଣି ବିବରଣୀ ଲେଖିଛନ୍ତି ମିଷ୍ଟର ମହାପାତ୍ର । ତାଙ୍କର ସ୍ୱହସ୍ତ ଲେଖା ।

ପରେ ଆପଣମାନେ ଅଧିକ ଜାଣିବେ ।

ଶେଷଦିନ ଇନସ୍‌ପେକ୍‌ଟର ପଣ୍ଡା ପ୍ରତିଦିନ ପରି ମିସ୍ ସାହୁଙ୍କଠାରୁ ରିପୋର୍ଟ ସଂଗ୍ରହ ପାଇଁ ଯାଇଥିଲେ; କିନ୍ତୁ ହଠାତ୍ ତାଙ୍କର ମିଷ୍ଟର ମହାପାତ୍ରଙ୍କର ଏକ ଲେଖା ଟେବୁଲ ଉପରେ ପଡ଼ିଥିବା ଦେଖିଲେ । ଲେଖାଥିଲା—

"ମୋର ଅଭିଜ୍ଞତା ମୁଁ ଲିପିବଦ୍ଧ କରିସାରିଛି । କିନ୍ତୁ ମଣିଷର ପ୍ରକୃତି । ମିସ୍ ସୁଲକ୍ଷଣା ସାହୁଙ୍କୁ ଉପଭୋଗ କରିବାକୁ ଚାହେଁ । ଯଦି ଓ ବହୁଥର ନିଜକୁ ମିସ୍ ସାହୁଙ୍କଠାରୁ ଦୂରେଇ ରଖିବାକୁ ଚାହିଁଛି, ତଥାପି ଆଜି କାହିଁକି ମୋର ସମ୍ଭୋଗ ବାସନା ମୋତେ ବାଧ୍ୟ କରୁଛି ମିସ୍ ସାହୁଙ୍କୁ ଉପଭୋଗ କରିବାକୁ ।"

ଇନସ୍‌ପେକ୍‌ଟର ପଣ୍ଡା ଏତିକ ପଢ଼ି ପରିସ୍ଥିତିର ସମ୍ମୁଖୀନ ହେବାକୁ ଅପେକ୍ଷା କରି ରହିଲେ । ମିଷ୍ଟର ମହାପାତ୍ର ମିସ ସାହୁଙ୍କୁ ଆକ୍ରମଣ କରିବାରୁ ତାଙ୍କ ହାତକୁ ଲକ୍ଷ୍ୟକରି ଗୁଳି କଲେ କାରଣ ସେ ଚାହୁଁ ନଥିଲେ ମିଷ୍ଟର ମହାହାପାତ୍ରଙ୍କୁ ହତ୍ୟା କରିବାକୁ । ମିଷ୍ଟର ଆହତ ହେଲେ । ଇନସ୍‌ପେକ୍‌ଟର ପଣ୍ଡା ମିସ୍ ସାହୁଙ୍କ ଅଚେତ୍ ଶରୀରକୁ ନେଇ ବାହାରକୁ ଚାଲି ଆସିଲେ, ମିଷ୍ଟର ମହାପାତ୍ର ବର୍ତ୍ତମାନ ନିଜ ଘରେ ନଜର ବନ୍ଦୀ । ସେ ଅବିବାହିତ । ତେଣୁ ସେ ଘରେ ଏକାକୀ । ପୋଲିସ୍ ତାଙ୍କ ଘର ଚାରିପାଖେ ଘେରି ରହିଛି । ତାଙ୍କ ବିରୁଦ୍ଧରେ ଆଉ ପ୍ରମାଣର ଅଭାବ ନାହିଁ । ଜିଲା ପୋଲିସ ଅଫିସରଙ୍କୁ ଲକ୍ଷ୍ୟକରି ଅଧ୍ୟାପକ ମିଷ୍ଟର ମହାପାତ୍ର କହିଲେ, ଆପଣ ବର୍ତ୍ତମାନ ଗିରଫ କରିପାରନ୍ତି ।

ସମସ୍ତେ ଆଶ୍ଚର୍ଯ୍ୟ ହେଲେ ମଧ୍ୟ ମିଷ୍ଟର ମହାପାତ୍ରଙ୍କ ପ୍ରତି ସମବେଦନା ଜଣାଇଲେ ।

× × ×

ମିଷ୍ଟର ମହାପାତ୍ରଙ୍କ ବାସଭବନ ଆଗରେ ପୋଲିସ ଭ୍ୟାନ ଛିଡ଼ା ହେଲା । ଜଗି ରହିଥିବା ପୋଲିସମାନେ ସତର୍କ ହୋଇ ପଡ଼ିଲେ । ଭ୍ୟାନରୁ ଓହ୍ଲାଇଲେ ଜିଲ୍ଲା ପୋଲିସ ଅଫିସର ଓ ଗୋଇନ୍ଦା ଡି.ଏସ.ପି ଷଡ଼ଙ୍ଗୀ । ଘର ଭିତରେ ଅତି ସତର୍କତାର ସହିତ ପ୍ରବେଶ କଲେ ଉଭୟେ । ଲାବୋରେଟୋରୀର ଅଫିସ ଘରେ ପ୍ରବେଶ କଲେ । ଅଧ୍ୟାପକ ମହାପାତ୍ର ବସିରହିଛନ୍ତି ଟେବୁଲ ପାଖ ଚେୟାର ଉପରେ । ସତେ ଯେପରି ଗବେଷଣାରତ । ହାତରେ କଲମ ଧରିଛନ୍ତି । କଲମଟି କାଗଜ ଉପରେ ରହିଛି । ମୁଖମଣ୍ଡଳର ଦୃଷ୍ଟି କାଗଜ ଉପରେ ଅଛି । ପୋଲିସ ଅଫିସର ଦୁହେଁ ଟେବୁଲ ନିକଟକୁ ଗଲେ; କିନ୍ତୁ ଅଧ୍ୟାପକ ମହାପାତ୍ରଙ୍କ ଶରୀରରେ ଚଞ୍ଚଳତା ଦେଖିଲେ ନାହିଁ । ଆଶ୍ଚର୍ଯ୍ୟ ହେଲେ । ଲେଖା କାଗଜଟିକୁ ଉଠାଇ ଆଣିଲେ—

ମିଷ୍ଟର ଷଡ଼ଙ୍ଗୀ,

ବର୍ତ୍ତମାନ ମୁଁ ଜାଣି ପାରିଲି ମୋତେ ଧରିବା ପାଇଁ ଏକ ତଦନ୍ତ ଚଳାଇଥିଲ । ତଥାପି ମୁଁ ଦୁଃଖିତ ନୁହେଁ ; କିନ୍ତୁ ମୋର ଅନୁରୋଧ ଜୀବନ୍ତ ଓ ମୃତ ଶରୀର ଉପରେ ଯୌନ କ୍ରିୟାର ଯେଉଁ ଅଭିଜ୍ଞତା ମୁଁ ଲିପିବଦ୍ଧ କରିଛି ସେ ରିପୋର୍ଟଗୁଡିକ ଯେପରି ନଷ୍ଟ ନ ହୁଏ । ଆପଣ ମୋତେ ଦଣ୍ଡ ଦେବା ପୂର୍ବରୁ ମୁଁ ନିଜେ ନିଜକୁ ଶାସ୍ତି ଦେଉଛି ।

**Excuse me**............



॥ ରହସ୍ୟ ଗଳ୍ପ

# ଅଜଣା ରହସ୍ୟ

ସ୍ୱପ୍ନକବି ପ୍ରମୋଦ କିଶୋର ପଣ୍ଡା

କାହା ଯେ' କାହିଁକି ଆମର ଏକ ଆକର୍ଷଣୀୟ ବଙ୍ଗଳା ରାମଗଡ଼ଠାରୁ ଅନେକ ଦୂରରେ ତିଆରି କରିଥିଲେ ସେକଥା ମୁଁ ଜାଣିବାକୁ ଚେଷ୍ଟା କରି ମଧ୍ୟ ଜାଣି ପାରିନି । ପ ଖରେ ହୁଏତ ଏହାଠାରୁ ଅନେକ ଭଲ ଜାଗା ମିଳି ପାରିଥାନ୍ତା । ତା ଛଡ଼ା ଖର୍ଚ୍ଚ ମଧ୍ୟ ସେଠାରେ ଅନେକ କମ୍ ପଡ଼ିଥାନ୍ତା ।

ହଁ, ଆମର ଏଇ ବଙ୍ଗଳା ଆଉ ରାମଗଡ଼ ମଝିରେ ଗୋଟାଏ ରେଷ୍ଟହାଉସ୍ । ପର୍ଯ୍ୟଟକମାନଙ୍କର ସୁଖ ସୁବିଧା ସମ୍ବନ୍ଧରେ ସଚେତନ ହୋଇ ସରକାର ବୋଧହୁଏ ଅନେକ ଆଗରୁ ରେଷ୍ଟ ହାଉସ୍‌ର ନିର୍ମାଣ କରିଥିଲେ । ମାତ୍ର ପର୍ଯ୍ୟଟକମାନେ ପ୍ରାୟ ପହଲଗାଁ, ଶ୍ରୀନଗର ଆଗକୁ କେବେ ଆସିନଥାନ୍ତି । ଅତି ବେଶୀରେ ଅନନ୍ତ ନରହରି ପୁର ପର୍ଯ୍ୟନ୍ତ ଆସିଥାନ୍ତି । କେବଳ, ଯେଉଁମାନଙ୍କର ଅତି ନିକଟରୁ ପାହାଡ଼ ଦେଖିବାର ଆଗ୍ରହ ରହିଛି, ସେହିମାନେହିଁ ପ୍ରାୟ ଏ ପର୍ଯ୍ୟନ୍ତ ଚାଲି ଆସିଥାନ୍ତି । ସେଥିପାଇଁ ଏହି ରେଷ୍ଟହାଉସରେ ବୋଧହୁଏ ଗୋଟିଏ ମାସରେ ପର୍ଯ୍ୟଟକମାନଙ୍କର ପାଦ ପଡ଼େ । କେବଳ ଜୁନ ମାସରେ ।

ଡିସେମ୍ବର ମାସର ପ୍ରଥମ ସପ୍ତାହ । ଦିନସାରା ବରଫ ବର୍ଷା ଆରମ୍ଭ ହୋଇ ଯାଇଛି । ବାହାରେ କାଲୁଆ ପବନ ଅଧିକରୁ

ଅଧିକତର ଶୀତଳ ହୋଇ ଆସୁଥିଲା । ଆମର ସେଣ୍ଟ୍ରାଲ ବଙ୍ଗଳାର ଏକ ଶୀତ ତାପ ନିୟନ୍ତ୍ରିତ କୋଠରୀ ମଧ୍ୟରେ ଗରମ ପୋଷାକ ପରିଧାନ କରି ମୁଁ ନିବିଷ୍ଟ ଚିତ୍ତରେ ଆମର ଫାର୍ମରୁ ଆସିଥିବା ଖଣ୍ଡେ ଚିଠି ପଢ଼ି ଚାଲିଥିଲି । ଶ୍ରୀନଗର ଫାର୍ମରୁ ଜେନେରାଲ୍ ମ୍ୟାନେଜର ଲେଖିଥିଲେ କାଷ୍ଠ ବ୍ୟବସାୟରେ ବର୍ତ୍ତମାନ ଅନେକ ଅସୁବିଧା ଦେଖା ଦେଇଛି । ତା ଛଡ଼ା ରାସ୍ତା ବନ୍ଦ ହୋଇଯିବ, ଫଳରେ 'ପ୍ଲାଇଉଡ୍' ରପ୍ତାନୀ ମଧ୍ୟ ବନ୍ଦ ହୋଇଛି । ଏ ସମ୍ବନ୍ଧରେ କୌଣସି ଗୋଟାଏ ସିଦ୍ଧାନ୍ତ ନେବା ପୂର୍ବରୁ ଚାକର ଆସି ମୋତେ ଖବର ଦେଲା, "ଆପଣଙ୍କ ସାଙ୍ଗରେ ଦେଖା କରିବା ଲାଗି ବାହାରେ ଜଣେ ଝିଅ ଅପେକ୍ଷା କରିଛନ୍ତି ।"

ଆଶ୍ଚର୍ଯ୍ୟରେ ମୁଁ ଚାକରକୁ ଚାହିଁଲି । ପ୍ରଥମ କଥା ହେଲା ମୋ ସାଙ୍ଗରେ ଦେଖା କରିବା ଲାଗି ଖୁବ୍ କ୍ୱଚିତ୍ ଲୋକ ଏଠାକୁ ଆସିଛନ୍ତି । କୌଣସି ସମ୍ପର୍କୀୟଙ୍କର ପ୍ରଶ୍ନ ତ ଉଠୁନି । ଅଥଚ ହଠାତ୍ ଜଣେ ଝିଅର ଆବିର୍ଭାବ ମତେ ବାସ୍ତବରେ ଅଭିଭୂତ କରି ଦେଇଥିଲା !

ନମସ୍କାର !

ତରୁଣୀ କଣ୍ଠର ଝଂକାର ଶୁଣି ମୁଣ୍ଡ ଉଠେଇ ଚାହିଁଲି ଆଗକୁ । ବାଇଶି ତେଇଶି ବର୍ଷର ଜଣେ ଅପରୂପା ସୁନ୍ଦରୀ ମୋର ଆଗରେ ଠିଆ ହୋଇଥିଲା । ମୁଁ ଲକ୍ଷ୍ୟ କଲି । ପାଶ୍ଚାତ୍ୟ ଢଙ୍ଗରେ କେଶ ସଜ୍ଜା । ପରିଧାନରେ ନୀଳ ଶାଢ଼ୀ, ମ୍ୟାଚିଙ୍ଗ୍ ବ୍ଲାଉଜ୍ । ସବୁ ମିଶି ଝିଅଟି କେମିତି ଏକ ଅସମ୍ଭବ ଧରଣର ଆକର୍ଷଣୀୟ ସୌନ୍ଦର୍ଯ୍ୟର ଅଧିକାରିଣୀ ବୋଲି ପ୍ରତୀୟମାନ ହେଉଥିଲା । ମୋର କିଛି କହିବା ପୂର୍ବରୁ ସେ କହି ଉଠିଲା "ମୁଁ ବସି ପାରେ କି ।

'ଆରେ, ଆପଣ ସେମିତ ଠିଆ ହୋଇଛନ୍ତି ! ଏଥିରେ ପଗ୍ଭରିବାର କଣ ଅଛି । ବସନ୍ତୁ ନା'।" ହଠାତ୍ ଲଜ୍ଜିତ ହୋଇ ମୁଁ ଉତ୍ତର ଦେଲି ।

ସେ ଚେୟାର ଟାଣିନେଇ ଅଧରରେ ଏକ ସ୍ମିତହାସ୍ୟ ଖେଳାଇ ବସି ପଡ଼ିଲା ।

ତାପରେ ସେ କହିବାକୁ ଆରମ୍ଭ କଲା । ଆଉ ମୋତେ କହିବାର ସୁଯୋଗ ପ୍ରାୟ ଦଶ ମିନଟ ପର୍ଯ୍ୟନ୍ତ ଦେଇ ନ ଥିଲା । ଅଯଥା ଗପିବା ଗୋଟାଏ ଅଭ୍ୟାସ ତାର ବୋଧହୁଏ । ତେବେ ତାର ସେହି ଲମ୍ବା ବକ୍ତବ୍ୟର ସାରାଂଶ ହେଲା, ସେ ନିଜ ପିତା ମାତାଙ୍କର ଏକମାତ୍ର ସନ୍ତତି । ତା ବାବାଙ୍କର ଦିଲ୍ଲୀ ଆଉ ବମ୍ବେରେ ଦୁଇଟି ଏଡ୍‌ଭର୍‌ଟାଇଜିଂ ଫାର୍ମ ଅଛି । ନିଜର ଶିକ୍ଷା ମଧ୍ୟ ଅର୍ଦ୍ଧେକରୁ ଅଧିକ ଲଣ୍ଡନରେ ହିଁ ପ୍ରାପ୍ତ କରି ଯାଇଥିଲା । ବର୍ତ୍ତମାନ ନିଜ ଦେଶର ସଂସ୍କୃତି ସମ୍ବନ୍ଧରେ ଉଚ୍ଚ ଜ୍ଞାନ ଅର୍ଜ୍ଜନ କରିବା ନିମନ୍ତେ ଦେଶ ପର୍ଯ୍ୟଟନରେ ବାହାରିଛି । ସାଥୀରେ ନିଜର ଖଣ୍ଡିଏ କାର୍ ଆଉ ନିଜ ଘରର ବିଶ୍ୱସ୍ତ ଡ୍ରାଇଭର । ସେ ହିଁ ଅଟିର ଅଙ୍ଗରକ୍ଷକ, ସେବକ, ସବୁକିଛି । ନିଜେ ମଧ୍ୟ କାର୍ ଚଳାଇବାରେ ସୁଦକ୍ଷା । ନାମ ହେଲା ସସ୍ମିତା ।

"—ଆପଣ ବର୍ତ୍ତମାନ ରହିଛନ୍ତି କେଉଁଠି ? କହିବାର ଅବସର ପାଇ ମୁଁ ପ୍ରଶ୍ନ କଲି ।

"—ଏଇ ରେଷ୍ଟହାଉସରେ । ଏ ପଟେ ଆପଣଙ୍କର ବଙ୍ଗଳା ଶୁନଶାନ ଦେଖି କୌତୁହଳ ଜନ୍ମିଲା । ଭାବିଲି ଟିକେ ଗୃହସ୍ୱାମୀଙ୍କ ସାଥୀରେ ଦେଖା କରି ଆସିଲେ ଭଲ ହୁଅନ୍ତା । ତା ଛଡ଼ା ଏଠି ସେମିତ ଭଲ ଖୋସାପିଠି ମଧ୍ୟ ମିଳିବ କା' କେଉଁଠି ? ତାଙ୍କ

ସାଥୀରେ ଟିକେ ଦେଖାହେଲେ ଅନ୍ତତଃ କିଛିଟା ସମୟ ଆନନ୍ଦରେ କଟିଯାଆନ୍ତା ।"

ମୁଁ ହସିଲି ।

"ଦେଖନ୍ତୁ ମିସ୍ ସରିତା, ଏ ପର୍ଯ୍ୟନ୍ତ ମୁଁ ଅବିବାହିତ । ସେ ପ୍ରକାର ଝିନ୍‌ଝଟ୍‌ରୁ ମୁକ୍ତ ରହିବାକୁ ମଧ୍ୟ ମୁଁ ଅଧିକ ପସନ୍ଦ କରେ ।" ମୁଁ ହସି ହସି କହିଲି ।

ସେ କଥା ଶୁଣିଲା ପରେ ଅନେକ ହସିଥିଲା ସରିତା । ତା'ପରେ କହିଥିଲା, ମୁଁ ମଧ୍ୟ ଏପ୍ରକାର ବନ୍ଧନରୁ ମୁକ୍ତ ରହିବାକୁ ଚାହେଁ । କାହାରି ଗୋଟାଏ ଗଳାରେ ବାନ୍ଧିହେବା ପସନ୍ଦ କରେନା ।"

—ହଁ, ଏଥର କଥା ବଦଳାଇ କହିଲି—ଆପଣ କୁହନ୍ତୁ ମିସ୍ ସରିତା ଆପଣ କଣ ପିଇବେ ? ଚା' ନା' କଫି କିମ୍ବା......? ମାନେ ଆପଣ ୟୁରୋପରେ ରହି ଆସିଛନ୍ତି କି ନା' ! ମୁଁ କହିଲି ।

"ନା', ଆପଣ ଭୁଲ ବୁଝିଛନ୍ତି । ଅବଶ୍ୟ ମୁଁ ୟୁରୋପରେ ରହି ଆସିଛି ସତ, ହେଲେ ସେଠିକାର ଏଇ କେତେଟା କୁ-ଅଭ୍ୟାସକୁ ମୁଁ ସାଥୀରେ ଆଣି ପାରିନି । ସେଠି ପଢିବାହିଁ କେବଳ ଥିଲା ମୋର ଧ୍ୟେୟ । ହେଲେ ମୋର ନିଜ ଦେଶର ସଂସ୍କୃତି ମୋର ଅଧିକ ପ୍ରିୟ ।"

ହୁଁ । ଆପଣ ତାହେଲେ କଫି ପିଇବେ । ଏଇ ଯେମିତି ଅଣ୍ଟା ପଡ଼ିଛି···ସରିତାର ସେଇ କଥା ଜାଲ ମଧ୍ୟରୁ ମୁକ୍ତି ପାଇବା ଲାଗି ମୁଁ କହିଲି । ସେ କିଛି ଉତ୍ତର ଦେବା ପୂର୍ବରୁ ବୟକୁ ଡାକି ଦୁଇକପ କଫି ଆଣିବା ଲାଗି ନିର୍ଦ୍ଦେଶ ଦେଲି ।

× × ×

ଦୁହିଁଙ୍କ ମଧ୍ୟରେ କ୍ରମଶ ଆତ୍ମୀୟତା ଜମି ଆସୁଥିଲା ।

ମୁଁ କହିଲି, "ଆପଣ ଯଦି କିଛି ନ ଭାବନ୍ତି ମିସ୍ ସସ୍ମିତା, ଆପଣ ଆପଣଙ୍କର ଜିନିଷପତ୍ର ନେଇ ଆମ ବଙ୍ଗଳାକୁ ଚାଲି ଆସନ୍ତୁ । ଏତେବଡ଼ ବଙ୍ଗଳାରେ କେବଳ ମୁଁ, ମୋର ମା' ଆଉ ଜଣେ ଚାକର ମାତ୍ର....."

"—ନା' ଧନ୍ୟବାଦ । ଆମେ ସକାଳେ ଏଠିକି ଚାଲି ଆସିଥିଲୁ । କାର ରେଷ୍ଟ ହାଉସ ଆଗରେ ରଖା ଯାଇଥିଲା । ଦିନସାରା ତା ଚାରି ପାଖରେ ଫୁଟେ ଫୁଟେ ବରଫ ଜମିଗଲା । ଛାତ ଉପରେ ତ ବରଫ ପାହାଡ଼ ହୋଇଯାଇଛି । ଡ୍ରାଇଭର ସେ ସବୁକୁ ସଫା କରୁଛି । କାଲି ସକାଳେ ଆମେ ଏଠାରୁ ଚାଲିଯିବୁ । ଏଠାକୁ ଆସିଲେ ବିଶେଷ ହଇରାଣ ହେବାକୁ ପଡ଼ିବ ।"

ଯିବାକୁ ଉଠି ଠିଆ ହେଲା ସସ୍ମିତା ।

'ଚାଲନ୍ତୁ, ଆପଣଙ୍କୁ ରେଷ୍ଟହାଉସ୍ ପାଖରେ ମୁଁ ଛାଡ଼ି ଦେଇ ଆସିବି ।"

ହ୍ୟାଙ୍ଗରରୁ କୋଟ୍ କାଢ଼ିବାକୁ ହାତ ବଢ଼େଇ, ମୁଁ କହିଲି ।

କିନ୍ତୁ ସସ୍ମିତା କହିଲା, "ନା" ଆପଣ ଅଯଥା କଷ୍ଟ ପାଇବେ । ଏକା ଏକା ବୁଲିବା ମୁଁ ଅଧିକ ପସନ୍ଦ କରେ । ମୁଁ ତ ଭୟ କରେନା' ତା ଛଡ଼ା ଏଇ ରିଭଲ୍ଭର ହେଉଛି ମୋର ସାଥୀ । ଏଥିରେ ସାଇଲେନ୍ସର୍ ଫିଟ୍ ହୋଇଛି । କୌଣସି ଶବ୍ଦ ହେବନି, ତାବ୍ୟତୀତ ସମ୍ମୁଖୀନ ବ୍ୟକ୍ତିର ଶରୀର ଶୀତଳ ହୋଇଯିବ ।

ମୋର ଲକ୍ଷ୍ୟ ମଧ୍ୟ କେବେ ଭ୍ରଷ୍ଟ ହୋଇ ପାରେନା, ସେ ଦୃଢ଼ ବିଶ୍ୱାସ ମୋର ଅଛି । ଆପଣ ଲଣ୍ଡନର ମେଟର୍ ଡାଇସ୍ କନ୍‌ଭେଣ୍ଟରେ ଯାଇ ଦେଖି ପାରନ୍ତି ଏବେ ମଧ୍ୟ ଅନର୍ ବୋର୍ଡରେ ମୋ ନାମ ରହିଛି । ଶହେଟା ପକ୍ଷୀରୁ ଅଠାନବେଟା ପକ୍ଷୀ ମୋର

ଶିକାର ହୋଇଥିଲେ । ଆଚ୍ଛା ଆପଣଙ୍କୁ କଷ୍ଟ ଦେଲି—ଏବେ ମୁଁ ଆସୁଛି ।" ବିଦାୟ ନେବା ପୂର୍ବରୁ ମୁଁ କହିଲି, "ଦେଖନ୍ତୁ, ଯଦି ଆପଣ କେବେ କୌଣସି ପ୍ରକାର ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ନିଃସଙ୍କୋଚରେ ଆପଣଙ୍କର ଡ୍ରାଇଭର୍‌କୁ ମୋ ନିକଟକୁ ପଠାଇ ଦେବେ । ଆପଣଙ୍କ ଲାଗି କିଛି ବି କରି ପାରିଲେ ମୁଁ କୃତାର୍ଥ ହେବି ।"

"ନିଶ୍ଚୟ, ସାମାନ୍ୟ ଟିକେ ଅସୁବିଧା ହେଲେ ମଧ୍ୟ ଆପଣଙ୍କୁ କଷ୍ଟ ଦେବାକୁ ସଙ୍ଗେ ସଙ୍ଗେ ଚାଲି ଆସିବି । ଏକ କୃତଜ୍ଞତା ପୂର୍ଣ୍ଣ ଭଙ୍ଗୀରେ ଏତିକ କହି ହସି ହସି ମୋ ନିକଟରୁ ବିଦାୟ ନେଇ ଚାଲିଗଲା ସୁଶୀତା ।

× × ×

ସୁଶୀତା ଯିବା ପରେ ପରେ କେଜାଣି କାହିଁକି ମୁଁ ଛାତ ଉପରକୁ ଚାଲି ଯାଇଥିଲି । ଛାତ ଉପରୁ ଅନେକ ସମୟ ପର୍ଯ୍ୟନ୍ତ ତାର ଗତି ପଥକୁ ଚାହିଁ ରହିଥିଲି ।

ଘର ଭିତରକୁ ଆସି ପୁନର୍ବାର ମୁଁ ନିଜର ବ୍ୟବସାୟ ସମ୍ପର୍କରେ ଭାବିବାକୁ ଲାଗିଲି, ଫାର୍ମ ଯେ ବର୍ତ୍ତମାନ ଅନେକ ଅସୁବିଧାର ସମ୍ମୁଖୀନ ଥିଲା ସେ କଥା ଠିକ୍ । କିନ୍ତୁ ସେ ସମୟରେ କୌଣସି ଚିନ୍ତା ମୋ ମନକୁ ଆସି ପାରିଲା ନାହିଁ । ଜେନେରାଲ୍ ମ୍ୟାନେଜରଙ୍କ ପାଖକୁ ମୁଁ ଚିଠି ଲେଖି ଦେଲି—ଜୁଲାଇ ଆଠ ତାରିଖ ସୁଦ୍ଧା ମୁଁ ଶ୍ରୀନଗରରେ ପହଞ୍ଚି ଯିବି । ତା ପରେ ଯାଇ ଯେଉଁ କଥା ।

× × ×

ରାତି ପ୍ରାୟ ଦୁଇଟା ନିଦ ଭାଙ୍ଗିଗଲା । ହଠାତ୍ ରେଷ୍ଟହାଉସ୍ ମଧ୍ୟରୁ ସୁଶୀତା ବାହାରିବାର ମୁଁ ଲକ୍ଷ୍ୟ କଲି । ମୋର ଆଡ଼କୁହିଁ

ସେ ଆସୁଥିଲା । ମୁଁ ବିସ୍ମିତ ହୋଇ ପଡ଼ିଲି । ଏମିତି ସମୟରେ ସେ ଆସିବାର କାରଣ ଆଉ କଣ ହୋଇ ପାରେ ? ତା ହେଲେ କଣ କୌଣସି ଅସୁବିଧାର ସମ୍ମୁଖୀନ ସେ ହେଲା ? ଅନେକ ସମୟ ଧରି ମୁଁ ତାକୁ ଲକ୍ଷ୍ୟ କରୁଥିଲି । ଯେତେବେଳେ ସେ ମୋର ନିକଟସ୍ଥ ହୋଇ ଆସିଲା, ସେତେବେଳେ ମୁଁ ସ୍ତୂପ ଉପରୁ ଓହ୍ଲାଇ ଆସିଲି । ବାହାର କବାଟ ଖୋଲିଲା ପରେ ସରୀତା ମୋ ଆଗରେ ଠିଆ ହୋଇଥିଲା । ମତେ ଜଣାଗଲା ଯେମିତି ଖୁବ୍ ବିଚଳିତ ହୋଇ ପଡ଼ିଛି ସେ । ସେ ସଙ୍ଗେ ସଙ୍ଗେ କହିଲା, "ଦୟା କରି ଟିକେ ଶୀଘ୍ର ଆସନ୍ତୁ । କାର୍ ଷ୍ଟାର୍ଟ ହେଉ ନାହିଁ ।"

ମୁଁ ଆଶ୍ଚର୍ଯ୍ୟ ହେଲି, ମାନେ ଆପଣ କଣ ବର୍ତ୍ତମାନ ଚାଲି ଯିବେ ନା' କଣ ? ଏଇ ରାତିରେ ?

"—ନା ! କିନ୍ତୁ ଭୋରରୁ ହିଁ ଶୀଘ୍ର ଏଠାରୁ ଚାଲି ଯିବାକୁ ହେବ । ଡ୍ରାଇଭର ବ୍ୟସ୍ତ ହୋଇ ପଡ଼ିଛି, କାର୍‌ର କଣ ଗୋଳମାଳ ହୋଇ ଯାଇଛି । ଆପଣତ ନିଜେ ଆପଣଙ୍କ କାର୍ ଚଳାନ୍ତି । ତେଣୁ କାର୍ ସମ୍ବନ୍ଧରେ ଆପଣଙ୍କର ନିଶ୍ଚୟ ଅଭିଜ୍ଞତା ଥିବ । ଦୟାକରି ଟିକେ ଆସନ୍ତୁ ।" ବିଣାତ କଣ୍ଠରେ ସରୀତା କହିଲା ।

ଆଉ କିଛି ନକହି ମୁଁ ସରୀତା ସାଥୀରେ ଚାଲି ଯାଇଥିଲି । ପ୍ରାୟ ଦଶ ମିନଟ୍ ଭିତରେ ଆମେ ରେଷ୍ଟହାଉସ୍ ପାଖରେ ପହଞ୍ଚି ଗଲୁ । କାର୍ ଉପରେ ବରଫର ଆସ୍ତରଣ ଜମି ଯାଇଥିଲା । ଅଳ୍ପ ହଟାଇ ଦେଇ ଦେଖିଲି ଚାବି ସେଥିରେ ସେମିତି ଝୁଲୁଛି ।

"ଡ୍ରାଇଭର କାହିଁ ?" ମୁଁ ପଚାରିଲି ।

"ଥକି ଯାଇ ଶୋଇ ପଡ଼ିଛି ବିଚରା ।"

କାର୍ ଭିତରେ ବସିପଡ଼ି ମୁଁ ଖୁବ ଘୁରାଇଲି । ସାଙ୍ଗେ ସାଙ୍ଗେ ଷ୍ଟାର୍ଟ ହୋଇଗଲା ।

"କିନ୍ତୁ ଏ ତ ଠିକ୍ ଅଛି ।" ସରୀତା ଆଡ଼େ ଚାହିଁ ମୁଁ ପ୍ରଶ୍ନ କଲି ।

ଆଶ୍ଚର୍ଯ୍ୟ ! ଆପଣ ମ୍ୟାଜିକ୍ ଜାଣନ୍ତି ବୋଧହୁଏ ! ଡ୍ରାଇଭର ବହୁତ ସନ୍ଧ୍ୟାବେଳୁ ଷ୍ଟାର୍ଟ କରିବା ଲାଗି ଆପ୍ରାଣ ଚେଷ୍ଟା ଚଳେଇଛି । ଅଥଚ ଆପଣ ହାତ ଲଗାଇ ଷ୍ଟାର୍ଟ କରି ଦେଲେ । ଆଚ୍ଛା ଗୁଡ଼ନାଇଟ୍ । ଆସନ୍ତୁ ଘର ଭିତରେ ବସି ଅନ୍ତତଃ କଫି କପେ ଖାଇ ପାରିବ ।" ସେ କହିଲା ।

ରେଷ୍ଟହାଉସ୍ ଭିତରକୁ ମୁଁ ଚାଲିଗଲି । ତା' ରୁମରେ ଲାଇଟ୍ ଜଳୁଥିଲା । ବୋଧହୁଏ ଏ ଲାଇଟ ଜଳାଇ ସେ ଶୋଇଥିଲା ବା ମୋ ନିକଟକୁ ଯିବା ସମୟରେ ଲାଇଟ ଜଳାଇ ଚାଲି ଯାଇଛି । ରୁମଟିର କବାଟ ଭିତରୁ ବନ୍ଦଥିଲା । ମୁଁ ହାତରେ ଠେଲିଲା ପରେ ମଧ୍ୟ ସେ ଖୋଲିଲାନି । ହେଲେ ସେ ବୋଧହୁଏ ସଙ୍ଗେ ସଙ୍ଗେ ଖୋଲି ଦେଇଥିଲା ।

ରୁମର ଆଲୋକ ଭିତରେ ମୁଁ ଦେଖିଲି ସରୀତାର ତନୁ ଉପରେ ନାଇଟ୍ ଗାଉନ୍ ଜଡ଼ି ରହିଛି । ମୋତେ ଦେଖି ହଠାତ୍ ଆଶ୍ଚର୍ଯ୍ୟ ହୋଇ ସେ କହିଥିଲା, "ଆରେ, ମିଃ ମିଶ୍ର ! ଆପଣ ।

"—କଣ, ଏ ପର୍ଯ୍ୟନ୍ତ ଚାହିଁ-ପାରି ନଥିଲେ ନା' କଣ ?" କୌତୂହଳରେ ମୁଁ ପ୍ରଶ୍ନ କଲି । ନା, ମୁଁ ତ ଦେଖିଲି ମାତ୍ରେ ଚାହିଁ ଯାଇଛି, ବସନ୍ତୁ ।" ସେ କହିଲା ।

ମୁଁ ପଲଙ୍କ ଉପରେ ବସିଗଲି । ସରୀତାର ଆଖି ଦୁଇଟି ନିଦରେ ଭରି ହୋଇ ଆସିଥିଲା । କମନୀୟ ମୁଖ ମଣ୍ଡଳକୁ ମୁଁ ନିବିଷ୍ଟ ଚିତ୍ତରେ ଲକ୍ଷ୍ୟକରି ଚାଲିଥିଲି ।

ହଠାତ୍ ନୀରବତା ଭଗ୍ନ କରି ସରୀତା କହିଲା, "ହଁ, ଏଥର ଆପଣ କହନ୍ତୁ । ଏଟିକି ଆସିଲେ କେମିତି ।" ତାର ଅଳସ କଣ୍ଠସ୍ୱର ଶୁଣି ମୁଁ ଯେମିତି ଶାରୀରିକ ଉତ୍ତେଜନା ଅନୁଭବ କରୁଥିଲି । ସତରେ କେତେ ଚାଲାକ୍ ଏଇ ଝିଅଟା ! ନିଜେ ତାଙ୍କଆଣି ଅଜଣା ହେଉଛି । ସତେ ଯେମିତି ଆଦୌ କିଛି ମୁଁ ହଠାତ୍ ଜାଣେନା । ଉତ୍ତେଜିତ ହୋଇପଡ଼ି ସରୀତାକୁ ଦୁଇ ହାତରେ ଚାପି ଧରିଲି ।

"ଆରେ, ଆପଣ ଏ କଣ କରୁଛନ୍ତି ମିଃ ମିଶ୍ର ?" ସରୀତା ମୋର ପ୍ରତିରୋଧ କରୁ କରୁ କହିଲା ।

"କିଛି ନାହିଁ । କିନ୍ତୁ ଯାହା ଆପଣ ଚାହିଁଥିଲେ, ଠିକ୍ ସେଇଆ ।" ମୁଁ କହିଲି ।

ଅଭଦ୍ର ! ବଦମାସ୍ !" କ୍ରୋଧରେ ଚିତ୍କାର କରି ଉଠିଲା ସରୀତା । କ୍ଷିପ୍ର ଗତିରେ ନିକଟସ୍ଥ ଟେବୁଲ ପାଖକୁ ଉଠିଗଲା ସେ । ଟେବୁଲ ଉପରେ ତାର ପର୍ସ ପଡ଼ିଥିଲା । ଆଉ ତା ଭିତରେ ଥିଲା ତାର ସେଇ ରିଭଲଭରଟା । ଯାହାକୁ ମୁଁ ଅନେକ ଆଗରୁ ଦେଖି ସାରିଥିଲି ।

ମୁଁ ହଠାତ୍ ତା ଦୁଇହାତ ପଛକୁ କରି ଚାପି ଧରିଲି । ଆଉ ତାପରେ ସେ କୌଣସି ପ୍ରକାରର ପ୍ରତିରୋଧ କରି ନ ଥିଲା ।

କିନ୍ତୁ ହଠାତ୍ ସେ ପର୍ସ ନିକଟକୁ ଉଠିଯାଇ ରିଭଲଭର ବାହାର କରିଆଣିଲା । ସେଫ୍‌ଟି କେଚ୍ ଖୋଲି ଦେଇ ମୋ ଆଡ଼େ ଚାହିଁଲା ସରୀତା । ମୁଁ କିନ୍ତୁ ହସି ହସି ତା ହାତରୁ ରିଭଲଭର ଛଡ଼ାଇ ଆଣି ତଳେ ଫୋପାଡ଼ି ଦେଲି । ଅବଶ୍ୟ ଏଥିପାଇଁ ମତେ ଅନେକାଂଶ ବଳ ପ୍ରୟୋଗ କରିବାକୁ ପଡ଼ିଥିଲା । ତାପରେ ଶିଥିଳ ହୋଇ ପଲଙ୍କ ଉପରେ ଢଳି ପଡ଼ିଲା ସରୀତା ।

କ୍ଳାନ୍ତ ହୋଇ ପଡିଥିଲି ମୁଁ—ସେଥିଲାଗି ଏଠାରୁ ଚାଲିଯିବାଟା ହିଁ ମୁଁ ଉଚିତ ମନେ କଲି । ମତେ ଜଣାଗଲା ତାର ମନ ଅବ୍ୟବସ୍ଥିତ । ରାତ୍ରିରେ ଉଠି ଗୁଳି କରିଦେଇ ପାରେ ।

ଫେରିବା ସମୟରେ ମୁଁ ଜାଣିଲି ରାତି ତିନିଟା ବାଜି ସାରିଛି ବୋଲି । କ୍ଳାନ୍ତିରେ ମୁଁ ଆଶ୍ରୟ ଖୋଜୁଥିଲି । ବିଛଣାରେ ପଡିବା ସଙ୍ଗେ ସଙ୍ଗେ ମୁଁ ଗଭୀର ନିଦ୍ରାରେ ଶୋଇ ପଡ଼ିଲି ।

\+ \+ \+

ସକାଳ ନଅଟା ସୁଦ୍ଧା ଚାକର ମତେ ବିବ୍ରତ ସ୍ୱରରେ ଡାକି ଉଠାଇବାକୁ ଲାଗିଥିଲା । ମୋର ନିଦ ଭାଙ୍ଗିବା ସଙ୍ଗେ ସଙ୍ଗେ ସେ କହିଲା, ସବ୍-ଇନ୍‌ସପେକ୍ଟର ଶ୍ରୀକାନ୍ତ ମହାପାତ୍ର ଆପଣଙ୍କ ସାଥିରେ ଦେଖା କରିବା ଲାଗି ଆସିଛନ୍ତି । ସାଙ୍ଗରେ ଆଉ ଚାରିଜଣ କନେଷ୍ଟବଲ ମଧ୍ୟ ଆସିଛନ୍ତି ।"

ଶ୍ରୀକାନ୍ତ ମହାପାତ୍ରଙ୍କ ସହ ମୋର ପରିଚୟ ଥିଲା । ସେ ମୋର ବନ୍ଧୁ ।

ତଥାପି ଏକ ଅଜଣା ଆଶଙ୍କାରେ ଭୟଭୀତ ହୋଇ ମୁଁ ଡ୍ରଇଂ ରୁମରେ ପହଞ୍ଚିଲି । ମତେ ଦେଖି ଶ୍ରୀକାନ୍ତ ପ୍ରଥମେ କେଜାଣି କାହିଁକି ହସିଲେ ଏବଂ ପରେ ପରେ ଗମ୍ଭୀର ହୋଇଯାଇ ପ୍ରଶ୍ନ କଲେ, "ମିଃମିଶ୍ର ! ଆପଣ କାଲି ରାତିରେ ଉଠିକରି କଣ ବାହାରି ଆଡ଼େ କୁଆଡ଼େ ଯାଇଥିଲେ ?"

"—କାହିଁ, ନାଁ'ତ । କିନ୍ତୁ······।" ମୁଁ ଭାବିବାକୁ ଲାଗିଲି ସାରାରାତି ସହିତ ଘଟିଥିବା ଘଟଣା ମୋର ଅଳ୍ପ ଅଳ୍ପ ମନକୁ ଆସୁଥିଲା ।

"—ହଁ···ହଁ···ଭଲ ଭାବରେ ଚିନ୍ତା କରି କୁହନ୍ତୁ ।" ଶ୍ରୀକାନ୍ତ କହିଲେ ।

"—କିନ୍ତୁ କଣ ହୋଇଛି । ମି: ମହାପାତ୍ର ?" ମୁଁ ପ୍ରଶ୍ନକଲି ।

"—ରାତିରେ ରେଷ୍ଟହାଉସରେ ଥିବା ତରୁଣୀଟିକୁ ସକାଳୁ ମୃତ ଅବସ୍ଥାରେ ଦେଖାଯାଉଛି । ତାର କପାଳରେ ଗୁଳି ଲାଗିଛି । ଯେଉଁ ଗୁଳି ତାର ନିଜ ରିଭଲଭରର ବୋଲି ଜଣା ପଡ଼ୁଛି । କିଛି କହି ହେଉ ନାହିଁ ।" ସବ୍‌ଇନ୍‌ସପେକ୍ଟର ଶ୍ରୀକାନ୍ତ ମହାପାତ୍ର କହିଲେ ।

ଏ କଥା ଶୁଣିବା ପରେ ମୁଁ ବିବ୍ରତ ହୋଇ ପଡ଼ିଲି । ବନ୍ଧୁ, ଶ୍ରୀକାନ୍ତ ମହାପାତ୍ରଙ୍କ ଆଗରେ ସମସ୍ତ ଘଟଣା ଆଉ ଲୁଚାଇ ରଖିବା ଉଚିତ ମନେ ନକରି ସବୁ କହିଗଲି ।

ଶ୍ରୀକାନ୍ତ ମହାପାତ୍ର ସବୁ ଶୁଣିଲା ପରେ କହିଲେ, "ଯଦି ପ୍ରକୃତରେ ଘଟିଥାଏ ତେବେ ଆପଣ ସୁରକ୍ଷିତ । ରେଷ୍ଟହାଉସରୁ ଆପଣଙ୍କ ଘର ପର୍ଯ୍ୟନ୍ତ ଆସିବାର ପାଦଚିହ୍ନ ଆମକୁ ମିଳିଛି । ଯିବାର ଚିହ୍ନ ଆପଣଙ୍କର ମିଳି ପାରିନି । ଆଚ୍ଛା ମୁଁ ବର୍ତ୍ତମାନ ପାଇଁ ଆସୁଛି । ଆପଣଙ୍କର ବ୍ୟସ୍ତ ହେବାର କିଛି ନାହିଁ । ଇନ୍‌ସପେକ୍ଟରଙ୍କୁ ଖବର ଦିଆ ସରିଛି । ସେ ଏହାର ତଦନ୍ତ କରିବେ ।

ଶ୍ରୀକାନ୍ତ ମହାପାତ୍ର କନେଷ୍ଟବଲମାନଙ୍କ ସହିତ ଫେରିଗଲେ ।

ବିବ୍ରତ ହୋଇ ମୁଁ ଗଭୀର ଚିନ୍ତାରେ ନିମଗ୍ନ ହୋଇ ପଡ଼ିଲି । ପ୍ରତ୍ୟେକ କାର୍ଯ୍ୟତ ସମ୍ମତିର ସ୍ୱୀକୃତି ଫଳରେ ହିଁ ମୁଁ କରିଥିଲି । ତଥାପି ସେ ଏମିତି ଆତ୍ମହତ୍ୟା କରି ବସିଲା କାହିଁକି ? ମନ ମୋର ଅନେକ ଦୁର୍ବଳ ହୋଇ ପଡ଼ିଥିଲା । ମୁଣ୍ଡ ଘୁରେଇ ଦେଲା । ଏକ ଅଜଣା ଆଶଂକାରେ ମୁଁ ଶିହରି ଉଠୁଥିଲି । ଗଲା ରାତିର ସବୁକଥା ସ୍ପଷ୍ଟଭାବେ ମନେ ନ ପଡୁଥିଲେ ମଧ୍ୟ ଅଳ୍ପ ଅଳ୍ପ ମନେ ପଡୁଥିଲା । ମୋର ମନେ ପଡ଼ିଲା ସମ୍ମତି ମତେ ପ୍ରଥମେ

ସ୍ୱିଁ ତ ଆସି ସେଠାକୁ ଡାକିନେଇ ଥିଲା । ତାଛଡ଼ା କାର ଖରାପ ହେବା ଗୋଟାଏ ଯେ ବାହାନା ଥିଲା ସେ କଥା ମୁଁ ବୁଝି ପାରିଥିଲି; କିନ୍ତୁ ହଠାତ୍ ଯେ ତାର କଣ ହେଲା, ଆଉ ସେ ଏମିତି ଆତ୍ମହତ୍ୟା କଲା ସେ କଥା ମୁଁ ଅନେକ ବୁଝିବାକୁ ଚେଷ୍ଟା କରି ମଧ୍ୟ ବୁଝି ପାରିଲି ନାହିଁ । କଣ ହୋଇ ପାରେ ତା ର ଆତ୍ମହତ୍ୟାର କାରଣ । ଭାବି ଭାବି ମୁଁ ବିବ୍ରତ ହୋଇ ପଡ଼ୁଥିଲି ।

ବାରଟା ବାଜିବା ପରେ ମୁଁ ପହଞ୍ଚିଲି ରେଷ୍ଟହାଉସରେ । କେବଳ ମାତ୍ର ସବ୍‌ଇନ୍‌ସପେକ୍‌ଟର ଶ୍ରୀକାନ୍ତ ମହାପାତ୍ର, ଡ୍ରାଇଭର ଆଉ ରେଷ୍ଟହାଉସର ଚୌକିଦାର ଏବଂ ଦୁଇଜଣ କନେଷ୍ଟବଲ ସେଠାରେ ଉପସ୍ଥିତ ଥିଲେ । ମୋ ପହଞ୍ଚିବା ପରେ ପରେ ଇନ୍‌ସପେକ୍‌ଟର ଶିଶିର ଦାସ ଆସି ପହଞ୍ଚିଗଲେ ଭିତରୁ ।

ମୋତେ ଏକ ତୀକ୍ଷ୍ଣ ଦୃଷ୍ଟିରେ ଅନେକ ସମୟ ଧରି ଲକ୍ଷ୍ୟ କଲା ପରେ ଶିଶିର ଦାସ କହିଲେ, "ହୁଁ ଆପଣହିଁ ତେବେ ଦେବବ୍ରତ ମିତ୍ର ?"

ମୁଁ ମୁଣ୍ଡ ହଲାଇଲି ।

"—ମୋତେ ବର୍ତ୍ତମାନ ବିଶେଷ ଦୁଃଖର ସହ କହିବାକୁ ପଡ଼ୁଛି ମି: ମିତ୍ର ଆପଣଙ୍କୁ ବର୍ତ୍ତମାନ ମୁଁ ଗିରଫ କରୁଛି ।"

ମୁଁ ଚମକି ପଡ଼ି ପ୍ରଶ୍ନିଳ ଦୃଷ୍ଟିରେ ଇନସ୍‌ପେକ୍ଟରଙ୍କୁ ଚାହିଁଲି ।

ନିରୁପାୟ ହୋଇ ମୁଁ ତଳକୁ ମୁହଁ ପୋତିଲି । କଣ ହୋ ଗଲା । ସତରେ ! ମୁଁ କିଛି ଭାବି ପାରୁ ନଥିଲି । ସତରେ କ ମୁଁ ସରୀତାର ହତ୍ୟାକାରୀ ।

ଇନସ୍‌ପେକ୍‌ଟର କହି ଚାଲିଥିଲେ, "ମୁଁ ଦୁଃଖିତ ମି: ମି ରିଭଲଭରରୁ ମିଳିଥିବା ଅଙ୍ଗୁଳୀ ଚିହ୍ନ ଗୁଡ଼ିକର ଫଟୋ ନି

ସରିଥିଲା । ଫିଙ୍ଗର୍ ପ୍ରିଣ୍ଟ୍ ସେକସନ୍‌ର ରିପୋର୍ଟରୁ ଜଣା ପଡ଼ୁଛି ସେଥିରୁ ଅଙ୍ଗୁଳି ଚିହ୍ନ ଗୁଡ଼ିକ ଜଣେ ପୁରୁଷର ଏବଂ ସେ ଗୁଡ଼ିକ ନିଶ୍ଚିତ ଭାବେ ଆପଣଙ୍କର, ଏକଥା ପ୍ରମାଣିତ ହୋଇ ସାରିଛି । ଏହା ଛଡ଼ା ଆପଣ ମଧ୍ୟ ନିଜେ ସ୍ୱୀକାର କରି ସାରିଛନ୍ତି ଯେ ଆପଣ ରାତିରେ ସରିତା ରୁମ୍ ଭିତରକୁ ଯାଇଥିଲେ ବୋଲି ।"

"—କିନ୍ତୁ ଆପଣ ମୋତେ ବିଶ୍ୱାସ କରନ୍ତୁ ଇନସ୍‌ପେକ୍‌ଟର ! ହତ୍ୟା ସମ୍ବନ୍ଧରେ ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ । ତା ଛଡ଼ା ସରିତା ତ' ନିଜେ ମୋତେ ସେଠିକି ଡାକି ନେଇଥିଲା ।" ବିବ୍ରତ ହୋଇ ମୁଁ କହିଲି ।

ଇନସ୍‌ପେକ୍‌ଟର ବ୍ୟଙ୍ଗ ପୂର୍ଣ୍ଣ ସ୍ୱରରେ କହିବାକୁ ଲାଗିଲେ, "ଆପଣ ଜଣେ ଭଲ·ଲୟର୍ ହୋଇ ପାରନ୍ତି ମି: ମିଶ୍ର ହେଲେ ବରଫ ଉପରେ ଆପଣଙ୍କର ଆସିବାର ସମସ୍ତ ପ୍ରମାଣ ଆମକୁ ମିଳି ସାରିଛି, ମାତ୍ର ସରିତାର ଯିବାର କୌଣସି ପ୍ରକାର ପ୍ରମାଣ ନାହିଁ ।"

"—ଏ କଥା ସତ ହୋଇ ପାରେନା ଇନସ୍‌ପେକ୍‌ଟର ! ଆପଣ ମୋ ସାଥିରେ ଆସନ୍ତୁ ।"

ଇନସ୍‌ପେକ୍‌ଟର ଶିଶିର ଦାସଙ୍କୁ ସାଥିରେ ନେଇ ମୁଁ ଉଠି ଠିଆ ହେଲି । ସରିତା ନିକଟରେ ଅଧିକ ସମୟ ରହିବା ଲାଗି ମୁଁ ସିଧା ରାସ୍ତା ଛାଡ଼ି ଏକ ଛୋଟ ବଙ୍କା ରାସ୍ତାର ଆଶ୍ରୟ ନେଇଥିଲି । ଯାହା କି ସବ୍‌ଇନସ୍‌ପେକ୍‌ଟର ଶ୍ରୀକାନ୍ତ ମହାପାତ୍ର ମିଳି ପାରି ନଥିଲା । ସେ ରାସ୍ତାରେ କେବଳ ମୋର ବୁଟର ଚି

ଦେଖି ସେ ହୁଏତ ଭାବି ନେଇଛନ୍ତି ମୁଁ ରେଷ୍ଟହାଉସ ଆଡ଼େ ଯାଇଛି ବୋଲି ।

"ହୁଁ । ଆପଣ ଏଥର ନିଶ୍ଚୟ କହିବେ ରାତି ଭିତରେ କେହି ସରିତାଙ୍କର ସ୍ୟାଣ୍ଡେଲ ଚିହ୍ନ ଲିଭାଇ ଦେଇଛି, ନୁହେଁ ?" ଇନସ୍‌ପେକ୍‌ଟର ହୋ ହୋ ହୋଇ ହସି ଉଠିଲେ ।

ମୋ ଆଖି ଆଗରେ ଅନ୍ଧକାର ହୋଇଗଲା ।

ତାପରେ ହାଇକୋର୍ଟରେ ମକଦ୍ଦମା ଆରମ୍ଭ କରି ଦିଆଗଲା । ଯାହା କି ଖୁବ୍ ଶୀଘ୍ର ସମାପ୍ତ ହୋଇଗଲା । ସରିତାର ବାପା, ମା; ମଧ୍ୟ ଦିଲ୍ଲୀରୁ ଚାଲି ଆସିଥିଲେ । ତା'ର ବାପା ଯେମିତି ପାଗଳ ହୋଇ ଯାଇଥିଲେ । ଅଦାଲତ ଭିତରେ ମୋ ଆଡ଼କୁ ପିସ୍ତଲ୍ ଧରି ସେ ଝପଟି ଆସିଥିଲେ । ଜଣେ କନେଷ୍ଟବଲ ତାଙ୍କ ହାତରୁ ପିସ୍ତଲଟିକୁ ଛଡ଼ାଇ ନେଇ ନଥିଲେ ମୋ ଅବସ୍ଥା ହୁଏତ ଭିନ୍ନ ଧରଣର ହୋଇଥାନ୍ତା ।

ଶେଷରେ ଜଣେ ପ୍ରଖ୍ୟାତ ମନୋ ବୈଜ୍ଞାନିକଙ୍କ ଦ୍ୱାରା ମତେ ପରୀକ୍ଷା କରାଗଲା । ସେ ରିପୋର୍ଟ ଦେଲେ, ନିଦ୍ରାର ଅର୍ଦ୍ଧଚେତନ ଅବସ୍ଥାରେହିଁ ମୁଁ ବୋଧହୁଏ ରେଷ୍ଟହାଉସ୍‌ରେ ପହଞ୍ଚି ଯାଇଛି । ଏମିତି ହୋଇଥାଏ ଯେ ସୁପ୍ତାବସ୍ଥାରେ ବ୍ୟକ୍ତି ଯାହା କରିଚାଲେ, ଜାଗ୍ରତା ବସ୍ଥାରେ ସେ ସବୁ ଘଟଣା ତାର ଅଧିକାଂଶ ମନ ରହେ ନାହିଁ ।

ରିପୋର୍ଟ ଦେଖିଲା ପରେ ମୁଁ ଭାବିବାକୁ ଲାଗିଲି । ସେହି ରାତିର କେତୋଟି ଘଟଣା ଛାୟା ଭଳି ମୋ ଆଖି ଆଗକୁ ଅସ୍ପଷ୍ଟ

ଘରେ ଆସିବାକୁ ଲଗିଲା । ମୋର ମନେ ପଡ଼ିଲା, ଯେତେବେଳେ ମୁଁ ଫେରି ଆସିବାକୁ ବସିଲି, ସରିତା ବୋଧହୁଏ ମୋ ଆଡ଼କୁ ରିଭଲ୍‌ଭର ନେଇ ଆଗେଇ ଆସିଥିଲା । ଟ୍ରିଗାର ଉପରେ ତାର ହାତ ଥିଲା । ମୁଁ ହାତ ଛୁଆଁଇ ଦେବା ବେଳେ ଗୁଳି ବୋଧହୁଏ ଛାତରେ ବାଜିଛି । ହଁ ଏକଥା ମଧ୍ୟ ମୋର ଅଳ୍ପ ମନେ ପଡ଼ୁଥିଲା, ପରେ ପରେ ସେ ଚିତ୍କାର କରିବାକୁ ଲଗିଥିଲା । ବୋଧହୁଏ ତାକୁ ଗୁଳି ଚଳେଇ ଦେଇଛି । ହେଲେ···ନା···ନା···ଏକଥା ବା' ମୁଁ କରିପାରିବି କେମିତି ?

ହଁ, ଏକଥା ଅଳ୍ପ ଅଳ୍ପ ମନେ ପଡ଼ୁଛି ଯେ ମୁଁ ଯେତେ-ବେଳେ ତାର ରୁମ୍‌ର କବାଟ ଖୋଲିବାକୁ ଚେଷ୍ଟା କରିଥିଲି । ସେତେବେଳେ ସେଇଟା ଭିତରୁ ବନ୍ଦ ହୋଇଥିବାର ଜଣା ପଡ଼ିଥିଲା । ଅନେକ ସମୟ ପରେ ଭିତରୁ ଖଟ୍ କରି ଶବ୍ଦ ହୋଇଥିଲା । ଯେମିତି କେହି କବାଟର ଶିକୁଳି ଭିତରୁ ଖୋଲିଥିଲା ନିଶ୍ଚୟ । ସରିତା ତା' ଭିତରେ ଥିଲା ବୋଧହୁଏ ।

ଅନେକ ସମୟ ଭାବିଲା ପରେ ମୋର ଏକଥା ମଧ୍ୟ ମନେ ପଡ଼ିଲା ଯେ ଯେଉଁ ସରିତା ରେଷ୍ଟହାଉସରୁ ବାହାରି ମୋତେ ଡାକି ଆଣି ମୋ ସାଥିରେ ଥିବାର ଦେଖିଥିଲି ସେ ଗୋଟାଏ ନୀଳ ଶାଢ଼ୀ ଏବଂ ମ୍ୟାଚିଙ୍ଗ୍ ବ୍ଲାଉଜ ପିନ୍ଧିଥିଲା । ହେଲେ ରୁମ୍‌ର କବାଟ ଖୋଲିଲା ପରେ ସରିତାକୁ ଏକ ନାଇଟ୍ ଗାଉନ ପିନ୍ଧିଥିବାର ଦେଖିଥିଲି ବୋଧହୁଏ । କିନ୍ତୁ ଏହା ସମ୍ଭବ କିପରି ? ମୁଁ ବିବ୍ରତ ହୋଇ ପଡ଼ୁଥିଲି । ଏପରି ଅଦ୍ଭୁତ ସଂଯୋଗ ମୋତେ ବିବ୍ରତ କରି ପକାଇଥିଲା ।

ଶେଷରେ ମାନ୍ୟବର ବିଚାରପତି ଜୁରୀଙ୍କ ସହ ପରାମର୍ଶ କରି ଅଦାଲତରେ ନିଜର ରାୟ ଦେଲେ, "ନିଜେ ସରିତାର ହତ୍ୟାପାଇଁ ଦାୟୀ ହେଲେ ମଧ୍ୟ ସୁପ୍ତାବସ୍ଥାରେ ଏସବୁ ଘଟିଛି ବୋଲି ଉପଯୁକ୍ତ ପ୍ରମାଣ ମିଳିବା ଫଳରେ ମୁଁ ନ୍ୟାୟ ବିଚାର କରି ଶ୍ରୀ ଦେବବ୍ରତ ମିଶ୍ରଙ୍କୁ ସାତବର୍ଷ କାରା ଦଣ୍ଡର ଆଦେଶ ଦେଲି ।"

ଅଦାଲତରୁ ପୋଲିସ୍ ଭ୍ୟାନ୍‌ରେ ଜେଲ ଆସିବା ବେଳେ ମୋ ଆଖିରୁ କେଇବୁନ୍ଦା ଅଶ୍ରୁ ଝରି ଆସିଥିଲା । ମୋର ଏଇ ଦୁର୍ଭାଗ୍ୟ ପାଇଁ ନୁହେଁ—ଯେଉଁ ହତଭାଗିନୀ ମୋରି ଲାଗି ସୁନେଲି ସୁଖ ସ୍ୱପ୍ନରୁ ବଞ୍ଚିତ ହୋଇ ଚିରଦିନ ଲାଗି ବିଦାୟ ନେଲା, ତାରି ପାଇଁ ।

ନିମପୁର, କଟକ
ତା.୧୧.୮.୭୦

॥ କ୍ଷୁଦ୍ର ରହସ୍ୟ ଗଳ୍ପ



# ଉନ୍ମୋଚନ

●

ଲେଖିଛନ୍ତି

**ପ୍ରିୟକୁମାର ମିଶ୍ର**

●

---

ଆପଣ ପଢ଼ିଥିଲେ :—

ସରକାରୀ ଗୋଇନ୍ଦା ପ୍ରଭାତ ଚୌଧୁରୀ କୁଖ୍ୟାତ 'ସ୍କୋରପିନ୍ ଗ୍ୟାଙ୍ଗ୍'ର ରହସ୍ୟ, ଲୋକ ଚକ୍ଷୁକୁ ଆଣିବା ପୂର୍ବରୁ ନିହତ ହେଲେ । ଏହି ରହସ୍ୟାବୃତ୍ତ ଘଟଣାର ଆଲୋକପାତ ପାଇଁ କେନ୍ଦ୍ର ଗୋଇନ୍ଦା ସୁଜିତ କଲିକତା ଆସିଲେ । ଏରୋପ୍ଲେନରେ ଷୋଡ଼ଶୀ ତନ୍ୱୀ ଗୀତାଙ୍କ ସହ ପରିଚିତ ହେଲେ । ନିଜର କର୍ତ୍ତବ୍ୟ ପାଳନ ପାଇଁ କଲିକତାର 'ଇଣ୍ଟର ନାସନାଲ' ହୋଟେଲରେ ରହିଲେ । ଅବସରରେ ମୃତ ଗୋଇନ୍ଦା ପ୍ରଭାତ ଚୌଧୁରୀଙ୍କ ବାସଭବନକୁ ଯାଇ ଭଜନାଠାରୁ କିଛି ଆବଶ୍ୟକୀୟ ତଥ୍ୟ ସଂଗ୍ରହ କଲେ । ପରେ 'ଫଟୋଲାଇଫ୍'ରେ ମୃତ ପ୍ରଭାତ ଚୌଧୁରୀ ଦେଇଥିବା ଫଟୋ ନେଗେଟିଭଗୁଡ଼ିକୁ ଆଣି ନିଜ ରୁମ୍‌ରେ ଧୋଇ ଫଟୋଗୁଡ଼ିକର ପଜିଟିଭ କରିବାରୁ ଗୋଟିଏ କାର୍‌ର ବ୍ୟବହୃତ ନମ୍ବର W.B.C, 8902 ପାଇଲେ । ସେ ଭାବିଲେ ବୋଧହୁଏ ଏହା 'ସ୍କୋରପିନ୍ ଗ୍ୟାଙ୍ଗ୍'ର ବ୍ୟବହୃତ ମଟର ନମ୍ବର ।

ସଫଳତାର ଝଲକାଏ ହସ ତାଙ୍କ ମୁହଁରେ ଦେଖାଦେଇ ଉଭେଇ ଗଲା ।

ଏହାପରେ ପଢ଼ନ୍ତୁ........

ଗତ ସାତଟା । ନୃତ୍ୟ, ଗୀତରେ ପୁଣି ଉଠୁଛି ହୋଟେଲ 'ଇଣ୍ଟର ନ୍ୟାସନାଲ' । ବିଶେଷତଃ ବିଦେଶୀ ନୃତ୍ୟର ଆକର୍ଷଣ, ମୋହ ସମସ୍ତଙ୍କୁ ଭୁଲାଇ ରଖିଥାଏ । କ୍ରମେ ମଖୁଆଲ ହୋଇ ଉଠୁଥିଲା ହୋଟେଲ 'ଇଣ୍ଟର ନ୍ୟାସନାଲ' ।

ନୃତ୍ୟଗୀତ ଉପଭୋଗ କରିବା ପାଇଁ ହୋଟେଲ-ହଲ ଭିତରକୁ ପ୍ରବେଶକଲା ସୁଜିତ୍ ।

ଦୂରରୁ ସେ ଦେଖିପାରିଲା ଗୀତା ଗୋଟିଏ ପାଖରେ ବସି ନୃତ୍ୟକୁ ପୂର୍ଣ୍ଣପ୍ରାଣରେ ଉପଭୋଗ କରୁଛି । ମନେ ମନେ ବହୁତ ଖୁସିହୋଇ ଧୀରେ ଧୀରେ ଯାଇ ଗୀତା ବସିଥିବା ଚୌକିର ବିପରୀତ ପାର୍ଶ୍ୱରେ ବସିଲା ସେ ।

—ଆରେ·············ଗୀତା ସେ । ସୁଜିତ କହିଉଠିଲା ।

ମୁହଁ ବୁଲେଇଲା ଗୀତା । ତାର ଦୃଷ୍ଟି ସୁଜିତ ଉପରେ ପଡ଼ି ଗଲାକ୍ଷଣି ଆନନ୍ଦରେ କୁରୁଳି ଉଠିଲା ସେ ।

—ଆପଣ ଏଠି କେମିତି ।

—"ମୁଁ ଏହି ହୋଟେଲର ଉପର ମହଲାର ସାତ ନମ୍ବର ରୁମ୍‌ରେ ରହୁଛି । ହସି ହସି କହିଲା ସୁଜିତ ।

—"ଆପଣସିନା ମୋତେ ଭୁଲିଗଲେ; କିନ୍ତୁ ମୁଁ ଆପଣଙ୍କୁ ମୋଟେ ଭୁଲି ପାରିନାହିଁ ।" ଏହା କହିବାମାତ୍ରେ ତାର ଗୋରା ତକତକ ମୁହଁ ଲଜ୍ୟାରେ ଆରକ୍ତ ହୋଇ ଉଠିଲା ।

ସୁଜିତ ଗୀତାର ସୌନ୍ଦର୍ଯ୍ୟରୁ ଆକଣ୍ଠ ପାନ କରିବାରେ ଲାଗିଥିଲା ସେତେବେଳେ ।

ଗୀତାର କଥା ଶୁଣି ସେ ତାର ସଂବିତ ଫେର ପାଇଲା ଯେମିତ ।

—ଆପଣ କାଲି ଆମଘରକୁ ଯିବେ । ଗୀତା ଅନୁରୋଧ କରୁଥିଲା ସୁଜତକୁ ।

— "ମୋର ସେଠି ବା ଦରକାର କ'ଣ ?"

—"ମୁଁ ସେକଥା ମୋଟେ ଶୁଣିବି ନାହିଁ । ମୋର କାଲି ଜନ୍ମଦିନ । ଆପଣଙ୍କୁ ନିଶ୍ଚୟ ଯିବାକୁ ହେବ । ମୁଁ ଆସି ଆପଣଙ୍କୁ କାର୍‌ରେ ନେଇଯିବି ।"

—"ତା ହେଲେ ମୁଁ ନିଶ୍ଚୟ ଯିବି ।"

ବିଦେଶୀ ସଙ୍ଗୀତ ସହିତ ତାଳପକାଇ ନାଚିବା ପାଇଁ ଚୌକିରୁ ଉଠୁଥିଲେ ସୁଜତ ଓ ଗୀତା ।

●

ଅନୁରୋଧ ରକ୍ଷାକରି ଗୀତା ଘରକୁ ଗଲା ସୁଜତ ।

ଗୀତା ସୁଜତକୁ ତାର ପିତାଙ୍କ ସହିତ ପରିଚିତ କରାଇଦେଲା ।

ସୁଜତ ଲକ୍ଷ୍ୟକଲା ସତେ ଯେମିତି ଗୀତାର ବାପା ରାମଧନବାବୁ ତାକୁ ବହୁସମୟ ହେଲା ନିରୀକ୍ଷଣ କରୁଛନ୍ତି ।

ସେ ଗୀତାର ଅନୁପସ୍ଥିତି ଯୋଗୁ ନିଜକୁ ଅସହ୍ୟ ମନେକରୁଥିଲା ।

— [illegible] ଆମର [illegible] କରିବେ କି ?……

ବଜ୍ରଗମ୍ଭୀର କଣ୍ଠରେ ଏତିକ କହି ରାମଧନବାବୁ ଗୋଟିଏ ଆସନ ଦଖଲ କରି ସାରିଥିଲେ ।

ଏ ସ୍ୱର କେଉଁଠି ଶୁଣିଥିଲା ବୋଲି ସୁଜିତର ମନେହେଲା । ଭାବି ଭାବି ନିଃଶବ୍ଦରେ ଗୋଟିଏ ଆସନ ଗ୍ରହଣ କଲା ସେ ।

—ଆପଣ ବୋଧେ 'ଇଣ୍ଡିଆ ନ୍ୟାସନାଲ'ରେ ରହୁଛନ୍ତି । ହଠାତ୍ ପଚାରିବସିଲେ ରାମଧନବାବୁ ।

—"ଆପଣ କେମିତି ଜାଣିଲେ ।"

ଅପ୍ରତିଭ ହୋଇ ଉଠିଲେ ରାମଧନବାବୁ । ନିଜ ପ୍ରଶ୍ନର ଶିକାର ସେ ଯେ ନିଜେ ହେବେ, ଏହା ସେ ସ୍ୱପ୍ନରେ ସୁଦ୍ଧା ଭାବି-ପାରି ନଥିଲେ । ଥଙ୍ଗେଇ ଥଙ୍ଗେଇ କହିଲେ—ମୁଁ··ମୁଁ···ମୁଁ ଗୀତାଠାରୁ ଶୁଣିଲି ।

କିନ୍ତୁ ସେଠାରେ ଗୀତାର ଉପସ୍ଥିତ ରାମଧନବାବୁ ଓ ସୁଜିତ ମଧ୍ୟରେ ଚାଲିଥିବା କଥାବାର୍ତ୍ତାକୁ ଆଗେଇବାକୁ ଆଉ ଦେଲାନି ।

ସେ ( ଗୀତା ) ଭିଡ଼ିନେଇଗଲା । ସେ ଦୁଇ ଜଣଙ୍କୁ ଘର ଭିତରକୁ ।

●

ରାତି ସାତଟା । ସୁଜିତ୍‌ର କାର୍‌ଟି ଉଡ଼ିଚାଲିଛି କଲିକତାର ପିଚୁରାସ୍ତା ଉପରେ । ସୁଜିତ୍‌ର ସନ୍ଧାନୀ ଚକ୍ଷୁ ଦୁଇଟି ସନ୍ନିବେଶ ହୋଇଛି ଆଗରେ ଯାଉଥିବା କାର୍‌ର ନମ୍ବର ପ୍ଲେଟ ଉପରେ··· W. B. C. 8902—।

ଏତେଦିନ ପରେ ତାର ଅକ୍ଲାନ୍ତ ପରିଶ୍ରମ ସାର୍ଥକ ହେବାକୁ ଯାଉଛି । ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ଆଉ ବେଶୀ ଡେରି ନାହିଁ ।

ସୁଜିତ ଅନୁମାନ କଲାଯେ କଲିକତା ନଗରୀ ବହୁବେଳୁ ପଛରେ ପଡ଼ିଲାଣି ।

ହଠାତ ଆଗ କାର୍‌ଟି ମେନ୍‌ରୋଡ଼ ଛାଡି ଏକ ମାଟିରାସ୍ତା ଉପରେ ଦୌଡ଼ିବାକୁ ଲାଗିଲା । ସୁଜିତ ମଧ୍ୟ କାର୍‌ଟିକୁ ପିଛାକରୁଥାଏ ଅଳ୍ପ ବ୍ୟବଧାନ ରଖି ।

ଦଶ ମାଇଲ ମାଟି ରାସ୍ତା ଯିବାପରେ ଆଗ କାରଟି ଗୋଟିଏ ଜୀର୍ଣ୍ଣ ଅଟ୍ଟାଳିକା ସମ୍ମୁଖରେ ଠିଆ ହେଲା ।

ସୁଜିତ ମଧ୍ୟ ତାର କାରଟିକୁ ଅଟ୍ଟାଳିକାର କିଛିଦୂରରେ ଥିବା ଗୋଟିଏ ଗଛ ଉହାଡ଼ରେ ଲୁଚାଇ ସେହି ଅଟ୍ଟାଳିକା ଆଡ଼କୁ ଆଗେଇଲା । ହାତରେ ତାର ପ୍ଲେନ୍‌ଟ ଟର୍ଚ୍ଚ ଲାଇଟ୍ ଏବଂ ପକେଟରେ ଅଟୋମେଟିକ ପିସ୍ତଲ । ଏହି ସାଇଲେନ୍‌ସ ଯୁକ୍ତ ପିସ୍ତଲଟି ତାର ଜୀବନ ମରଣର ସାଥୀ । ତେଣୁ ଭୟ ଟିକିଏ କମି ଯାଇଥାଏ ସୁଜିତର ।

କେତେବେଳେ ଆକାଶରେ କଳାମେଘଗୁଡ଼ିକ ଭରି ରହିଥାଏ । ଚାରିଆଡ଼େ କଟିମିଟି ଅନ୍ଧାର ।

କିଛି ସମୟ ବାହାରେ ଅପେକ୍ଷା କଲାପରେ ସୁଜିତ ଅଟ୍ଟାଳିକାର ଉପର ମହଲାରେ ଗୋଟିଏ କୋଠରୀରେ ଆଲୋକ ଦେଖିବାକୁ ପାଇଲା ।

ପାଇପ୍ ଦ୍ୱାରା ଉପରକୁ ଚଢ଼ିବାକୁ ଲାଗିଲା ସୁଜିତ । ଅଜଣା ଆଶଙ୍କାରେ ତାର ଛାତି ଥରି ଉଠୁଥାଏ । ତଥାପି ସେ ଧୈର୍ଯ୍ୟ ହରାଇ ନ ଥାଏ । କ୍ରମେ ସତର୍କତାର ସହିତ କୋଠରୀର ନିକଟରେ ପହଞ୍ଚି ଝରକାବାଟେ ଭିତରକୁ ଉଙ୍କି ମାରିଲା ସୁଜିତ ।

କିନ୍ତୁ ସେ କୋଠରୀରେ ଯାହା ଦେଖିଲା ତାର ମୁଣ୍ଡ ଘୂରି ଯିବାକୁ ଲାଗିଲା ।

କୋଠରୀଟିର ତିନି ଚତୁର୍ଥାଂଶ ଖାଲି ସୁନା ଖଣ୍ଡରେ ପରିପୂର୍ଣ୍ଣ । ଖାଲିଥିବା ଅଂଶରେ ବସିଥାନ୍ତି କେତେଜଣ କଳା ପୋଷାକରେ ଆବୃତ ହୋଇ । ମୁହଁରେ କଳାକନା ପଡ଼ିଥାଏ ।

ସୁଜିତ କାନରେ ବାଜିଗଲା ଦେଶ ମାତୃକାର ଆହ୍ୱାନ ।

ଏତେଗୁଡ଼ିଏ ସୁନା ଯଦି ତାର ମାତୃଭୂମିର ବାହାରକୁ ଚାଲିଯାଏ, ତେବେ ଅଭାବ ଓ ଅନାଟନ ପୂର୍ଣ୍ଣ ତାର ମାତୃଭୂମି ଭାରତର ଅବସ୍ଥା କଣ ହେବ ।

କ୍ରୋଧରେ ଜଳି ଉଠିଲା ସୁଜିତର ମନ ଓ ପ୍ରାଣ । କିନ୍ତୁ ପରିସ୍ଥିତିର ମୂଲ୍ୟ ବୁଝି ସେ ଚୁପ୍ ରହି ସେମାନଙ୍କର କଥାବାର୍ତ୍ତା ଶୁଣିବାକୁ ଚେଷ୍ଟାକଲା ।

—"ଆଉ ଅପେକ୍ଷା କରି ହେବନି ଲିଡ଼ର । ପୋଲିସ ଓ ଗୁଇନ୍ଦା ବହୁତ ନିୟୋଜିତ ହେଲେଣି ଆମ ପଛରେ । ତେଣୁ ଯେତେ ଶୀଘ୍ର ସୁନା ଗୁଡ଼ିକ ଦେଶାନ୍ତର କରିବା ସେତେ ଭଲ ।" ସେମାନଙ୍କ ମଧ୍ୟରୁ ଜଣେ କହି ଉଠିଲା ।

—ମୁଁ ମଧ୍ୟ ସେଇଆ ଭାବୁଛି । ଆଜି ରାତି ଦୁଇଟାବେଳେ ଗୋଟିଏ ବଡ଼ ଜାହାଜ ଆସି ହୁଗୁଳିରେ ଲାଗିବ । ତୁମେ ଅତି

ସନ୍ତର୍ପଣରେ ସବୁତ ସୁନାଗୁଡ଼ିକ ଦୁଇଟା ଟ୍ରକରେ ଜାହାଜରେ ବୋଝେଇ କରିବ । ତା ପରେ ଆମର 'ସ୍କୋରପିନ୍ ଗ୍ୟାଙ୍ଗ' ଚାଲିଯିବ ଚୀନ ଦେଶକୁ ।

—ହାଃ ହାଃ ହାଃ··· । ବିଜୟର ହସ ହସୁଥିଲେ 'ସ୍କୋରପିନ୍ ଗ୍ୟାଙ୍ଗ'ର ଲିଡ଼ର ।

ସୁଜିତର ମନେହେଲା ସେ ଯେମିତି ଏ ସ୍ୱର କେଉଁଠାରେ ଶୁଣିଛି ???

ଚିହ୍ନିବାକୁ ଚେଷ୍ଟା କରୁଥିଲା ସେ ।

ହଠାତ୍ ଘଡ଼ିକୁ ଚାହିଁଲା ସେ । ରାତି ନଅଟା ବାଜିଥାଏ ସେତେବେଳକୁ । ଆଉ ମୋଟରୁ ପାଞ୍ଚ ଘଣ୍ଟା ବାକି । ଖୁବ୍ ଅଳ୍ପ ସମୟ ।

ସମୟର ସଦ୍‌ବ୍ୟବହାର ନ କଲେ ହୁଏତ ତାର ଜନ୍ମଭୂମିର ଏତେ ଗୁଡ଼ାଏ ସୁନା ଦେଶାନ୍ତର ହୋଇଯିବ ।

କାଳ ବିଳମ୍ବ ନକରି ନିଜ କାର ଆଡ଼କୁ ଧାଇଁଲା ସୁଜିତ ।

●

ରାତି ଗୋଟାଏ ।

ସୁଜିତ ଦୁଇଶହ ପୋଲିସ ଫୋର୍ସ, ଇନ୍‌ସପେକ୍ଟର ରାମନାଥ ଓ ଗୀତାକୁ ଧରି ଆଗେଇ ଆସୁଥିଲା ସେହି ଜୀର୍ଣ୍ଣ ଅଟ୍ଟାଳିକା ଆଡ଼କୁ ।

ଗୀତାକୁ ସଙ୍ଗରେ ନେବାର ସପକ୍ଷରେ ସେ ନଥିଲା; କିନ୍ତୁ ତାର ଜିଦ୍ ଦେଖି ସେ ସଙ୍ଗରେ ଆଣିଲା ।

ପ୍ରତ୍ୟେକ ମୂହୂର୍ତ୍ତ ତାର ମୂଲ୍ୟବାନ ।

ସେତିକବେଳେ 'ସ୍କୋରପିନ୍ ଗ୍ୟାଙ୍ଗ' ଭାରତ ଛାଡ଼ିବାର ସମସ୍ତ ବନ୍ଦୋବସ୍ତ କରିବାରେ ବ୍ୟସ୍ତ ।

ଆଉ କାଳ ବିଳମ୍ବ ନ କରି ସୁଜିତ ଗୀତାଙ୍କୁ ଓ ଇନ୍‌ସ୍‌ପେକ୍ଟରଙ୍କୁ ଧରି ଅଟ୍ଟାଳିକା ଭିତରକୁ ଆଗେଇ ଚାଲିଲା ।

ଅଟ୍ଟାଳିକାର ଚାରିଅଡ଼େ ପୋଲିସ ଘେରି ରହିଥାନ୍ତି ।

କ୍ରମେ ସୁଜିତ ପହଞ୍ଚିଲା ସେହି କଥିତ କୋଠରୀରେ ।

ଲିଡ଼ର ସମେତ ଅନ୍ୟାନ୍ୟ କେତେକ ସହକର୍ମୀ ବସି ରହିଥାନ୍ତି ସେହି କୋଠରୀରେ ।

—ହାଣ୍ଡ୍-ଅପ୍ । କେହି ବାହାରିବାର ବୃଥା ଚେଷ୍ଟା କରନ୍ତୁ । ବାହାରେ ପୋଲିସ ଜଗିରହିଛନ୍ତି ।

କେହି ବାହାରିବାର ଚେଷ୍ଟା କଲେ, ମୋର ପିସ୍ତଲରୁ ଗୁଳି ବାହାରିବାର ଉଦ୍ୟମ କରିବ ।"—ଏକ ବିଦ୍ରୂପର ହସ ହସୁଥିଲା ସୁଜିତ ।

ସେତେବେଳକୁ ଗୀତା ଓ ଇନସ୍‌ପେକ୍ଟର ଏତେଗୁଡ଼ିଏ ସୁନା ଦେଖି ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ।

କ୍ରମେ ସୁଜିତର ହୁଇସିଲରେ ସେହି ବାୟୁମଣ୍ଡଳ ପ୍ରକମ୍ପିତ ହେବାକୁ ଲାଗିଲା ।

●

'ସ୍କୋରପିନ୍ ଗ୍ୟାଙ୍ଗ'ର କେହି ହେଲେ ବାହାରକୁ ଯିବାର ସୁଯୋଗ ପାଇଲେ ନାହିଁ ।

'ସ୍କୋରପିନ୍ ଗ୍ୟାଙ୍ଗ'ର ଲିଡ଼ର ଛଡ଼ା ସମସ୍ତଙ୍କୁ ହାତକଡ଼ି ପିନ୍ଧାଗଲା ।

ସୁଜିତ ହସି ହସି ଯାଇ ଲିଡ୍ଡରର କଳାମୁଖା ଖୋଲିଦେଲା ।

"ହୋଟେଲ, 'ଇଣ୍ଟର ନ୍ୟାସନାଲ'ର ମ୍ୟାନେଜର ହରପ୍ରସାଦ !" ଇନସ୍‌ପେକ୍ଟର ଓ ଗୀତା ଏକ ସଙ୍ଗେ ପାଟିକରି ଉଠିଲେ ।

ମୁରୁକ ମୁରୁକ ହସୁଥିଲା ସୁଜିତ ।

—"ଏହି କ୍ଷେତ୍ରରେ ବି ଆପଣ ବୋକା ବନିଗଲେ ଇନସପେକ୍ଟର । ଇଏ ପ୍ରକୃତରେ ମ୍ୟାନେଜର ହରପ୍ରସାଦ ନୁହଁନ୍ତି ।" —ଏହାକହି ଲିଡ୍ଡର ମୁହଁରେ ଏକ ବିଧା ମାଇଲା ସୁଜିତ ।

ମୁହଁର ପ୍ଲାଷ୍ଟିକ ଖୋଳ ଭାଙ୍ଗିଯାଇ ତଳେ ପଡ଼ିଗଲା ଏବଂ ତାଭିତରୁ ଆଉ ଗୋଟିଏ ମୁହଁ ବାହାରି ଆସିଲା ।

"ବାପା !" ଏକ ଅସ୍ଫୁଟ ଚିତ୍‌କାର କରି ଉଠିଲା ଗୀତା ।

ସେ ଯେମିତି ବିଶ୍ବାସ କରି ପାରୁନଥିଲା ଯେ ତାର ବାପା ଏପରି ଜଘନ୍ୟ ଏବଂ ନୀଚ କାର୍ଯ୍ୟରେ ଲିପ୍ତ ଥିଲନ୍ତି ବୋଲି ।

ଗୀତାର ବାପା ରାମଧନବାବୁ ଲଜ୍ୟାରେ ମୁହଁ ଟେକି ଚାହିଁ ପାରୁ ନଥିଲେ

—କିନ୍ତୁ ଆପଣ ଏତେକଥା କିପରି ଜାଣିଲେ ସୁଜିତବାବୁ । ଚକିତ ହୋଇ ପଚାରିଲେ ଇନସ୍‌ପେକ୍ଟରଙ୍କୁ ରାମଧନ୍ ।

ଗୋଟିଏ ସଫଳତାର ହସ ହସି ଦେଇ କହିଲା ସୁଜିତ— "ଏହି ଗ୍ୟାଙ୍ଗକୁ ଧରିବାପାଇଁ ମୋତେ ବିଶେଷ ଭାବରେ ସାହାଯ୍ୟ କରିଥିଲା ମୃତ ଗୁଇନ୍ଦା ପ୍ରଭାତ ଚୌଧୁରୀଙ୍କର ଫଟୋ ଏବଂ ରାମଧନବାବୁଙ୍କର ଅସାବଧାନତା ।"

—ଅସାବଧାନତା ? ସତେ ଯେମିତି କିଛି ବୁଝି ପାରୁ ନଥିଲେ ଇନସ୍‌ପେକ୍‌ଟର ।

ହଁ ରାମଧନ ବାବୁଙ୍କର ଅସାବଧାନତା । ଥରେ ମ୍ୟାନେଜର

ରୁମକୁ ପଶି ଗଲାବେଳେ ସେ ତାଙ୍କର ପ୍ଲାଷ୍ଟିକ ଖୋଳକୁ ଭଲ ଭାବରେ ମୁହଁ ସହିତ ଖାପ ଖୁଆଇ ଲଗାଇ ପାରି ନଥିଲେ ।"

"–ମୋର ସନ୍ଧାନୀ ଚକ୍ଷୁର ଅନ୍ତରାଳେରେ ତାହା ଲୁଚି, ପାରିଲା ନାହିଁ ।"

—"କିନ୍ତୁ ଏହା ପରେ ମୁଁ ନିଶ୍ଚିନ୍ତ ହୋଇ ଯାଇଥିଲି ଯେ, ମ୍ୟାନେଜର ହୋଇଥିବା ବ୍ୟକ୍ତିଟି ନକଲି ।"

କିନ୍ତୁ ଇତ୍ୟବସରରେ ରାମଧନ ବାବୁ ପଟାସିୟମ ସାଇନାଇଡ଼ ଖାଇ ଦେଇଥିଲେ ।

ସୁଜିତ ତାଙ୍କ ଆଡ଼କୁ ଦେଖିଲା ବେଳକୁ ତାଙ୍କର ମୃତ ଶରୀର ତଳେ ଲୋଟୁଥିଲା ।

ସେ ବ୍ୟସ୍ତ ହୋଇ କହିଲା—"ଇନସ୍‌ପେକ୍‌ଟର, ଗୋଟିଏ କୁଖ୍ୟାତ ଦେଶ ଦ୍ରୋହୀକୁ ଆମ୍ଭେମାନେ ହରାଇଲୁ । ତୁମେ ବାକି ସମସ୍ତଙ୍କୁ ନେଇ ଯାଅ । କୋର୍ଟରେ ସମସ୍ତ ସାକ୍ଷ୍ୟ ମୁଁ ଦେବି ।"

ଇନସ୍‌ପେକ୍‌ଟର ରମାଧନ୍ ସୁଜିତ୍‌କୁ ସାଲ୍ୟୁଟ କରି ବିଜୟ ଗର୍ବରେ ଚାଲିଲେ କଲିକତା ଅଭିମୁଖେ 'ସ୍କୋରପିନ ଗ୍ୟାଙ୍ଗ'କୁ ସଙ୍ଗରେ ନେଇ । ଶେଷରେ ଏକ ଦେଶ ଦ୍ରୋହୀ ଏବଂ କୁଖ୍ୟାତ ଗ୍ୟାଙ୍ଗର ଅବସାନ ଘଟିଲା ।

କିନ୍ତୁ ସେତେବେଳକୁ ଗୀତାକୁ ନିଜର ନିବିଡ଼ ବାହୁ ବନ୍ଧନରେ ସମ୍ପୂର୍ଣ୍ଣ ଜଡ଼ାଇ ସାରିଥିଲା ସୁଜିତ ।

ଏତେ ଦିନ ପରେ ମୁକ୍ତି ପାଇ ସେହି ଦୀର୍ଘ ଅଟ୍ଟାଳିକା ସତେ ଯେମିତି ଆନନ୍ଦରେ ଉଲ୍ଲସିତ ହୋଇ ଉଠୁଥିଲା ସେହି ଦୁଇଜଣ ମିଳନ-ଲଗ୍ନକୁ ଉପଭୋଗ କରି ।

●